


◀ ଆଜିର 'ସକାଳ' ସହ 'ସିନ୍ଦୂରୀ' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-101 ◆SUNDAY ◆04 OCTOBER 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୪ ◆ସଂଖ୍ୟା-୧୦୧ ◆ରବିବାର ◆୦୪ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


ଭାରତକୁ ୮୫ ପଦକ: ଏସୀୟ କ୍ରୀଡ଼ା ଉଦ୍‌ଯାପନ ଆଜି

## ଶେଷ ପର୍ଯ୍ୟାୟରେ ସ୍ୱର୍ଣ୍ଣ ବର୍ଷା

■ ଟୋକିଓ, ୩।୧୦ (ଏଜେନ୍ସି): ଜାପାନର ଅନ୍ୟତମ ସହର ଆଇଚି-ନାଗୋୟାରେ ସେପ୍ଟେମ୍ବର ୧୯ରୁ ଚାଲିଥିବା ୨୦ତମ ଏସିଆନ ଗେମ୍ସ ଆସନ୍ତାକାଲି ଉଦ୍‌ଯାପିତ ହେବ। ଉଦ୍‌ଯାପନୀ ସମାରୋହ ସହ ଏହି ପ୍ରତିଯୋଗିତା ଆନୁଷ୍ଠାନିକ ଉଦ୍‌ଯାପିତ ହେବ। ଏହା ପୂର୍ବ ଦୁଇଦିନରେ ଭାରତୀୟ ପ୍ରତିଯୋଗୀମାନେ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ବର୍ଷା କରିଛନ୍ତି। ଗତକାଲି ବା ଶୁକ୍ରବାର ୬ଟି ଏବଂ ଆଜି ବା ଶନିବାର ଆଉ ୫ଟି ବା ଗତ ଦୁଇଦିନରେ ଭାରତ ୧୧ଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ଏହା ଫଳରେ ଭାରତ ମୋଟ ୨୧ ସ୍ୱର୍ଣ୍ଣ ସହ ମୋଟ ୮୫ଟି ପଦକ ଜିତି ଗତ ସଂସ୍କରଣ ଭଳି ପଦକ ତାଲିକାରେ ଚତୁର୍ଥ ସ୍ଥାନ ବଜାୟ ରଖିଛି।

ଶନିବାର ଇଭେଣ୍ଟରେ ଭାରତ ୫ଟି ସ୍ୱର୍ଣ୍ଣପଦକ ହାସଲ କରିଛି। ଏହା ମଧ୍ୟରୁ ପୁରୁଷ କ୍ରିକେଟ, ହକି ଟିମ୍ ଓ କୁସ୍ତିରେ ଅମନ ଶେରାୱତ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। କ୍ରିକେଟରେ ଅନୁଷ୍ଠିତ ଉତ୍କଣ୍ଠାପୂର୍ଣ୍ଣ ମୁକାବିଲାରେ ଭାରତ ୧୯ ରନ୍‌ରେ ପାକିସ୍ତାନକୁ ପରାସ୍ତ କରି କ୍ରମାଗତ ଦ୍ୱିତୀୟ ବର୍ଷ ଲାଗି ସ୍ୱର୍ଣ୍ଣପଦକ ହାସଲ କରିଛି। ପୂର୍ବରୁ ମହିଳା ଟିମ୍ ମଧ୍ୟ ସ୍ୱର୍ଣ୍ଣ ଜିତିଥିଲା। ହକିରେ ପୁରୁଷ ଦଳ ୫-୧ ଗୋଲ୍‌ରେ ମାଲେସିଆକୁ ସହଜରେ ପରାସ୍ତ କରି ମହିଳା ଟିମ୍ ଭଳି ସ୍ୱର୍ଣ୍ଣପଦକ ବଜାୟ ରଖିଛି। ହକିରେ ଉଭୟ ପୁରୁଷ ଓ ହକି ଦଳ ୨୦୨୮ ଆମେରିକାର ଲସ୍‌ଏଞ୍ଜେଲ୍ସରେ ହେବାକୁ ଥିବା ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି।

ମହିଳା ବିଭାଗରେ ଦୁଇ ପ୍ରତିଯୋଗୀ ତୀରନ୍ଦାଜ କୁମ୍‌କୁମ୍ ମୋହୋଦ ରିକର୍ଭ କାଟେଗୋରୀରେ ଓ ଗଲ୍ଫରେ ପ୍ରଣବୀ ଅର୍ସ ସ୍ୱର୍ଣ୍ଣପଦକ ଜିତି ଇତିହାସ ସୃଷ୍ଟିକରିଛନ୍ତି। ଏହି ବିଭାଗରେ ଭାରତର ଏହା ପ୍ରଥମ ସ୍ୱର୍ଣ୍ଣପଦକ। ହକି ଟିମ୍ ଭଳି କୁମ୍‌କୁମ୍ ମଧ୍ୟ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଗତ ସଂସ୍କରଣରେ ଭାରତ ୧୦୬ଟି ପଦକ ଜିତି ତାଲିକାର ୪ର୍ଥ ସ୍ଥାନରେ ରହିଥିଲା।

| ଭାରତର ପଦକ | |
|---|---|
| ସ୍ୱର୍ଣ୍ଣ | ୨୧ |
| ରୌପ୍ୟ | ୨୭ |
| କାଂସ୍ୟ | ୩୭ |
| ମୋଟ | ୮୫ |




ଭାରତୀୟ ପୁରୁଷ ହକି ଦଳ ଓ କ୍ରିକେଟ ଟିମ୍‌କୁ ସ୍ୱର୍ଣ୍ଣ ପଦକ

କୁସ୍ତି, ତୀରନ୍ଦାଜି ଓ ଗଲ୍ଫରେ ସ୍ୱର୍ଣ୍ଣ



## ଦୁଷ୍କର୍ମ ଅଭିଯୁକ୍ତକୁ ଏନ୍‌କାଉଣ୍ଟର

■ ଭୁବନେଶ୍ୱର, ୩।୧୦ (ସମିସ): ରାଜଧାନୀ ଭୁବନେଶ୍ୱରର ନୟାପଲ୍ଲୀ ଥାନା ଅଞ୍ଚଳରେ ହୋଇଥିବା ଜଘନ୍ୟ ଦୁଷ୍କର୍ମ କାଣ୍ଡର ୭୨ ଘଣ୍ଟା ମଧ୍ୟରେ କମିଶନରେଟ୍ ପୁଲିସ ଅଭିଯୁକ୍ତକୁ ଗିରଫ ବେଳେ ଏନ୍‌କାଉଣ୍ଟର କରିଛି। ଗୁରୁତର ଆହତ ଅବସ୍ଥାରେ ଅଭିଯୁକ୍ତ ଶ୍ରୀଧର ପଣ୍ଡା ଓରଫ ସନ୍ତୋଷ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଛି। ଅଭିଯୁକ୍ତର ଘର ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ଅଞ୍ଚଳରେ। ସେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଚକେଇସିଆଣି ଅଞ୍ଚଳରେ ଘର ଭଡ଼ା ନେଇ ରହୁଥିଲା। ବହୁ ଖୋଜାଖୋଜି ପରେ ପୁଲିସ ତାକୁ ଚନ୍ଦକା ଅଞ୍ଚଳରୁ ଶନିବାର ଗିରଫ କରିଛି। ଗିରଫ ବେଳେ ସେ ପେଟ୍‌କସ୍‌ରେ ପୁଲିସକୁ ଭୁସିବାକୁ ଉଦ୍ୟମ କରୁଥିଲା ବେଳେ ତାକୁ ଫାୟରିଂ କରାଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି। ସନ୍ତୋଷର ଡାହାଣ ଗୋଡ଼ରେ ଗୁଳି ବାଜିଛି। ପୁଲିସ କହିବା ଅନୁଯାୟୀ, ସନ୍ତୋଷ ଚୋରି କରିବାକୁ ପୀଡ଼ିତାଙ୍କ ଘରେ ପଶିଥିଲା। କିନ୍ତୁ ପରେ ସେ ଯୁବତୀଙ୍କୁ ଏକ ଲାଇଟର ସଦୃଶ ନକଲି ଏୟାରଗନ୍ ଦେଖାଇ ଭୟଭୀତ କରି ଦୁଷ୍କର୍ମ କରିଥିଲା। ୪୦ ମିନିଟ୍ ▶ପୃଷ୍ଠା-୭

ଏୟାର ଗନ୍ ସଦୃଶ ଲାଇଟର୍ ଦେଖାଇ କରିଥିଲା ଦୁଷ୍କର୍ମ

ମୋବାଇଲ ଚୋରି କରିବାକୁ ଆସିଥିଲା; ଦୁଷ୍କର୍ମ କରି ଚମ୍ପଟ୍

ଗୁରୁତର ଅବସ୍ଥାରେ ଅଭିଯୁକ୍ତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି



### ଓଲଟ ପାଲଟ



କଟକ ସହର ଦୁର୍ଗା ପୂଜା ପାଇଁ
ହେଲାଣି ସରଗରମ,
ରାସ୍ତାଘାଟ ମରାମତି ହୋଇନାହିଁ
ଶ୍ରଦ୍ଧାଳୁ ଏ ନେବେ ନାମ।
କଟକ ଚଣ୍ଡୀ ମନ୍ଦିରର କାମ
ପଡ଼ିଅଛି ସେହିପରି,
ଷୋଡ଼ଶ ବିଧିରେ ପୂଜା ଉପଚାର
ହେବ ଏବେ କେଉଁପରି ?
କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଅଛି
ନାହିଁ ତା'ର ଆଦି ଅନ୍ତ,
ମାଆଙ୍କ ଦର୍ଶନ ପାଇଁ କି ପୂଜାରେ
ଶ୍ରଦ୍ଧାଳୁଏ ହନ୍ତସନ୍ତ ॥

-ଯାଯାବର



ତେଜୁଛି ଜ୍ଞାନେଶ-ବିରୋଧୀ ଆନ୍ଦୋଳନ

## ସ୍ୱର ଚାପିବାକୁ ଉଦ୍ୟମ



■ ନୂଆଦିଲ୍ଲୀ, ୩।୧୦ (ଏଜେନ୍ସି): ବିବାଦୀୟ ଏସ୍‌ଆଇଆର୍‌ର ମୁଖ୍ୟ ସୂତ୍ରଧର କୁହାଯାଉଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଆନ୍ଦୋଳନ ତୀବ୍ର ହେବାକୁ ଲାଗିଛି। ଏହି ଆନ୍ଦୋଳନରେ କକ୍ରୋଚ ଜନତା ପାର୍ଟି (ସିଜେପି) ସମେତ ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ସାମିଲ ହୋଇଥିବା ବେଳେ ଆନ୍ଦୋଳନ ଚପାଇବା ଲାଗି ପୁଲିସ ନାଲିଆଖି ଦେଖାଇବା ଆରମ୍ଭ କରିଛି। ଗତକାଲି ଦିଲ୍ଲୀର ଯନ୍ତରମନ୍ତର ଓ ମୁମ୍ବଇର ଶିବାଜୀ ପାର୍କରେ ଆରମ୍ଭ ହୋଇଥିବା ଆନ୍ଦୋଳନ ନେଇ ପୁଲିସ ପ୍ରାୟ ୫୦୦ ଏଫ୍‌ଆଇଆର୍ ରୁଜୁ କରିଛି। ଏହାକୁ ନେଇ ସିଜେପି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ଚେତାବନୀ ଦେଇଛି ଯେ ଆନ୍ଦୋଳନ ଦମନ ପାଇଁ ଉଦ୍ୟମ କରାଗଲେ ଏହାକୁ ଆହୁରି ତୀବ୍ର କରାଯିବ। ଆସନ୍ତା ୧୦ ତାରିଖରୁ ଦିଲ୍ଲୀର ଯନ୍ତରମନ୍ତରରେ ହେବାକୁ ଯାଉଥିବା ସିଜେପି ଆନ୍ଦୋଳନ ପ୍ରଥମ ପର୍ଯ୍ୟାୟ ଅପେକ୍ଷା ଆହୁରି ଅଧିକ ତୀବ୍ରତର ହେବ। ▶ପୃଷ୍ଠା-୭

ଅକ୍ଟୋବର ୨ ଆନ୍ଦୋଳନ ପାଇଁ ଆଖିବୁଜା ଏତଲା

ଯନ୍ତରମନ୍ତର, ଶିବାଜୀ ପାର୍କ ଘଟଣାରେ ୫୦୦ ଏଫ୍‌ଆଇଆର୍

ଡରିବୁ ନାହିଁ; ଆନ୍ଦୋଳନ ଆହୁରି ତୀବ୍ର ହେବ: ଦୀପ୍‌କେ




## ବିଶେଷ ଟିପ୍ପଣୀ



ଦିଲ୍ଲୀ ପୁଲିସ ପ୍ରତିବାଦକାରୀ ଛାତ୍ରଛାତ୍ରୀ ଏବଂ କର୍ମୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବା ଉଚିତ । ଅକ୍ଟୋବର ୧୦ରେ ଦିଲ୍ଲୀ ଯୁବଶକ୍ତିର ସାମର୍ଥ୍ୟର ସାକ୍ଷୀ ହେବାକୁ ଯାଉଛି । ଭିନ୍ନମତ ଏକ ଗଣତାନ୍ତ୍ରିକ ଅଧିକାର । ଏହାକୁ ଧମକ କିମ୍ବା ବଳ ପ୍ରୟୋଗ କରି ଦମନ କରାଯାଇପାରିବ ନାହିଁ ।

*-ଅଭିଜିତ୍ ଦିପ୍‌କେ (ସିଜେପି ପ୍ରତିଷ୍ଠାତା)*



ନିର୍ବାଚନ କମିସନଙ୍କ ବିରୋଧରେ ଆମେ ବିଶାଳ ମିଳିତ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେଉଛୁ । ଆମେ ଗତକାଲି ଶିବାଜୀ ପାର୍କରେ ଆନ୍ଦୋଳନ ଦେଖିଲୁ । ଲୋକଙ୍କ ମଧ୍ୟରେ ଯଥେଷ୍ଟ କ୍ରୋଧ ଥିଲା । ଅନ୍ୟ ରାଜନୈତିକ ସଂଗଠନ ଓ କଂଗ୍ରେସ ପାର୍ଟି ମଧ୍ୟ ଏହାକୁ ସମର୍ଥନ ଦେଇଛନ୍ତି । ବାମ ଦଳଗୁଡ଼ିକ ମଧ୍ୟ ଆମ ସହିତ ଅଛନ୍ତି ।

*–ସଞ୍ଜୟ ରାଉତ, ଶିବସେନା (ୟୁବିଟି)*

## ଜେନ୍ Z

ନେହା ବୋରାଙ୍କ ସହିତ ଯୁବଶକ୍ତି ଠିଆ ହୋଇଛି । ଏଥର ଆର୍ ନହେଲେ ପାର୍ ହେବା ପରି ମନେ ହେଉଛି । ଏଥିପାଇଁ ଯୁବଶକ୍ତି ପ୍ରସ୍ତୁତ ହୋଇଛନ୍ତି । ଯୋଗେନ୍ଦ୍ର ଯାଦବ ଏବଂ ଆଇନଜୀବୀ କପିଲ ସିବଲଙ୍କ ସମେତ ଅନେକ ବରିଷ୍ଠ ନେତା ମଧ୍ୟ ପ୍ରତିବାଦରେ ଯୋଗ ଦେଇଛନ୍ତି ।

- ରାମନିବାସ ଭାକର @BhakarRN

## ଫ୍ଲାଏଦୁବାଇ ସହ-ପାଇଲଟ୍‌ଙ୍କୁ ନେଇ ଚାଞ୍ଚଲ୍ୟକର ତଥ୍ୟ

# ଚରମପନ୍ଥୀ ଚିନ୍ତାଧାରା ପାଇଁ ବାରଣ କରିଥିଲା ଓମାନ

ନୂଆଦିଲ୍ଲୀ, ୩।୧୦ (ଏଜେନ୍ସି): ଫ୍ଲାଏଦୁବାଇ ବିମାନରେ ଭାରତୀୟ ପାଇଲଟ୍ କ୍ୟାପ୍‌ଟେନ୍ ସ୍ମିତ ମଚ୍ଛାରଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ତଦନ୍ତର ସମ୍ମୁଖୀନ ଓମାନୀ ସହ-ପାଇଲଟ୍‌ଙ୍କ ପରିଚୟ ହାମାମ ଅଲହାମାମି ବୋଲି ଜଣାପଡ଼ିଛି । ତାଙ୍କୁ ନେଇ ତଦନ୍ତକାରୀ ସଂସ୍ଥାଗୁଡ଼ିକ ଖୋଳତାଡ଼ କରୁଥିବା ବେଳେ, ଚରମପନ୍ଥୀ ଚିନ୍ତାଧାରା ନେଇ



ପୂର୍ବରୁ ଓମାନରେ ତାଙ୍କୁ ବିମାନ ଚଳାଇବାରୁ ବାରଣ କରାଯାଇଥିବା ଦାବି ସାମ୍ନାକୁ ଆସିଛି । 'ଆଲ୍ ଆରବିୟା ଇଂଲିଶ'ର ରିପୋର୍ଟ ଅନୁଯାୟୀ, ଅଲହାମାମି ପୂର୍ବରୁ ଓମାନରେ ଉଡ଼ାଣ ସମ୍ପର୍କିତ ଦାୟିତ୍ୱରୁ ବାରଣ ହୋଇଥିଲେ । ସିରିଆରେ ରହିବା ସମୟରେ ସେ ଚରମପନ୍ଥୀ ଚିନ୍ତାଧାରାର ପ୍ରଭାବରେ ଆସିଥିବା ନେଇ ସୂତ୍ର ଦାବି କରିଛନ୍ତି । ପରେ ସେ ଓମାନ ଛାଡ଼ି ୟୁଏଇ ଯାଇଥିବା କୁହାଯାଇଛି । ସିଏନ୍‌ଏନ୍ ରିପୋର୍ଟରେ ମଧ୍ୟ ସମାନ ଦାବି ଉଠିଛି । ଓମାନର ଜାତୀୟ ବିମାନସେବାରେ ପ୍ରଶିକ୍ଷଣ ସମୟରେ ତାଙ୍କ ଚିନ୍ତାଧାରାକୁ ନେଇ ସନ୍ଦେହ ହେବାରୁ ତାଙ୍କୁ ପ୍ରଶିକ୍ଷଣରୁ ହଟାଯାଇଥିବା ଜଣେ ଆଞ୍ଚଳିକ କୂଟନୈତିକ ସୂତ୍ର କହିଛି । ତେବେ ପରେ ତାଙ୍କୁ ବିମାନସେବାର ଅନ୍ୟ ଏକ ଦାୟିତ୍ୱ ଦିଆଯାଇଥିବା ମଧ୍ୟ ରିପୋର୍ଟରେ ଉଲ୍ଲେଖ ଅଛି । ସୂଚନା ଅନୁଯାୟୀ, ଅଲହାମାମି ୟୁଏଇରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ବାପା ଓମାନୀ ଏବଂ ମା' ସିରିଆର ବୋଲି ସୂତ୍ରକୁ ଉଦ୍ଧୃତ କରି ସିଏନ୍‌ଏନ୍ କହିଛି । ସେ ଜୀବନର ଅନେକ ବର୍ଷ ୟୁଏଇରେ କାଟିଥିବା ଦାବି କରାଯାଇଛି । ସାଉଦି ଆରବର ତାବୁକ୍‌ରେ ବିମାନ ଜରୁରୀ ଅବତରଣ କରିବା ପରେ ତାଙ୍କୁ ୟୁଏଇକୁ ହସ୍ତାନ୍ତର କରାଯାଇଥିବା ଏବଂ ସେଠାରେ ଆତଙ୍କବାଦ ସମ୍ପର୍କିତ ତଦନ୍ତ ଚାଲିଥିବା ରିପୋର୍ଟରେ କୁହାଯାଇଛି । ଏହି ଘଟଣାକୁ ନେଇ ତାଙ୍କ ନିଯୁକ୍ତି ଓ ସୁରକ୍ଷା ଯାଞ୍ଚକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । ଅଲହାମାମି ମାତ୍ର ପ୍ରାୟ ୮ ମାସ ଧରି ଫ୍ଲାଏଦୁବାଇରେ କାମ କରୁଥିଲେ ବୋଲି ଜଣେ ଇସ୍ରାଏଲୀ ଅଧିକାରୀଙ୍କୁ ଉଦ୍ଧୃତ କରି ସିଏନ୍‌ଏନ୍ ରିପୋର୍ଟ କରିଛି । ତାଙ୍କ ପୂର୍ବ ଚାକିରିକୁ ନେଇ ମଧ୍ୟ ଭିନ୍ନ ରିପୋର୍ଟ ସାମ୍ନାକୁ ଆସିଛି । ସେପ୍ଟେମ୍ବର ୩୦ରେ ଦୁବାଇରୁ ତେଲ୍ ଆଭିଭ୍ ଯାଉଥିବା ଫ୍ଲାଏଦୁବାଇ ବିମାନର କକ୍‌ପିଟ୍‌ରେ ଘଟଣାଟି ଘଟିଥିଲା । ଅଭିଯୋଗ ଅନୁଯାୟୀ, ଅଲହାମାମି କ୍ୟାପ୍‌ଟେନ୍ ସ୍ମିତ ମଚ୍ଛାରଙ୍କୁ ଆକ୍ରମଣ କରିଥିଲେ । ଏହା ପରେ ବିମାନଟି ଦ୍ରୁତଗତିରେ ପ୍ରାୟ ୧୬ ହଜାର ଫୁଟ୍ ତଳକୁ ଖସିଥିଲା । ପରେ ହାଇଜାକ୍ ସମ୍ପର୍କିତ ଜରୁରୀ ସଙ୍କେତ ପଠାଯାଇଥିଲା । ଗୁରୁତର ଆହତ ହୋଇଥିଲେ ମଧ୍ୟ କ୍ୟାପ୍‌ଟେନ୍ ମଚ୍ଛାର ପ୍ରତିରୋଧ କରି କକ୍‌ପିଟ୍‌ର ଦ୍ୱାର ଖୋଲିବାରେ ସକ୍ଷମ ହୋଇଥିଲେ । ପରେ ବିମାନର କ୍ରୁ ସଦସ୍ୟ ଓ ଯାତ୍ରୀମାନେ କକ୍‌ପିଟ୍‌ରେ ପ୍ରବେଶ କରି ଅଭିଯୁକ୍ତ ସହ ପାଇଲଟ୍‌ଙ୍କୁ କାବୁ କରିଥିଲେ । ଦୁଇଜଣ ଅନ୍ୟ ପାଇଲଟ୍ ମଧ୍ୟ ବିମାନ ନିୟନ୍ତ୍ରଣରେ ସହଯୋଗ କରିଥିଲେ । ପରେ ବିମାନଟି ସାଉଦି ଆରବର ତାବୁକ୍‌ରେ ଜରୁରୀ ଅବତରଣ କରିଥିଲା । ବିମାନରେ ଥିବା ୧୮୦ ଜଣ ଯାତ୍ରୀ ଓ କ୍ରୁ ସଦସ୍ୟ ସୁରକ୍ଷିତ ଭାବେ ଓହ୍ଲାଇଥିଲେ । ଘଟଣାର ପ୍ରକୃତ କାରଣ, ଅଭିଯୁକ୍ତଙ୍କ ଉଦ୍ଦେଶ୍ୟ ଏବଂ ତାଙ୍କ ପୂର୍ବ ପୃଷ୍ଠଭୂମି ସମ୍ପର୍କିତ ତଥ୍ୟ ତଦନ୍ତ ପରେ ଅଧିକ ସ୍ପଷ୍ଟ ହେବ ।



ହସ୍‌ପିଟାଲରେ ଚିକିତ୍ସାଧୀନ ଭାରତୀୟ ପାଇଲଟ ସ୍ମିତ୍ ମଚ୍ଛାରଙ୍କୁ ଭେଟୁଛନ୍ତି ଦୁବାଇର କ୍ରାଉନ ପ୍ରିନ୍ସ ଶେଖ୍ ହମାଦାନ ବିନ୍ ମହମ୍ମଦ ବିନ୍ ରସିଦ ଅଲ ମଖତୁମ୍ । ମଚ୍ଛାରଙ୍କୁ ତାଙ୍କର ସାହାସ ପାଇଁ ପ୍ରଶଂସା କରିଛନ୍ତି ପ୍ରିନ୍ସ ।

## ଇଣ୍ଡିଆ ମେଣ୍ଟରେ ସାମିଲ ହେଲା ଟିଭିକେ

ଚେନ୍ନାଇ,୩।୧୦(ଏଜେନ୍ସି): ଅଭିନେତାରୁ ରାଜନେତା ହୋଇଥିବା ବିଜୟଙ୍କ ତାମିଲଗା ଭେଟ୍ରି କଝଗମ୍ (ଟିଭିକେ) ତାମିଲନାଡୁରେ ଇଣ୍ଡିଆ ବ୍ଲକ୍‌ର ବୈଠକରେ ଯୋଗଦେଇଛି । ତାମିଲନାଡୁ କଂଗ୍ରେସ କମିଟି (ଟିଏନ୍‌ସିସି) ସଭାପତି ମାଣିକମ୍ ଟାଗୋର ଏହାକୁ 'ଐତିହାସିକ ଦିନ' ବୋଲି ବର୍ଣ୍ଣନା କରିଛନ୍ତି । ତାଙ୍କ ମତରେ, ଟିଭିକେର ଅଂଶଗ୍ରହଣ ରାଜ୍ୟରେ ବିରୋଧୀ ମେଣ୍ଟକୁ ଅଧିକ ସୁଦୃଢ଼ କରିବ । ଚେନ୍ନାଇସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ହୋଇଥିବା ବୈଠକରେ କଂଗ୍ରେସ ସହ ଟିଭିକେ, ସିପିଏମ୍, ସିପିଆଇ, ଭିସିକେ, ଏମ୍‌ଡିଏମ୍‌କେ ଓ ଆଇୟୁଏମ୍‌ଏଲ୍ ପ୍ରତିନିଧି ଯୋଗଦେଇଥିଲେ । ଟିଭିକେ ପକ୍ଷରୁ ଆଧବ ଅର୍ଜୁନ ଓ ମାରିଆ ୱିଲସନ୍ ଉପସ୍ଥିତ ଥିଲେ । ବୈଠକରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ଏବଂ ଭୋଟର ତାଲିକାର ସ୍ୱତନ୍ତ୍ର ଗଭୀର ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ବିରୋଧୀ ଦଳଗୁଡ଼ିକର ଅଭିଯୋଗ ଉପରେ ଆଲୋଚନା ହୋଇଥିଲା । ବୈଠକ ପରେ ଟାଗୋର କହିଛନ୍ତି, ଅକ୍ଟୋବର ୧୫ରେ ଚେନ୍ନାଇରେ ମିଳିତ ପ୍ରତିବାଦ ହେବ । ଏହା ପୂର୍ବରୁ ଅକ୍ଟୋବର ୧୩ରୁ ୧୫ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିବାଦ କରାଯିବ ବୋଲି ଏମ୍‌ଡିଏମ୍‌କେ ନେତା ଭାଇକୋ କହିଛନ୍ତି ।

## ଗୌହାଟୀ ନାଇଟ୍ କ୍ଲବ୍‌ରେ ମହିଳାଙ୍କୁ ଆକ୍ରମଣ

ଗୌହାଟୀ, ୩।୧୦(ଏଜେନ୍ସି): ଆସାମର ଗୌହାଟୀ ଖାନାପାରା ଅଞ୍ଚଳର ଏକ ନାଇଟ୍‌କ୍ଲବ୍‌ରେ ଜଣେ ମହିଳାଙ୍କୁ ମାଡ଼ ମାରିବା ଓ ଅସଦାଚରଣ କରାଯାଇଥିବା ଅଭିଯୋଗ ସାମ୍ନାକୁ ଆସିଛି । ଘଟଣା ସମ୍ପର୍କିତ ଭିଡିଓ ସୋସିଆଲ ମିଡିଆରେ ପ୍ରସାରିତ ହେବା ପରେ ପୁଲିସ ନିଜଆଡୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏହି ଘଟଣାରେ ନାଇଟ୍‌କ୍ଲବ୍ ମ୍ୟାନେଜର, ଇଭେଣ୍ଟ ମ୍ୟାନେଜର ଓ ଫ୍ରଣ୍ଟ ଅଫିସ୍ କର୍ମଚାରୀଙ୍କ ସମେତ ୭ ଜଣଙ୍କୁ ପୁଲିସ ଗିରଫ କରିଛି । ଅକ୍ଟୋବର ୧ ରାତିରେ 'ଦି ଲୋକାଲ୍ସ କାଫେ ଆଣ୍ଡ ଲାଉଞ୍ଜ୍'ରେ ଏହି ଘଟଣା ଘଟିଥିବା ଜଣାପଡ଼ିଛି । ଭାଇରାଲ ଭିଡିଓରେ ଜଣେ ମହିଳା ପାର୍କିଂ ଅଞ୍ଚଳରେ ଭୂମିରେ ପଡ଼ିଥିବା ଦେଖାଯାଉଛି । ଦୁଇଜଣ ମହିଳା ତାଙ୍କୁ ଗୋଇଠା ମାରୁଥିବା ଏବଂ କିଛି ପୁରୁଷ ସେଠାରେ ଠିଆ ହୋଇଥିବା ଦେଖାଯାଇଛି । ଅନ୍ୟ ଏକ ଭିଡିଓରେ ଜଣେ ବ୍ୟକ୍ତି ମହିଳାଙ୍କୁ ଉଠାଇବାକୁ ଚେଷ୍ଟା କରୁଥିବା ଦେଖାଯାଇଛି । ପ୍ରାଥମିକ ସୂଚନା ଅନୁସାରେ, କ୍ଲବ୍ ଭିତରେ ଜଣେ ବାଉନ୍ସରଙ୍କ ସହ ମହିଳାଙ୍କର ବିବାଦ ହୋଇଥିଲା । ସେ ବିୟର ବୋତଲରେ ବାଉନ୍ସରଙ୍କୁ ଆକ୍ରମଣ କରିଥିବା ନେଇ ଅଭିଯୋଗ ରହିଛି । ପରେ ବାଉନ୍ସରମାନେ ତାଙ୍କୁ ଚତୁର୍ଥ ମହଲାରୁ ତଳକୁ ନେଇ ପାର୍କିଂ ଅଞ୍ଚଳରେ ମାଡ଼ ମାରିଥିବା ଏବଂ ପୋଷାକ ଖୋଲିଦେଇଥିବା ଅଭିଯୋଗ ହୋଇଛି । ତେବେ ବିବାଦ କିପରି ଆରମ୍ଭ ହୋଇଥିଲା, ତାହା ସ୍ପଷ୍ଟ ହୋଇନାହିଁ । ଗିରଫ ୭ ଜଣଙ୍କ ବୟସ ୨୧ରୁ ୩୦ ବର୍ଷ ମଧ୍ୟରେ ଏବଂ ସେମାନଙ୍କ ମଧ୍ୟରେ ୩ ଜଣ ମହିଳା ଅଛନ୍ତି । ଘଟଣା ପରେ କ୍ଲବ୍‌ଟି ବନ୍ଦ ଥିବା ଦେଖାଯାଇଥିବା ବେଳେ ପରିଚାଳନା ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ବିବୃତି ଦିଆଯାଇନାହିଁ । ପୁଲିସ ଘଟଣାର ସମସ୍ତ ଦିଗ ଯାଞ୍ଚ କରୁଛି ।

## ଆମେରିକାରେ ମନ୍ଦିରରେ ଭଙ୍ଗାରୁଜା

ନ୍ୟୁୟର୍କ,୩।୧୦(ଏଜେନ୍ସି): ଆମେରିକାର ଓହାଇଓର ଗ୍ରେଟର କ୍ଲିଭ୍‌ଲ୍ୟାଣ୍ଡ ଅଞ୍ଚଳର ଏକ ହିନ୍ଦୁ ମନ୍ଦିରରେ ଇଟା ମାଡ଼ କରି ଭଙ୍ଗାରୁଜା କରାଯାଇଥିବା ଅଭିଯୋଗ ହୋଇଛି । ଘଟଣା ସମୟରେ ମନ୍ଦିର ଭିତରେ ପୂଜକ ଓ କିଛି ଭକ୍ତ ଉପସ୍ଥିତ ଥିଲେ । ଏହି ଘଟଣାରେ ମନ୍ଦିରର କିଛି ଅଂଶ ଓ ଝରକା କ୍ଷତିଗ୍ରସ୍ତ ହୋଇଛି । ହିନ୍ଦୁ ସଂଗଠନ 'କୋଆଲିସନ୍ ଅଫ୍ ହିନ୍ଦୁସ୍ ଅଫ୍ ନର୍ଥ ଆମେରିକା' (କୋହ୍‌ନା) ଅନୁସାରେ, ଶୁକ୍ରବାର ଅପରାହ୍ନରେ ରିଚମଣ୍ଡ ହାଇଟ୍ସ ଅଞ୍ଚଳର 'ଶ୍ରୀ ସ୍ୱାମୀନାରାୟଣ ହିନ୍ଦୁ ମନ୍ଦିର ବଡତାଲଧାମ'ରେ ଏହି ଘଟଣା ଘଟିଥିଲା । ତେବେ ଘଟଣାରେ କେହି ଆହତ ହୋଇଛନ୍ତି କି ନାହିଁ, ସେନେଇ ସୂଚନା ମିଳିନାହିଁ । ଘଟଣାକୁ ନେଇ ସଂଗଠନ ପକ୍ଷରୁ ରିଚମଣ୍ଡ ହାଇଟ୍ସ ମେୟର କିମ୍ ଥୋମାସ ଓ ସ୍ଥାନୀୟ ପ୍ରଶାସନଙ୍କୁ ଘଟଣାର ନିନ୍ଦା କରିବା ସହ ଦୋଷୀଙ୍କ ବିରୋଧରେ ତୁରନ୍ତ ପୁଲିସ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ହିନ୍ଦୁ ଆମେରିକାନ ଫାଉଣ୍ଡେସନ ମଧ୍ୟ ଘଟଣାକୁ ନେଇ ଚିନ୍ତା ପ୍ରକାଶ କରିଛି । ସଂଗଠନ ପକ୍ଷରୁ ଏହାକୁ ସମ୍ଭାବ୍ୟ ଘୃଣାଜନିତ ଅପରାଧ ବୋଲି ଉଲ୍ଲେଖ କରାଯାଇ ଘଟଣାର ଭିଡିଓ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଧରିବାକୁ ଦାବି କରାଯାଇଛି । ତେବେ ଆକ୍ରମଣର ଉଦ୍ଦେଶ୍ୟ ଓ ଏହା ଘୃଣାଜନିତ ଅପରାଧ କି ନୁହେଁ, ତାହା ତଦନ୍ତରୁ ସ୍ପଷ୍ଟ ହେବ । ଆଗାମୀ ଦିନରେ ନବରାତ୍ରି ଅବସରରେ ହିନ୍ଦୁ ହେରିଟେଜ୍ ମାସ ପାଳନ ପାଇଁ ଓହାଇଓର ଭାରତୀୟ-ଆମେରିକୀୟ ସମୁଦାୟ ପ୍ରସ୍ତୁତି ନେଉଥିବା ସମୟରେ ଏହି ଘଟଣା ଘଟିଛି

## ଭାରତ ନିକଟରେ ପ୍ରତିବାଦ ଜଣାଇଲା ପାକିସ୍ତାନ

ଇସ୍‌ଲାମାବାଦ, ୩।୧୦(ଏଜେନ୍ସି): ପଞ୍ଜାବର ତରନତାରନ୍ ନିକଟ ଭାରତ-ପାକିସ୍ତାନ ସୀମାରେ ଦୁଇ ଜଣଙ୍କ ମୃତ୍ୟୁକୁ ନେଇ ଶନିବାର ପାକିସ୍ତାନ ଭାରତୀୟ କୂଟନୀତିଜ୍ଞଙ୍କୁ ଡାକି ପ୍ରତିବାଦ ଜଣାଇଛି । ପାକିସ୍ତାନର ଦାବି, ମୃତ ଦୁଇଜଣ ତା'ର ନାଗରିକ ଏବଂ ସେମାନେ ନିରସ୍ତ୍ର ଥିଲେ । ଭାରତୀୟ ଅଧିକାରୀଙ୍କ ଅନୁଯାୟୀ, ଶୁକ୍ରବାର ପାକିସ୍ତାନ ପଟୁ ତିନି ଜଣ ସନ୍ଦିଗ୍ଧ ବ୍ୟକ୍ତି ଭାରତୀୟ ସୀମା ଆଡ଼କୁ ଆସୁଥିଲେ । ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଯବାନ ସେମାନଙ୍କୁ ଅଟକିବାକୁ ସତର୍କ କରିଥିଲେ । ଜଣେ ପଛକୁ ଫେରିଯାଇଥିବା ବେଳେ ଅନ୍ୟ ଦୁଇଜଣ ଆଗକୁ ବଢ଼ିବାରୁ ବିଏସ୍‌ଏଫ୍ ଗୁଳି ଚଳାଇଥିଲା । ଏଥିରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିଲା । ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟ କହିଛି, ମୃତକମାନେ ଭୁଲବଶତଃ ଅନ୍ତର୍ଜାତୀୟ ସୀମା ଅତିକ୍ରମ କରିଥିବା ସାଧାରଣ ନାଗରିକ । ଘଟଣାର ତୁରନ୍ତ ସ୍ୱଚ୍ଛ ଓ ବିଶ୍ୱସନୀୟ ତଦନ୍ତ ସହ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆଇନଗତ ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛି । ଘଟଣାର ପ୍ରକୃତ ପରିସ୍ଥିତି ନେଇ ଉଭୟ ପକ୍ଷର ଦାବି ଭିନ୍ନ ରହିଛି ।

# ଭଙ୍ଗ ହେଉ ସଂସଦ, ବିଧାନସଭା

## ନିର୍ବାଚନ ବେଆଇନ, ବାଲଟ ପେପରରେ ଭୋଟ ହେଉ : କଂଗ୍ରେସ

କଲବୁର୍ଗି,୩।୧୦(ଏଜେନ୍ସି): ଏସଆଇଆର ନାମରେ କୋଟି କୋଟି ଲୋକଙ୍କ ନାମ ଭୋଟର ତାଲିକାରୁ କାଟି ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ଯେଉଁ କାଣ୍ଡ କରିଛନ୍ତି, ତାହା ଅକ୍ଷମଣୀୟ । ତାଙ୍କ ଅଧୀନରେ ହୋଇଥିବା ସମସ୍ତ ନିର୍ବାଚନକୁ ବେଆଇନ୍ ବୋଲି ଅଭିହିତ କରିଛନ୍ତି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ । ତେଣୁ ବାଲଟ୍ ପେପର ମାଧ୍ୟମରେ ସାନି ନିର୍ବାଚନ କରିବାକୁ ସେ ଦାବି କରିଛନ୍ତି ।



ଆଜି କର୍ଣ୍ଣାଟକର କଲବୁର୍ଗିରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଲୋକସଭା ଏବଂ ରାଜ୍ୟ ବିଧାନସଭା ଭଙ୍ଗ କରିବା ସହିତ ବାଲଟ୍ ପେପର ମାଧ୍ୟମରେ ନୂତନ ନିର୍ବାଚନ କରାଇବାକୁ ଖଡ଼୍‌ଗେ ଦାବି କରିଛନ୍ତି । ସେ କହିଛନ୍ତି ଯେ ସମଗ୍ର ଦେଶ ବର୍ତ୍ତମାନ ଅବୈଧ ନିର୍ବାଚନ ଦ୍ୱାରା ପରିଚାଳିତ ହେଉଛି । ନିର୍ବାଚନ କମିସନଙ୍କ ଦ୍ୱାରା ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍‌ଆଇଆର୍) ଏବଂ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍)ର ଅପବ୍ୟବହାର ନେଇ ସେ ଗୁରୁତର ଅଭିଯୋଗ କରିଛନ୍ତି । କୌଣସି ନିର୍ଦ୍ଦିଷ୍ଟ ବୁଥ୍‌ରୁ ୫୦୦ ଭୋଟରଙ୍କ ନାମ ହଟାଯିବା ତଥା ବିଜେପି-ଆରଏସଏସ କର୍ମୀଙ୍କ ଦ୍ୱାରା ନାମ କାଟିବା ପାଇଁ ପ୍ରୟାସ ହେଉଥିବା ସେ ଅଭିଯୋଗ କରିଛନ୍ତି । ଏହା ନିରପେକ୍ଷ ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରୁଛି ବୋଲି ସେ ଦର୍ଶାଇଛନ୍ତି । ଖଡ଼୍‌ଗେ ୨୦୨୩ର ମୁଖ୍ୟ ନିର୍ବାଚନ କମିସନର ଓ ଅନ୍ୟାନ୍ୟ ନିର୍ବାଚନ କମିସନର ନିଯୁକ୍ତି ଆଇନକୁ କଡ଼ା ସମାଲୋଚନା କରିଛନ୍ତି । ଏହି ଆଇନରେ ଚୟନ କମିଟିରୁ ଭାରତର ମୁଖ୍ୟ ବିଚାରପତିଙ୍କୁ ହଟାଇ ଜଣେ କେନ୍ଦ୍ରୀୟ ମନ୍ତ୍ରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି । ଏହାସହ ବର୍ତ୍ତମାନର ଏବଂ ପୂର୍ବତନ କମିସନରମାନଙ୍କ ବିରୋଧରେ ଦେୱାନୀ କିମ୍ବା ଫୌଜଦାରୀ କାର୍ଯ୍ୟାନୁଷ୍ଠାନରୁ ସୁରକ୍ଷା ପ୍ରଦାନ କରାଯାଇଛି । ଏପରି ବ୍ୟବସ୍ଥା ଗଣତନ୍ତ୍ରକୁ ଦୁର୍ବଳ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି । ନିର୍ବାଚନ କମିସନଙ୍କ ଆଭ୍ୟନ୍ତରୀଣ ମତଭେଦ ସମ୍ପର୍କରେ ସେ ପ୍ରଶ୍ନ ଉଠାଇଛନ୍ତି । ଦୁଇଜଣ ନିର୍ବାଚନ କମିସନର ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ଚିଠି ଲେଖିଥିଲେ ମଧ୍ୟ ସେଗୁଡ଼ିକର କୌଣସି ସମାଧାନ କରାଯାଇ ନାହିଁ । ଏହି ପ୍ରସଙ୍ଗରେ ଇଣ୍ଡିଆ ମେଣ୍ଟ ନିଜର ଆନ୍ଦୋଳନକୁ ଆହୁରି ତୀବ୍ର କରିବ । ଅକ୍ଟୋବର ୬ରେ ବିରୋଧୀ ସାଂସଦମାନେ ନୂଆଦିଲ୍ଲୀସ୍ଥିତ ନିର୍ବାଚନ କମିସନଙ୍କ କାର୍ଯ୍ୟାଳୟ ଅଭିମୁଖେ ପଦଯାତ୍ରା କରିବେ ବୋଲି ସେ କହିଛନ୍ତି ।

## 'ସତ୍ୟାଗ୍ରହ' ଅଭିଯାନ ଆରମ୍ଭ କଲେ ରାହୁଲ

ନୂଆଦିଲ୍ଲୀ, ୩।୧୦(ଏଜେନ୍ସି): ଦେଶର ବିଭିନ୍ନ ସ୍ଥାନରେ ଅନ୍ୟାୟ ବିରୋଧରେ ଲଢୁଥିବା ଲୋକଙ୍କ ସ୍ୱରକୁ ଏକାଠି କରିବା ପାଇଁ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ 'ସତ୍ୟାଗ୍ରହ' ନାମରେ ଏକ ନୂଆ ପଦକ୍ଷେପ ଆରମ୍ଭ କରିଛନ୍ତି । ସେ ଅନ୍ୟାୟ, ଅଧିକାର ଓ ସଂଘର୍ଷ ସମ୍ପର୍କିତ ନିଜ ଅନୁଭୂତି ଓ ସମସ୍ୟା ତାଙ୍କ ପାଖକୁ ପଠାଇବାକୁ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି । ରାହୁଲ କହିଛନ୍ତି, ଦେଶରେ ଅନେକ ଲୋକ ନିଜ ଅଧିକାର ପାଇଁ ଏକାକୀ ସଂଘର୍ଷ କରୁଛନ୍ତି । ଏହି ସମସ୍ତ ସ୍ୱରକୁ ଏକାଠି କରିବା ହେଉଛି 'ସତ୍ୟାଗ୍ରହ' ପଦକ୍ଷେପର ଉଦ୍ଦେଶ୍ୟ । ମହାତ୍ମା ଗାନ୍ଧୀଙ୍କ ସତ୍ୟାଗ୍ରହ ପରମ୍ପରା ସହ ଏହି ଅଭିଯାନକୁ ସେ ଯୋଡ଼ିଛନ୍ତି । ଗାନ୍ଧୀଙ୍କୁ ଜମି, ସମ୍ପତ୍ତି, କାରାଗାର ଓ ଅନ୍ୟାୟ ସମ୍ପର୍କିତ ହଜାର ହଜାର ଚିଠି ମିଳୁଥିବା ଉଲ୍ଲେଖ କରାଯାଇଛି । ଏହି ସମୟରେ ନିର୍ବାଚନ କମିଶନ ଓ ଭୋଟର ତାଲିକାର ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ରାଜନୈତିକ ବିବାଦ ଜାରି ରହିଛି । 'ଇଣ୍ଡିଆନ୍ ଏକ୍ସପ୍ରେସ୍' ରିପୋର୍ଟ ଅନୁଯାୟୀ, ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ଏସ୍‌ଆଇଆର୍ ସମ୍ପର୍କିତ ବିଭିନ୍ନ ନିଷ୍ପତ୍ତି ନେଇ ୧୦ ମାସରେ ଅତି କମ୍ ୧୪ ଥର ଆପତ୍ତି ଦର୍ଜ କରିଥିଲେ । ଏଥିରେ ନୂଆ ଭୋଟରଙ୍କ ପଞ୍ଜୀକରଣ ପାଇଁ ଫର୍ମ-୬ରେ ପରିବର୍ତ୍ତନ, ଭୋଟର ତଥ୍ୟଭଣ୍ଡାରର ନିୟନ୍ତ୍ରଣ, ପଶ୍ଚିମବଙ୍ଗରେ ନାମ ବାଦ୍ ନେଇ ଆପତ୍ତି ଏବଂ ଗୋଆରେ ଯୋଗ୍ୟ ଭୋଟରଙ୍କ ନାମ ତାଲିକାରେ ସାମିଲ ନହେବା ଭଳି ପ୍ରସଙ୍ଗ ରହିଥିଲା ।

## ଫ୍ରାନ୍ସରେ ଛାତ୍ର ଆନ୍ଦୋଳନ, ୪୦୦ ସ୍କୁଲ୍ ବନ୍ଦ

ପ୍ୟାରିସ୍,୩।୧୦(ଏଜେନ୍ସି): ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଓ ଭଲ ପରିସ୍ଥିତି ଦାବିରେ ଫ୍ରାନ୍ସରେ ହାଇସ୍କୁଲ୍ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ତୀବ୍ର ହୋଇଛି । ଶୁକ୍ରବାର ବିଭିନ୍ନ ସହରରେ ଛାତ୍ରମାନେ ସ୍କୁଲ୍ ପ୍ରବେଶପଥ ଅବରୋଧ କରିବା ସହ ନିଆଁ ଲଗାଇଥିବା ଓ ପୁଲିସ ଉପରକୁ ବସ୍ତୁ ଫିଙ୍ଗିଥିବା ରିପୋର୍ଟ ମିଳିଛି । ପୁଲିସ ପକ୍ଷରୁ ଲୁହବୁହା ଗ୍ୟାସ୍ ବ୍ୟବହାର କରାଯାଇଛି । ଶିକ୍ଷା ମନ୍ତ୍ରଣାଳୟ ଅନୁଯାୟୀ, ଶୁକ୍ରବାର ପ୍ରାୟ ୪୦୦ ସ୍କୁଲ୍ ବନ୍ଦ ରହିଥିବା ବେଳେ ଦେଶର ୩,୭୦୦ ହାଇସ୍କୁଲ୍ ମଧ୍ୟରୁ ୫୬୪ଟିରେ ପାଠପଢ଼ା ପ୍ରଭାବିତ ହୋଇଛି । ଛାତ୍ରମାନେ ଦୀର୍ଘ ସ୍କୁଲ୍ ସମୟ, ଅତ୍ୟଧିକ ଗରମ ଶ୍ରେଣୀଗୃହ, ଅପର୍ଯ୍ୟାପ୍ତ ସୁବିଧା ଓ ଶିକ୍ଷକଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି । ଅନ୍ୟପକ୍ଷରେ ସରକାର ଛାତ୍ରଙ୍କ ଦାବି ରଖିବା ଅଧିକାରକୁ ସ୍ୱୀକାର କରିଥିଲେ ମଧ୍ୟ ହିଂସାକୁ ନିନ୍ଦା କରିଛି । ଆନ୍ଦୋଳନ ସମୟରେ ପୁଲିସ ଅତ୍ୟଧିକ ବଳ ପ୍ରୟୋଗ କରୁଥିବା ନେଇ ଛାତ୍ରଙ୍କ ଅଭିଯୋଗ ରହିଛି । ଏହା ମଧ୍ୟରେ ପୁଲିସ ଅଧିକାରୀଙ୍କ ଉପରେ ଆକ୍ରମଣ ଘଟଣାରେ ଜଣେ ୧୭ ବର୍ଷୀୟ ଛାତ୍ର ଗିରଫ ହୋଇଛନ୍ତି । ଆନ୍‌ଦୋଳନ ଆରମ୍ଭଠାରୁ ପ୍ରାୟ ୨,୦୦୦ ଜଣଙ୍କୁ ପୁଲିସ ହେପାଜତକୁ ନେଇଥିବା ନ୍ୟାୟମନ୍ତ୍ରୀ କହିଛନ୍ତି ।




## ତିରୁପତି କାରଖାନାରେ ବିସ୍ଫୋରଣ, ୫ ମୃତ



ତିରୁପତି, ୩।୧୦(ଏଜେନ୍ସି): ଆନ୍ଧ୍ରପ୍ରଦେଶର ତିରୁପତି ଜିଲ୍ଲା ଅନ୍ତର୍ଗତ ଶ୍ରୀ ସିଟିରେ ଥିବା ଏକ ଫାର୍ମା କାରଖାନାରେ ବଏଲର ବିସ୍ଫୋରଣ ଘଟି ୫ ଜଣଙ୍କ ମୃତ୍ୟୁ ଘଟିଛି । ଦୁର୍ଘଟଣାରେ ଆଉ ୧୦ ଜଣ ଗୁରୁତର ଆହତ ହୋଇଛନ୍ତି । ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇ ଚିକିତ୍ସା କରାଯାଉଛି । ସତ୍ୟବେଡୁ ମଣ୍ଡଳ ଅଞ୍ଚଳରେ ଦୁର୍ଘଟଣାର ଖବର ପାଇବା ପରେ ପୁଲିସ ଓ ଜରୁରୀକାଳୀନ ସେବା ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଓ ରିଲିଫ୍‌କାର୍ଯ୍ୟ ଆରମ୍ଭ କରିଥିଲେ । ବିସ୍ଫୋରଣର ତୀବ୍ରତା ଏତେ ଅଧିକ ଥିଲା ଯେ କାରଖାନାର ଏକ ଅଂଶ ଭୁଶୁଡ଼ି ପଡ଼ିଥିବା ଜଣାପଡ଼ିଛି । ଭଙ୍ଗା ଅବଶେଷ ତଳେ ଆହୁରି କିଛି ଲୋକ ଫସିଥିବା ଆଶଙ୍କା କରାଯାଉଛି । ଅଧିକାରୀମାନେ କହିଛନ୍ତି, ତଦନ୍ତ ଶେଷ ହେବା ପରେ ହିଁ ଦୁର୍ଘଟଣାର କାରଣ ସ୍ପଷ୍ଟ ହେବ ।

## ସ୍ୱତନ୍ତ୍ର ଡ୍ରୋନ୍ ବାହିନୀ ଗଠନ ହେବନି: ବାୟୁସେନା ମୁଖ୍ୟ

ନୂଆଦିଲ୍ଲୀ, ୩।୧୦(ଏଜେନ୍ସି): ଭାରତୀୟ ବାୟୁସେନାରେ ଡ୍ରୋନ ପାଇଁ ଅଲଗା ବାହିନୀ ଗଠନ କରାଯିବ ନାହିଁ ବୋଲି ବାୟୁସେନା ମୁଖ୍ୟ ଏୟାର୍ ଚିଫ୍ ମାର୍ଶାଲ୍ ଏପି ସିଂହ କହିଛନ୍ତି । ଡ୍ରୋନ ଓ ଲୋଇଟରିଂ ମ୍ୟୁନିସନ୍‌କୁ ଅନ୍ୟ ଅସ୍ତ୍ର ଓ ଯୁଦ୍ଧ ପ୍ରଣାଳୀ ସହ ସମନ୍ୱୟ କରି ବ୍ୟବହାର କରାଗଲେ ଅଧିକ ପ୍ରଭାବଶାଳୀ ହେବ ବୋଲି ସେ କହିଛନ୍ତି । ବାୟୁସେନାର ବାର୍ଷିକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି, ବାୟୁସେନାରେ ଦୀର୍ଘଦିନ ଧରି ଡ୍ରୋନ୍ ପ୍ରଯୁକ୍ତି ରହିଛି ଏବଂ ଏବେ ଏହାର ସଂଖ୍ୟା ଓ କ୍ଷମତା ବଢ଼ାଯାଉଛି । ଏହାସହ ବାୟୁସେନାର ଯୁଦ୍ଧବିମାନ ସଂଖ୍ୟା ହ୍ରାସ ପାଉଥିବା ସେ ସ୍ୱୀକାର କରିଛନ୍ତି । ତେଜସ୍ ମାର୍କ-୧ଏ, ଏମ୍‌ଆର୍‌ଏଫ୍‌ଏ ଓ ମାର୍କ-୨ ଭଳି ବିମାନ ମାଧ୍ୟମରେ ଏହି ଅଭାବ ପୂରଣ ଉପରେ ଗୁରୁତ୍ୱ ଦିଆଯାଉଛି । ଏଏମ୍‌ସିଏରେ ଅଧିକ ବିଳମ୍ବ ହେଲେ ବିକଳ୍ପ ଉପରେ ବିଚାର କରାଯାଇପାରେ ବୋଲି ସେ କହିଛନ୍ତି । ଭାରତୀୟ ପାଇଲଟ୍ କ୍ୟାପ୍‌ଟେନ୍ ସ୍ମିତ ମଚ୍ଛାରଙ୍କ ସାହସ ଓ ମାନସିକ ଦୃଢ଼ତାକୁ ମଧ୍ୟ ଏପି ସିଂହ ପ୍ରଶଂସା କରିଛନ୍ତି ।

## ତୁର୍କୀରୁ ଭାରତ ଅଣାଗଲା ଡ୍ରଗ୍ କିଙ୍ଗପିନ୍

ନୂଆଦିଲ୍ଲୀ, ୩।୧୦(ଏଜେନ୍ସି): ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଚାଲାଣ ମାମଲାରେ ଭାରତୀୟ ଏଜେନ୍ସିଗୁଡ଼ିକ ଖୋଜୁଥିବା ନବପ୍ରୀତ ସିଂହଙ୍କୁ ତୁର୍କୀରୁ ଭାରତ ଅଣାଯାଇଛି । ତାଙ୍କୁ ଭାରତରେ ପହଞ୍ଚିବା ପରେ ହେପାଜତକୁ ନିଆଯାଇଥିବା ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି । ତଦନ୍ତକାରୀ ଏଜେନ୍ସିଙ୍କ ଅନୁଯାୟୀ, ନବପ୍ରୀତ ନକଲି ପରିଚୟ 'ନବାବ ବିର୍କ' ନାମରେ ତୁର୍କୀ ନାଗରିକତା ହାସଲ କରିଥିଲେ । ସେ ବିଦେଶରୁ ଭାରତକୁ ହେରୋଇନ୍ ଓ ମେଥାମ୍‌ଫେଟାମିନ୍ ଭଳି ନିଶାଦ୍ରବ୍ୟ ଚାଲାଣ ନେଟୱର୍କ ପରିଚାଳନା କରୁଥିବା ଅଭିଯୋଗ ରହିଛି । ଅମିତ ଶାହ କହିଛନ୍ତି, ଭାରତୀୟ ଏଜେନ୍ସିଗୁଡ଼ିକ ତାଙ୍କ ପ୍ରକୃତ ପରିଚୟ ଠାବ କରି ତୁର୍କୀରୁ ତାଙ୍କୁ ଫେରାଇ ଆଣିବାରେ ସଫଳ ହୋଇଛନ୍ତି । ସରକାରୀ ତଥ୍ୟ ଅନୁଯାୟୀ, ୨୦୧୯ରୁ ଅଗଷ୍ଟ ୨୦୨୬ ମଧ୍ୟରେ ଭାରତ ୩୬ଟି ଦେଶରୁ ୨୮୮ ଜଣ ପଳାତକଙ୍କୁ ଫେରାଇ ଆଣିଛି । ୨୦୨୫ ଜାନୁଆରୀରେ ଆରମ୍ଭ ହୋଇଥିବା 'ଭାରତପୋଲ୍' ବ୍ୟବସ୍ଥା ମାଧ୍ୟମରେ ଅନ୍ତର୍ଜାତୀୟ ଏଜେନ୍ସିଗୁଡ଼ିକ ସହ ତଥ୍ୟ ଆଦାନପ୍ରଦାନ ଦ୍ରୁତ ହୋଇଥିବା ସରକାର କହିଛି ।

# ଆଉ ୭ ଦିନରେ ଯନ୍ତରମନ୍ତର-୨, ବଡ଼ ପ୍ରତିବାଦ ପାଇଁ କକ୍ରୋଚ୍ ପାର୍ଟିର ପ୍ରସ୍ତୁତି

- ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଅକ୍ଟୋବର ୧୦ରେ ଆନ୍ଦୋଳନ
- ଜୁଲାଇ ୨୦ର ଘଟଣା ନଦୋହରାଇବାକୁ ପୁଲିସକୁ ଚେତାବନୀ

ନୂଆଦିଲ୍ଲୀ,୩।୧୦(ଏଜେନ୍ସି): ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିକୁ ନେଇ ଆନ୍ଦୋଳନକୁ ଆହୁରି ତୀବ୍ର କରିବାକୁ ଘୋଷଣା କରିଛି କକ୍ରୋଚ୍ ଜନତା ପାର୍ଟି (ସିଜେପି) । ଜ୍ଞାନେଶ କୁମାର ଇସ୍ତଫା ନ ଦେଲେ ଆସନ୍ତା ଅକ୍ଟୋବର ୧୦ରେ ଦିଲ୍ଲୀର ଯନ୍ତରମନ୍ତରରେ ବଡ଼ ଧରଣର ପ୍ରତିବାଦ କରାଯିବ ବୋଲି ଦଳର ପ୍ରତିଷ୍ଠାତା ଅଭିଜିତ ଦିପ୍‌କେ ଘୋଷଣା କରିଛନ୍ତି । ମୁମ୍ବାଇର ଶିବାଜୀ ପାର୍କରେ ଅକ୍ଟୋବର ୨ରେ ହୋଇଥିବା ବିକ୍ଷୋଭ ପରେ ସିଜେପି ପକ୍ଷରୁ ଏହି ଘୋଷଣା କରାଯାଇଛି । ନିର୍ବାଚନୀ ଭୋଟର ତାଲିକାର ସ୍ୱତନ୍ତ୍ର ଗଭୀର ସଂଶୋଧନ (ଏସ୍‌ଆଇଆର) ପ୍ରକ୍ରିୟାରେ କଥିତ ଅନିୟମିତତା ଥିବା ଅଭିଯୋଗ କରି ସିଜେପି ମୁଖ୍ୟ ନିର୍ବାଚନ କମିଶନରଙ୍କ ଇସ୍ତଫା ଦାବି କରୁଛି । ଦିପ୍‌କେ ସୋସିଆଲ ମିଡିଆରେ କହିଛନ୍ତି ଯେ ଜ୍ଞାନେଶ କୁମାର ଇସ୍ତଫା ନ ଦେଲେ ଦେଶର ବିଭିନ୍ନ ସ୍ଥାନରୁ ତାଙ୍କ ସମର୍ଥକମାନେ ଦିଲ୍ଲୀ ଯନ୍ତରମନ୍ତରରେ ପ୍ରତିବାଦ କରିବେ । ଦିଲ୍ଲୀ ପୁଲିସ ଯଦି ଆନ୍ଦୋଳନକାରୀଙ୍କୁ ଯନ୍ତରମନ୍ତର ଯିବାରେ ଅଟକାଏ, ତେବେ ଯେଉଁ ସ୍ଥାନରେ ସେମାନଙ୍କୁ ଅଟକାଯିବ, ସେହି ସ୍ଥାନକୁ ଯନ୍ତରମନ୍ତର ଭାବେ ଧରି ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି । ତେବେ ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ରହିବ ବୋଲି ଦିପ୍‌କେ ଦାବି କରିଛନ୍ତି । ମହାତ୍ମା ଗାନ୍ଧୀଙ୍କ ଦେଖାଇଥିବା ଅହିଂସାର ପଥରେ ଆନ୍ଦୋଳନ କରାଯିବ ବୋଲି ସେ କହିବା ସହ ଜୁଲାଇ ୨୦ରେ ଦିଲ୍ଲୀରେ ଘଟିଥିବା ଘଟଣା ପୁଣି ନଘଟାଇବାକୁ ସରକାର ଓ ପୁଲିସକୁ ଆହ୍ୱାନ ଦେଇଛନ୍ତି । ସିଜେପିର ନୂଆ ଅନ୍ଦୋଳନ ଘୋଷଣାରେ ଜୁଲାଇ ୨୦ର ଦିଲ୍ଲୀ ଘଟଣାର ଉଲ୍ଲେଖ ବିଶେଷ ଗୁରୁତ୍ୱ ପାଇଛି । ସେହି ଦିନ ପାର୍ଲାମେଣ୍ଟ ଅଭିମୁଖେ ଯାଉଥିବା ଛାତ୍ର ପ୍ରତିବାଦକାରୀ ଓ ପୁଲିସ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ଏହି ଘଟଣାରେ କିଛି ଛାତ୍ର ଏବଂ ଦିଲ୍ଲୀ ପୁଲିସ, ରାପିଡ୍ ଆକ୍ସନ୍ ଫୋର୍ସ ଓ ସିଆରପିଏଫ୍‌ର କିଛି କର୍ମଚାରୀ ଆହତ ହୋଇଥିବା ରିପୋର୍ଟ ଆସିଥିଲା । ପରେ କିଛି ଭିଡିଓ ଓ ଫଟୋ ସାମ୍ନାକୁ ଆସିବା ପରେ ଆନ୍ଦୋଳନକାରୀଙ୍କ ଉପରେ ଧାତବ ପେଲେଟ୍ ବ୍ୟବହାର ହୋଇଥିବା ନେଇ ଅଭିଯୋଗ ଉଠିଥିଲା । ଏହି ଘଟଣା ଅଗଷ୍ଟରେ ସୁପ୍ରିମକୋର୍ଟରେ ପହଞ୍ଚିଥିଲା । ହିଂସା ଓ ପୁଲିସର କଥିତ ଅତ୍ୟଧିକ ବଳ ପ୍ରୟୋଗ ସମ୍ପର୍କିତ ଅଭିଯୋଗର ତଦନ୍ତ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିବା ଖବରରେ କୁହାଯାଇଛି ।



ଏଲିନାଙ୍କ ନୂଆ ଲୁକ୍

▸ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-101 ◆SUNDAY ◆04 OCTOBER 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୧୦୧ ◆ରବିବାର ◆୦୪ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦



ପୂଜ୍ୟପୂଜା ସମାରୋହ ୨୦୨୬

୪ ଅକ୍ଟୋବର ୨୦୨୬, ରବିବାର | ସ୍ଥାନ: ଜୟଶ୍ରୀ ଅଡିଟୋରିୟମ୍, ଡ୍ରିମ୍ସ ବିଶ୍ୱବିଦ୍ୟାଳୟ
ଟାଙ୍ଗୀ, କଟକ, ଓଡ଼ିଶା | ସମୟ: ପୂର୍ବାହ୍ନ ୧୧:୦୦ ଘଟିକା



ମୁଖ୍ୟ ଅତିଥି
ପରମପୂଜ୍ୟ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ଶ୍ରୀ ନରେନ୍ଦ୍ରାନନ୍ଦ ସରସ୍ୱତୀ
କାଶୀ ଧାମ, ବାରାଣସୀ



ସମ୍ମାନିତ ଅତିଥି
ପରମପୂଜ୍ୟ ଶ୍ରୀ ସତ୍ୟାନନ୍ଦ ଦାସ ମହାରାଜ
ଶ୍ରୀ ଜଗନ୍ନାଥ ସଂସ୍କୃତିର ବିଶିଷ୍ଟ ପ୍ରବକ୍ତା

ସମ୍ମାନିତ ବ୍ୟକ୍ତିତ୍ୱ -୨୦୨୬



ପ୍ରଫେସର ଦାଶ ବେନହୁର
ବିଶିଷ୍ଟ ସାହିତ୍ୟିକ ଓ ଶିକ୍ଷାବିତ୍



ଶ୍ରୀମତୀ ତୃପ୍ତି ଦାସ
ବିଶିଷ୍ଟ କଣ୍ଠଶିଳ୍ପୀ



ମହାନାୟକ ଶ୍ରୀ ଜନାର୍ଦ୍ଦନ ପଟ୍ଟଯୋଶୀ ମହାପାତ୍ର
ଛତିଶା ନିଯୋଗ, ଶ୍ରୀମନ୍ଦିର, ପୁରୀ



ଶ୍ରୀମତୀ ସୁଜାତା ପଟ୍ଟନାୟକ
ବିଶିଷ୍ଟ ସମାଜସେବୀ



ଶ୍ରୀ ବସନ୍ତ ମହାନ୍ତି
ଭାରତୀୟ କ୍ରିକେଟ ତାରକା

ପ୍ରଣମ୍ୟ
ଧନେଶ୍ୱର ରଥ

ଆପଣଙ୍କ ଦୂରଦୃଷ୍ଟି ଓ ମୂଲ୍ୟବୋଧର ମହନୀୟ ଭିତ୍ତିଭୂମିରେ ପ୍ରତିଷ୍ଠିତ
ଡ୍ରିମ୍ସ ବିଶ୍ୱବିଦ୍ୟାଳୟ, ଶ୍ରୀ ଦୁର୍ଗା କନ୍ୱେଣ୍ଟ୍,
ପଦ୍ମିନୀ କେୟାର ଓ ରଥ ପରିବାର ।
୩୨ତମ ପୁଣ୍ୟତିଥିରେ ଆପଣଙ୍କ
ଅମ୍ଳାନ ସ୍ମୃତି ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି



୦୪.୦୨.୧୯୧୬ - ୨୮.୦୯.୧୯୯୪


## ଇଭି ନୀତିର ଅବଧି ବଢ଼ିଲା

■ଭୁବନେଶ୍ୱର,୩।୧୦(ସମିସ): ରାଜ୍ୟରେ ବିଦ୍ୟୁତ୍ ଚାଳିତ ଯାନ ବ୍ୟବହାରକୁ ପ୍ରୋତ୍ସାହନ ଦେବା ସହ ପରିବହନ ବ୍ୟବସ୍ଥା ଦିଗରେ ରୂପାନ୍ତରଣକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଓଡ଼ିଶା ସରକାର ଇଲେକ୍ଟ୍ରିକ୍ ଭେହିକିଲ୍ (ଇଭି) ନୀତି-୨୦୨୧ର ବୈଧତା ଅବଧି ବଢ଼ାଇଛନ୍ତି। ଏହି ନୀତି ଏଣିକି ୨୦୨୬ ଡିସେମ୍ବର ୩୧ ପର୍ଯ୍ୟନ୍ତ ବଳବତ୍ତର ରହିବ। ଇଲେକ୍ଟ୍ରିକ୍ ଯାନର ପ୍ରସାର, ସ୍ୱଚ୍ଛ ପରିବହନକୁ ପ୍ରୋତ୍ସାହନ ଏବଂ ରାଜ୍ୟରେ ଇଭି ଇକୋସିଷ୍ଟମ୍‌ର ବିକାଶ ଦିଗରେ ଏହି ନିଷ୍ପତ୍ତି ଗୁରୁତ୍ୱ ବହନ କରୁଛି।

# ଦୁବାଇ-ଇସ୍ରାଏଲ ବିମାନ ଅଘଟଣ ପଛରେ ଆତଙ୍କୀ ଲିଙ୍କ୍

■ଦୁବାଇ,୩।୧୦(ଏଜେନ୍ସି): ଫ୍ଲାଇଦୁବାଇର ଏଫ୍‌ଜେଡ୍-୧୦୭୩ ବିମାନର କକପିଟ୍‌ରେ ସହ-ପାଇଲଟ୍‌ଙ୍କ ଆକ୍ରମଣ ଘଟଣାକୁ 'ଆତଙ୍କବାଦୀ କାର୍ଯ୍ୟ' ବୋଲି ସ୍ୱୀକାର କରିଛନ୍ତି ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ସରକାର। ୟୁଏଇ ଆଟର୍ଣ୍ଣି ଜେନେରାଲଙ୍କ କହିବା ଅନୁସାରେ, ଓମାନୀ ନାଗରିକ ଥିବା ସହ-ପାଇଲଟ୍ କକପିଟ୍‌ରେ ଜରୁରୀକାଳୀନ ଅସ୍ତ୍ରରେ ଭାରତୀୟ କ୍ୟାପ୍ଟେନ ସ୍ମିତ ମଚ୍ଛାରଙ୍କୁ ଆକ୍ରମଣ କରିବା ପରେ ବିମାନର ନିୟନ୍ତ୍ରଣ ନେବାକୁ ଚେଷ୍ଟା କରିଥିଲେ। କିନ୍ତୁ ଭାରତୀୟ ପାଇଲଟଙ୍କ ସାହାସ ଯୋଗୁଁ ବଡ଼ ଅଘଟଣରୁ ବର୍ତ୍ତିଯାଇଥିଲା ବିମାନ। ସେପ୍ଟେମ୍ବର ୩୦ରେ ଦୁବାଇରୁ ଇସ୍ରାଏଲର ତେଲ ଆଭିଭ୍ ଯାଉଥିବା ଏହି ବିମାନରେ ୧୭୪ ଜଣ ଯାତ୍ରୀ ଓ କ୍ରୁ ସଦସ୍ୟ ଥିଲେ। ଆକ୍ରମଣ ପରେ ଯାତ୍ରୀ ଓ କ୍ରୁ ସଦସ୍ୟମାନେ ହସ୍ତକ୍ଷେପ କରି ସହ-ପାଇଲଟ୍‌ଙ୍କୁ କାବୁ କରିଥିଲେ। ପରେ ବିମାନଟି ସାଉଦି ଆରବର ତାବୁକ ବିମାନବନ୍ଦରରେ ଜରୁରୀ ଅବତରଣ କରିଥିଲା।

ୟୁଏଇ ଆଟର୍ଣ୍ଣି ଜେନେରାଲ କହିଛନ୍ତି, ଘଟଣା ପଛରେ ଥିବା ଯୋଜନା, ଉଦ୍ଦେଶ୍ୟ ଓ ଅନ୍ୟ କୌଣସି ସମ୍ପର୍କ ଖୋଜିବା ପାଇଁ ତଦନ୍ତ ଜାରି ରହିଛି। ଭୌତିକ ଓ ଡିଜିଟାଲ ପ୍ରମାଣର ମଧ୍ୟ ବିଶ୍ଳେଷଣ କରାଯାଉଛି। ତେଣୁ ଘଟଣାର ସମ୍ପୂର୍ଣ୍ଣ ପୃଷ୍ଠଭୂମି ଓ ଉଦ୍ଦେଶ୍ୟ ସମ୍ପର୍କରେ ଚୂଡ଼ାନ୍ତ ନିଷ୍କର୍ଷ ତଦନ୍ତ ଶେଷ ପରେ ହିଁ ସ୍ପଷ୍ଟ ହେବ। ୟୁଏଇର ସାଧାରଣ ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ଭାରତୀୟ କ୍ୟାପ୍ଟେନ ସ୍ମିତ ମଚ୍ଛାର ଓ ଅନ୍ୟ କ୍ରୁ ସଦସ୍ୟଙ୍କ ସାହସ ଏବଂ ତ୍ୱରିତ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। କର୍ତ୍ତୃପକ୍ଷଙ୍କ ଅନୁସାରେ, ସ୍ମିତ ମଚ୍ଛର ସୁରକ୍ଷିତ ଭାବେ ୟୁଏଇ ଫେରିଛନ୍ତି ଏବଂ ଚିକିତ୍ସାଧୀନ ଅଛନ୍ତି। ଘଟଣାରେ ସହ-ପାଇଲଟ୍‌ଙ୍କ ପରିଚୟ ଜଣେ ଓମାନୀ ନାଗରିକ ଭାବେ ରିପୋର୍ଟ ହୋଇଛି। ତେବେ ତାଙ୍କ ପୃଷ୍ଠଭୂମି, ସମ୍ଭାବ୍ୟ ଉଦ୍ଦେଶ୍ୟ ଓ ଘଟଣା ପୂର୍ବର ପରିସ୍ଥିତି ସମ୍ପର୍କରେ ବିଭିନ୍ନ ଦାବି ଆସିଥିଲେ ମଧ୍ୟ ତଦନ୍ତ ଶେଷ ନହେବା ପର୍ଯ୍ୟନ୍ତ ସେଗୁଡ଼ିକୁ ସ୍ୱାଧୀନ ଭାବେ ନିଶ୍ଚିତ ବୋଲି ଧରାଯାଇନାହିଁ।





ଅପହରଣ ଉଦ୍ୟମ କରିଥିଲା ଓମାନୀ କୋ-ପାଇଲଟ୍: ୟୁଏଇ


KALINGA INSTITUTE OF INDUSTRIAL TECHNOLOGY
KIIT Deemed to be University
(Established U/S 3 of UGC Act 1956), Bhubaneswar, Odisha, India
Organisation in Special Consultative Status with the United Nations Economic & Social Council (UN-ECOSOC)

PURPOSE TO PEARL 1997 - 2027

22nd ANNUAL CONVOCATION 2026

3 - 5 October, 2026 | KIIT Convention Centre

Gracious Presence following Personalities

His Excellency
**Shri Nand Kishore Yadav**
Hon'ble Governor, Nagaland

**Dr. Ashok Kumar Lahiri**
Hon'ble Vice Chairperson, NITI Aayog, Government of India

**Prof. Gobardhan Das**
Hon'ble Member, NITI Aayog, Government of India

**Congressman Michael Baumgartner**
Hon'ble Member, United States House of Representatives

**Dr. Brock Tessman**
President, Montana State University, USA

MONTANA STATE UNIVERSITY, USA
- **Prof. Dilpreet Bajwa** Dept. Head, Mech. & Ind. Engg.
- **Dr. Sally Mudiamu** Dean, Intl. Prog. & Global Engagement
- **Mr. James Tobin**

ROMANIA
- **Prof. Cezar Ionut Spînu** Rector, University of Craiova
- **Ms. Lia Olguta Vasilescu** Mayor, City of Craiova
- **Ms. Alina Sorina Spînu**
- **Ms. Lidia Ramona Cazacu**
- **Dr. Ion Sorin Cazacu**

DOMINICAN REPUBLIC
- **Mr. Erik Federico Pérez Vega** Rector, APEC University
- **Mrs. Ana María Pérez Mateo**

ARGENTINA
- **Mr. Jorge Calzoni** Rector, National University of Avellaneda (UNDAV)
- **Dr. Juan Francisco Petrillo**
- **Mr. Santiago Tangir**

This year, the **KIIT Convocation** will be held over three days from **3rd - 5th October 2026**, discipline-wise, to facilitate greater participation of students and parents.

KIIT-DU, Patia, Bhubaneswar, Odisha, India 751024 | kiit@kiit.ac.in | www.kiit.ac.in | KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

## ମାର୍ସଲ୍ଆର୍ଟ ଯୋଗୁଁ ବର୍ତ୍ତିଲେ ଦମ୍ପତି; ଡକାୟତ ଗିରଫ

**ନୂଆପଡ଼ା, ୩।୧୦(ସମିସ):** ନୂଆପଡ଼ାର ଜଣେ ଦମ୍ପତି ଆଜି ଯାହା କରି ଦେଖାଇଛନ୍ତି, ତାହା କେବଳ ସାହସ ନୁହେଁ ବରଂ ଉପସ୍ଥିତି ବୁଦ୍ଧିର ଏକ ବଡ଼ ଉଦାହରଣ। ସ୍ୱାମୀଙ୍କ ମାର୍ସଲ ଆର୍ଟ ଟ୍ରେନିଂ ଆଉ ସ୍ତ୍ରୀଙ୍କ ସାହସ ଆଗରେ ଜଣେ ଦୁର୍ଦ୍ଦାନ୍ତ ଡକାୟତ ହାର୍ ମାନିଲା ଓ ଶେଷରେ ଜେଲ ଯିବାକୁ ପଡ଼ିଥିଲା। ଘଟଣାଟି ଥିଲା ବୁଧବାର ରାତିର। ନୂଆପଡ଼ାର ସହରର ଅମିତାଭ ବୋଷ ଓ ସ୍ତ୍ରୀ ଚୁମକି ବୋଷ ଉଭୟ ବରଗଡ଼ରୁ ନିଜ ଘରକୁ ଫେରୁଥିଲେ। ରାତି ପ୍ରାୟ ସାଢେ ୯ଟାବେଳେ ପାଇକମାଲଠାରୁ ମାତ୍ର ୫ କିଲୋମିଟର ଦୂରରେ ଥିବା ଛୋଟ ଜଙ୍ଗଲ ରାସ୍ତା ରେ ହଠାତ୍ ସେମାନେ ଦେଖିଲେ ରାସ୍ତା ମଝିରେ ପଡ଼ିଛି ଦୁଇଟି ଗଛ। ରାସ୍ତା ଅବରୋଧ ଦେଖି ସେମାନେ ଗାଡ଼ି ଅଟକାଇବା ମାତ୍ରେ ଅନ୍ଧାର ଭିତରୁ ବାହାରି ଆସିଲେ ତଲୱାରଧାରୀ ଡକାୟତ। ଯାହା ଟଙ୍କା ପଇସା, ସୁନା ଗହଣା ଦେଇ ଦିଅ ନଚେତ ପରିଣାମ ଭୋଗିବ ବୋଲି ଡକାୟତମାନେ କହିଥିଲେ। କିନ୍ତୁ ଏହି ଦମ୍ପତି ସାହସ ହରାଇ ନ ଥିଲେ। ସ୍ୱାମୀ ବିଗତ ଦିନରେ ମାର୍ସଲ ଆର୍ଟ କମାଣ୍ଡୋ ଟ୍ରେନିଂ ନେଇଥିଲେ, ଯାହା ଆଜି ତାଙ୍କ ପାଇଁ ବରଦାନ ସାଜିଲା। ଡକାୟତମାନଙ୍କ ସହ କଥାବାର୍ତ୍ତା କରି ସେମାନଙ୍କୁ କିଛି ସମୟ ଅଟକାଇ ରଖିବା ସହ ସୁଯୋଗ ଦେଖି ସେମାନଙ୍କ ଉପରେ ପାଲଟା ଆକ୍ରମଣ କରିଥିଲେ। ସ୍ତ୍ରୀ ମଧ୍ୟ ନିଜ ସ୍ୱାମୀଙ୍କୁ ପୂର୍ଣ୍ଣ ସହଯୋଗ କରିଥିଲେ। ଏହି ଧସ୍ତାଧସ୍ତି ଭିତରେ ସେମାନେ ସ୍ଥାନୀୟ ମାଗୁରମାଲ ଗ୍ରାମର ସୁବାସ ଚିନ୍ଦା ନାମକ ଜଣେ ଦୁର୍ଦ୍ଦାନ୍ତ ଡକାୟତକୁ କାବୁ କରିବାରେ ସଫଳ ହୋଇଥିବା ବେଳେ ଅନ୍ୟ ଜଣେ ଫେରାର ମାରି ଚମ୍ପଟ ମାରିଥିଲା। ଜଣେ ଡକାୟତକୁ କାବୁ କରିବା ଭିତରେ ୧୧୨ କୁ ଫୋନ କଲ କରିବା ସହ ପାଇକମାଲ ପୁଲିସସହ କଥା ହୋଇଥିଲେ। ପୁଲିସ ପହଞ୍ଚି ଜଣେ ଡକାୟତକୁ ନିଜ ହେପାଜତକୁ ନେଇ ଅଧିକ ତଦନ୍ତ ଜାରି ରଖିଛି।

# ଘୁମୁରା ଓ ଜୟ ମା' ଲଙ୍କେଶ୍ୱରୀ ଧ୍ୱନିରେ ପ୍ରକମ୍ପିତ ହେଲା ଜୁନାଗଡ଼

### ଭକ୍ତି ଓ ପରମ୍ପରାର ସଙ୍ଗମରେ ପାଳିତ ହେଲା ଖଣ୍ଡାବସା ପର୍ବ

**ଜୁନାଗଡ଼, ୩।୧୦(ସମିସ)**



ଅଶ୍ୱିନୀ ମୂଳାଷ୍ଟମୀରେ ଜୁନାଗଡ଼ ଅଧିଷ୍ଠାତ୍ରୀ ଦେବୀ ମା' ଲଙ୍କେଶ୍ୱରୀଙ୍କ ପ୍ରସିଦ୍ଧ ଖଣ୍ଡାବସା ପର୍ବ ପାଳିତ ହୋଇଯାଇଛି। ମନ୍ଦିର ଗର୍ଭଗୃହରେ ଦେବୀଙ୍କ ପ୍ରତିମା ସମ୍ମୁଖରେ ଅକ୍ଷୁର୍ଣ୍ଣ ଓ ଅଭଙ୍ଗା ଚାଉଳ ପୁଞ୍ଜିରେ ଦୁଇଟି ପାଟଖଣ୍ଡାକୁ ସ୍ଥାପନ କରାଯିବା ହେତୁ ଏହି ପର୍ବର ନାମ ଖଣ୍ଡାବସା ହୋଇଛି। ଏହି ପର୍ବର ମୁଖ୍ୟ ପୁରୋଧା କଳାହାଣ୍ଡି ମହାରାଜା। ଘୁମୁରା, ଢୋଲ, ନିଶାନ, ମହୁରୀ ଓ ବିଭିନ୍ନ ଲୋକନୃତ୍ୟସହ ମହାରାଜାଙ୍କୁ ଡାକବଙ୍ଗଳାରୁ ପାଛୋଟି ଅଣାଯାଇଥିଲା। ପୂଜକ ପାଟଖଣ୍ଡା ଓ ସଙ୍କୁଆରୀ ଖଣ୍ଡା ଓ ବୁଢ଼ାରଜାଙ୍କ ଖଣ୍ଡା ଧରି ଡାକବଙ୍ଗଳାକୁ ଯାଇଥିଲେ। ସେଠାରେ ଖଣ୍ଡାକୁ ମାର୍ଜନ କରାଯାଇ ମନ୍ଦାର ଫୁଲରେ ସଜ୍ଜିତ କରାଯାଇଥିଲା। ବାହୁକ ନୂତନ ବସ୍ତ୍ର ପରିଧାନକରି ଭୟଙ୍କର ଶବ୍ଦରେ ବାଟ କଢାଇ ନେଇଥିଲେ, ଯାହା ଥିଲା ଅତ୍ୟନ୍ତ ଚିତ୍ତାକର୍ଷକ। ସ୍ୱର୍ଣ୍ଣକାର ବାଳକୃଷ୍ଣ ଆଚାରି ପାଟଖଣ୍ଡାକୁ ମାର୍ଜନା କରିବାପରେ ବିଶାଳ ପଟୁଆରରେ ଖଣ୍ଡାକୁ ପୁଣି ଥରେ ମନ୍ଦିରକୁ ଅଣାଯାଇଥିଲା। କଳାହାଣ୍ଡି ମହାରାଜା ଅନନ୍ତ ପ୍ରତାପ ଦେଓ ମନ୍ଦିରକୁ ଆସି ଷୋଡ଼ଶ କଳସ ସ୍ଥାପନ ପୂର୍ବକ ପଣ୍ଡିତମାନଙ୍କୁ ବରଣ କରିଥିଲେ। ପରେ ଶୁଭ ଲଗ୍ନରେ ଦେବୀଙ୍କ ପାର୍ଶ୍ୱରେ ଥିବା ଚାଉଳ ପୁଞ୍ଜିରେ ପାଟଖଣ୍ଡାକୁ ସ୍ଥାପନ କରିଥିଲେ। ସୁବର୍ଣ୍ଣ ବିମଣ୍ଡିତ, ଲୋହିତ ମନ୍ଦାର ମାଳା ଓ ଲୋହିତ ପାଟ ବସ୍ତ୍ରରେ ଶୋଭିତ ଦେବୀଙ୍କୁ ପୁଷ୍ପାଞ୍ଜଳି ଓ ନୈବେଦ୍ୟ ଅର୍ପଣ କରାଯାଇଥିଲା। ପୂଜା ପରେ ପୂଝାରୀ ପାଟଗଡ଼ରେ ମନ୍ତ୍ର ଉଚ୍ଚାରଣ ପୂର୍ବକ ପ୍ରୋକ୍ଷଣ କରି ପୋଡ଼ ବଳି ପ୍ରଦାନ କରାଯାଇଥିଲା। ଏହି ଅବସରରେ ବୁଢାରଜା ଓ ଚାରିଦିଗ ଦେବତାଙ୍କ ପୂଜା ମଧ୍ୟ ହୋଇଥିଲା। ଦିନ ତମାମ ଜୁନାଗଡ଼ ସହର ଚଳଚଞ୍ଚଳ ହୋଇ ଉଠିଥିଲା। ଶହ ଶହ ଭକ୍ତ ଉପସ୍ଥିତ ରହି ମାଁଙ୍କ ଆଶୀର୍ବାଦ ଲାଭ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଜୁନାଗଡ଼ ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଏହି ପର୍ବ ମୂଳାଷ୍ଟମୀରୁ ଆରମ୍ଭ ହୋଇ ମହାଷ୍ଟମୀ ପର୍ଯ୍ୟନ୍ତ ଚାଲୁ ରହିବ।

## ସ୍କୁଲରେ ପଶି ନଡ଼ିଆ ଗଛ ଭାଙ୍ଗିଲା ହାତୀ

**ଖଡିଆଳ, ୩।୧୦(ସମିସ):** ଖଡ଼ିଆଳ ବ୍ଲକ ସାନମହେଶ୍ୱର ଗ୍ରାମ ପଞ୍ଚାୟତର ଘରଧରା ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତକାଲି ରାତିରେ ହାତୀ ପଲ ପଶି ଗଛ ଲତା ଭାଙ୍ଗି ପକାଇଛି। ଗେଟ୍ ସାମ୍ନାରେ ଥିବା ଚାରିଟି ନଡ଼ିଆ ଗଛ ନଷ୍ଟ କରି ଦେଇଥିବା ପ୍ରଧାନ ଶିକ୍ଷକ କହିଛନ୍ତି। ବିଦ୍ୟାଳୟରେ ପାଚେରି ନ ଥିବାରୁ ହାତୀ ପଶି ଯାଇଥିବା ଅଭିଯୋଗ ହୋଇଛି। ସେହିପରି ବଡ ମହେଶ୍ୱର ଗ୍ରାମର ଜଣେ ଚାଷୀଙ୍କ କଦଳୀ ଗଛ ସବୁ ଭାଙ୍ଗି ନଷ୍ଟ କରି ଦେଇଛି। ହାତୀ ମାନଙ୍କ ବିଷୟରେ ସବିଶେଷ ବିବରଣୀ ଜଣା ପଡ଼ି ନଥିବା ବେଳେ ବନ ବିଭାଗ ନଜର ରଖିଥିବା ଜଣାପଡ଼ିଛି।

## କେସିଙ୍ଗାରେ ଦୁଇ ନୂତନ ସିଆରସିଙ୍କ ଦାୟିତ୍ୱ ଗ୍ରହଣ

**କେସିଙ୍ଗା, ୩।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ନିର୍ଦ୍ଦେଶକ୍ରମେ କେସିଙ୍ଗା ବ୍ଲକ ଅଧୀନରେ ଥିବା ୧୩ଟି ଆଞ୍ଚଳିକ ସାଧନକେନ୍ଦ୍ର ମଧ୍ୟରୁ ଦୁଇଜଣ ନୂତନ ସଂଯୋଜକ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେମାନେ ହେଲେ ବୋରିଆ କ୍ଲଷ୍ଟର ପାଇଁ ନୀଳାମ୍ବର ସାହା ଓ କେସିଙ୍ଗା ଏନ୍ଏସି ପାଇଁ ରୋହିତ କୁମାର ସାହୁ। ନୂତନ ଦାୟିତ୍ୱ ଗ୍ରହଣ କରିଥିବା ସଂଯୋଜକମାନେ ନିଜ ଅଧୀନରେ ଥିବା ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷାର ମାନ ବଢ଼ାଇବା ସହିତ ବିଦ୍ୟାଳୟର ଉନ୍ନତି ଦିଗରେ କାମ କରିବେ ବୋଲି ଆଶା କରାଯାଉଛି।

## ଡିଜିଟାଲ ସ୍ୱାକ୍ଷରତା ଓ ସାଇବର ସୁରକ୍ଷାକୁ ନେଇ ସଚେତନତା

**କେସିଙ୍ଗା, ୩।୧୦(ସମିସ):** ଠକେଇରୁ କିପରି ନିଜକୁ ସୁରକ୍ଷିତ ରଖିବେ ସେ ନେଇ ଏସ୍‌ବିଆଇ ଓ ରାମ୍‌କୀ ଫାଉନଣ୍ଡେସନ ପକ୍ଷରୁ ଶନିବାର କେସିଙ୍ଗା ବ୍ଲକ ଉକ୍ରେଲା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଏକ ସଚେତନତା ଶିବିର ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପଞ୍ଚାନନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଦିନକୁ ଦିନ ବଢ଼ି ଚାଲିଥିବା ସାଇବର ଠକେଇ ବିଷୟରେ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଯାଇ ପରିବାରର ଯେକୌଣସି ମୋବାଇଲ ଧରିଲେ କାହାକୁ ପାସୱାଡ, ଓଟିପି କିମ୍ବା ଅନ୍ୟ କୌଣସି ବିକଳ୍ପ କାହାକୁ ସେୟାର ନ କରିବା ପାଇଁ ରାମ ଫାଉନଣ୍ଡେସନ ର ଜିଲ୍ଲା ପି ସି ଅନୁରୋଧ କରିଥିଲେ।

## ନବମୀ ତିଥିରେ ମା' ଡୋକରୀ ଦେବୀଙ୍କ ଛତର ଯାତ୍ରା

**ମ.ରାମପୁର, ୩।୧୦(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁରର ଇଷ୍ଟଦେବୀ ମା' ଡୋକରୀଙ୍କ ଛତର ଯାତ୍ରା ଆସନ୍ତା ୧୯ ତାରିଖ ନବମୀ ତିଥିଦିନ ଅନୁଷ୍ଠିତ ହେବବୋଲି ମୁଖ୍ୟ ସେବକ ସୂଚନା ଦେଇଛନ୍ତି। ଆଜି ମ.ରାମପୁର ରାଜବାଟିରେ ସାମ୍ବାଦିକ ସମ୍ମିଳନୀରେ ମା'ଡୋକରୀ ପରିଚାଳନା କମିଟିର ସଭାପତି ତଥା ମୁଖ୍ୟ ସେବକ, ରାଜା ବୁଧେନ୍ଦ୍ର ପ୍ରତାପ ସିଂହ ଦେଓ, ସମ୍ପାଦକ ଯଶୋବନ୍ତ ସିଂହ ଦେଓ ସୂଚନା ପ୍ରଦାନ କରିଛନ୍ତି। ଚଳିତବର୍ଷ ମୁଖ୍ୟ ସେବକ ଭାବେ ଦାୟିତ୍ୱ ନେବାପରେ ପ୍ରଥମ ଥର ପାଇଁ ଏହି ଛତର ଯାତ୍ରାର ଆୟୋଜନ କରାଯାଇଛି। ଏହି ଅବସରରେ ଆଜି ଏକ ସର୍ବସାଧାରଣ ବୈଠକ ମଧ୍ୟ ରାଧାକୃଷ୍ଣ ମନ୍ଦିରରେ ଅନୁଷ୍ଠିତ ହୋଇଥିଲା। ଏଥର ପ୍ରତିଟିପଡ଼ାରୁ ଭକ୍ତ ମାନେ ଘଣ୍ଟ, ଘୁମୁରା ଓ ଅନ୍ୟାନ୍ୟ ସାଂସ୍କୃତିକ ଦଳର ଯୋଗଦାନରେ ପାଳିତ ହେବବୋଲି ଜଣାଯାଇଛି।

## ବିଧାୟକଙ୍କ ପ୍ରତି ପୁଲିସର ଦୁର୍ବ୍ୟବହାର ପ୍ରଦର୍ଶନକୁ ବିରୋଧ




**ଭବାନୀପାଟଣା, ୩।୧୦ (ସମିସ):** ଭୁବନେଶ୍ୱରଠାରେ ଗତ ୨୯ ତାରିଖ ଦିନ ଏକ ପ୍ରତିବାଦ ସମୟରେ ଭବାନୀପାଟଣା ସଦର ବିଧାୟକ ସାଗର ଚରଣ ଦାସଙ୍କ ସହ ଦୁର୍ବ୍ୟବହାର ଓ ଓଡ଼ିଶା ପୁଲିସର ବର୍ବରତା ଆଚରଣକୁ ପ୍ରତିବାଦ କରି କଳାହାଣ୍ଡି ଜିଲ୍ଲା କଂଗ୍ରେସ ପକ୍ଷରୁ ଶନିବାର ଏକ ଶୋଭାଯାତ୍ରା ବାହାରିଥିଲା। ଜିଲ୍ଲା କଂଗ୍ରେସ କମିଟି ସଭାପତିଙ୍କ ଆହ୍ୱାନାକ୍ରମେ ଭବାନୀପାଟଣା ଗାନ୍ଧୀ ଛକରୁ କଂଗ୍ରେସ ନେତା ଓ କର୍ମୀମାନେ ଏକ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ, ଭୁବନେଶ୍ୱର ପ୍ରତିବାଦ ସମୟରେ ସଦର ବିଧାୟକ ସାଗରଚରଣ ଦାସଙ୍କ ସମେତ ଦଳୀୟ ନେତା ଓ କର୍ମୀମାନଙ୍କୁ ପୁଲିସର ଅସହ୍ୟ ଦୁର୍ବ୍ୟବହାର ଏକ ନିନ୍ଦାଜନକ ପରିସ୍ଥିତି ସୃଷ୍ଟି କରିଛି। ପୁଲିସ ନିଜ ସୀମାଲଂଘନ କରି କଂଗ୍ରେସର ଜନପ୍ରତିନିଧିଙ୍କ ଯେଉଁ ବ୍ୟବହାର ଦେଖାଇଛନ୍ତି ତାହା ଅକ୍ଷମନୀୟବୋଲି କୁହାଯାଇଛି। ଏହି ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ଦଳ ପକ୍ଷରୁ ଦାବି କରାଯାଇଥିଲା। ଏହି ପ୍ରତିବାଦ ଶୋଭାଯାତ୍ରାରେ ଜିଲ୍ଲା କଂଗ୍ରେସ ସଭାପତିଙ୍କ ସମେତ ଆବାହକ ଧନୁର୍ଧର ଗହିର, ଇନ୍ଦ୍ରଜିତ ମହାକୁଡ଼, ମହମ୍ମଦ ସାହେବ, ନାରୀନେତ୍ରୀ ପ୍ରଗତି ନାୟକ, ଶ୍ରୀମତୀ ସୁକାନ୍ତି ସରାଫ, ମିଡିଆ ସେଲ୍‌ଫର ସନ୍ତୋଷ ପ୍ରଧାନଙ୍କ ସମେତ ବିଭିନ୍ନ ବ୍ଲକ କଂଗ୍ରେସ ସଭାପତି, ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ ଓ ଯୁବ କଂଗ୍ରେସର କର୍ମକର୍ତ୍ତା ଓ ସଦସ୍ୟମାନେ ସାମିଲ ହୋଇଥିଲେ।

## ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

**ନୂଆପଡ଼ା, ୩।୧୦(ସମିସ):** ନୂଆପଡ଼ା ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ମହାତ୍ମା



ଗାନ୍ଧୀଙ୍କ ୧୫୭ତମ ଜୟନ୍ତୀ ଏବଂ ଭାରତରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ୧୨୨ତମ ଜୟନ୍ତୀ ସ୍ଥାନୀୟ ଗାନ୍ଧୀ ପ୍ରମୋଦ ଉଦ୍ୟାନ ପରିସରରେ ପାଳିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ନୂଆପଡ଼ା ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, ଜିଲ୍ଲା ପରିଷଦ ଉପାଧକ୍ଷା ଦୀପିକା ଦୀପ, ଜିଲ୍ଲା ପରିଷଦ ସଦସ୍ୟ ମଲ୍ୟବନ୍ତ ସୁନା, ଭାନୁ ପ୍ରତାପ ସିଂହ ମାଝୀ, ମୁରଲୀଧର ଭୋଇ ଓ ଅବନୀ ରଞ୍ଜନ ଯୋଶୀ, ବକ୍ତା ପ୍ରବୋଧ ହୋତାଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, ବିଶିଷ୍ଟ ବ୍ୟକ୍ତିବିଶେଷ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଏହି ଅବସରରେ ନୂଆପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ ଓ ବିଭାଗୀୟ କର୍ମଚାରୀମାନେ ସହଯୋଗ କରିଥିଲେ।

## ରାସ୍ତା ପୂର୍ବରୁ ଡ୍ରେନେଜ୍ ବ୍ୟବସ୍ଥା ପାଇଁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ

**କୋକସରା, ୩।୧୦(ସମିସ):** କୋକସରା ବ୍ଲକ ଗମ୍ଭାରୀଗୁଡ଼ା ପଞ୍ଚାୟତ ଅଧୀନ ଓଲମା ଗ୍ରାମରେ ନିର୍ମାଣାଧୀନ କଂକ୍ରିଟ୍ ରାସ୍ତା ପୂର୍ବରୁ ଉପଯୁକ୍ତ ଜଳ ନିଷ୍କାସନ (ଡ୍ରେନେଜ୍) ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଏନେଇ ଶନିବାର ଗ୍ରାମବାସୀ କୋକସରା ବିଡିଓ ଡ. ହିମାଞ୍ଚଳ ମାଝୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗ୍ରାମର ଦୁର୍ଗା ମଣ୍ଡପଠାରୁ ଆର୍‌ଡ଼ି ରାସ୍ତା ନଳକୂପ ପର୍ଯ୍ୟନ୍ତ ନୂତନ କଂକ୍ରିଟ୍ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି।



କିନ୍ତୁ ଡ୍ରେନ୍ ନ ଥିବାରୁ ବର୍ଷାଦିନେ ଜନବସତି ଅଞ୍ଚଳରୁ ପାଣି ନିଷ୍କାସନ ନହୋଇ ଜମିରହିବ ଏବଂ ଗ୍ରାମବାସୀ ନାନା ସମସ୍ୟାର ସମ୍ମୁଖୀନ ହେବେ ବୋଲି ଆଶଙ୍କା ରହିଛି। ପୂର୍ବରୁ ଏନେଇ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଗ୍ରାମର ଆଶାରାମ ବାଗ, ଯୋଗେନ୍ଦ୍ର ବାଗ, ପ୍ରଦିପ ନାଗ, ଇନ୍ଦୁମତୀ ବାଗ ପ୍ରମୁଖ ଶତାଧିକ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଏହି ଦାବିପତ୍ରରେ ରାସ୍ତା ନିର୍ମାଣ ପୂର୍ବରୁ ଡ୍ରେନେଜ୍ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଦୃଢ଼ ଦାବି କରାଯାଇଛି।

### ବିଡିଓ ଓ ଭିଏଏସ୍‌ଙ୍କ ମଧ୍ୟରେ ଗଣ୍ଡଗୋଳ ଘଟଣା

## ପ୍ରାଣୀ ଚିକିତ୍ସାଧିକାରୀଙ୍କ ପତ୍ନୀଙ୍କୁ ଅସଦାଚରଣ ଅଭିଯୋଗ

**ମ.ରାମପୁର, ୩।୧୦(ସମିସ):** ମ.ରାମପୁର ପ୍ରାଣୀ ଚିକିତ୍ସାଳୟର ବିଡିଓ ଏବଂ ଭିଏଏସଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ଆଜି ପୁଣି ଏକ ନୂଆମୋଡ଼ ନେଇଛି। ବିଡିଓଙ୍କ ପତ୍ନୀ ଭୁବନେଶ୍ୱର ଯାଇ ମହିଳା କମିଶନର ଦ୍ୱାରସ୍ଥ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲା ମ. ରାମପୁର ପ୍ରାଣୀ ଚିକିତ୍ସାଳୟ ରେ ଗତକାଲି ହୋଇଥିବା ଗଣ୍ଡଗୋଳକୁ ନେଇ ମ. ରାମପୁର ଥାନାରେ ବିଡିଓଙ୍କ ପତ୍ନୀ ଅନୁପମା ମହାପାତ୍ର ଲିଖିତ ଅଭିଯୋଗ କରିଥିଲେ। ଭିଏଏସ୍ ମଧ୍ୟ ପାଲଟା ଅଭିଯୋଗ କରି ଥାନାରେ ଲିଖିତ ଜଣାଇଛନ୍ତି। ଆଜି ଶ୍ରୀମତୀ ମହାପାତ୍ର ଭିଏଏସ୍ ଶ୍ରୀକାନ୍ତ ପାଣିଗ୍ରାହୀଙ୍କ ନାମରେ ଦୁର୍ବ୍ୟବହାର ଓ ଅସଦାଚରଣ ଅଭିଯୋଗରେ ମହିଳା କମିଶନର ଦ୍ୱାରସ୍ଥ ହେବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସୂଚନା ଯୋଗ୍ୟ ଯେ ବିଡିଓ ଏବଂ ଏମଭିୟୁ ଭିଏଏସ୍‌ଙ୍କ ମଧ୍ୟରେ ତିନି ମାସ ଧରି ଚାଲିଥିବା ଶୀତଳଯୁଦ୍ଧ ଏବେ ମହିଳା କମିଶନ ଯାଏଁ ପହଞ୍ଚିଛି। ମ.ରାମପୁର ପ୍ରାଣୀ ଚିକିତ୍ସାଧିକାରୀ ମୃତ୍ୟୁଞ୍ଜୟ ବେହୁରା, ନିଜ ପତ୍ନୀଙ୍କ ସହିତ ଅଫିସ କ୍ୱାର୍ଟର୍ସରେ ଥିବାବେଳେ ଏମଭିୟୁ ଭିଏଏସ ପ୍ରଥମେ ଆକ୍ରମଣ ଓ ଅସଦାଚରଣ ଉଦ୍ୟମ କରିଥିଲେ ବୋଲି ଅଭିଯୋଗ ହୋଇଛି। ଏହି ଘଟଣା ପରେ ଭିଏସ ଶ୍ରୀକାନ୍ତ ପାଣିଗ୍ରାହୀ ମଧ୍ୟ ଥାନାରେ ତାଙ୍କୁ ପତିପତ୍ନୀ ମାଡ଼ ମାରିବା ନେଇ ଅଭିଯୋଗ କରିଥିବା ଜଣାଯାଇଛି।

## କାଶୀବାହାଲରେ ଚାରାରୋପଣ କାର୍ଯ୍ୟକ୍ରମ

**ଭବାନୀପାଟଣା, ୩।୧୦(ସମିସ):** ଦୁର୍ଗାପୂଜା ପୂର୍ବରୁ ପରିବେଶ ସୁରକ୍ଷାର ବାର୍ତ୍ତା ନେଇ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ କାଶୀବାହାଲଠାରେ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଡା. ମନୋରଞ୍ଜନ ଦାସ, ଏକ୍ସଆର୍ମି, କଣ୍ଟ୍ରାକ୍ଟର ହେମରାଜ ପାତ୍ର ଓ ସୁପରଭାଇଜର ପ୍ରଦୀପ ନାଏକଙ୍କ ସମେତ ବିରଚି, କେଦାର ଓ ଜାଲଗ୍ରାମର ଗ୍ରାମବାସୀ ସାମିଲ ହୋଇଥିଲେ। ପରିବେଶର ସନ୍ତୁଳନ ରକ୍ଷା ସହ ଆଗାମୀ ପିଢ଼ି ପାଇଁ ସବୁଜ ଓ ସୁସ୍ଥ ପରିବେଶ ଗଠନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

## ଶିଶୁ ଶ୍ରମମୁକ୍ତ ପଞ୍ଚାୟତ ପାଇଁ ୪୪ ଦିନିଆ ଅଭିଯାନ

**ଭବାନୀପାଟଣା, ୩।୧୦(ସମିସ):** କଳାହାଣ୍ଡି ଜିଲ୍ଲାରେ ଶିଶୁ ଶ୍ରମମୁକ୍ତ ଗ୍ରାମ ପଞ୍ଚାୟତ ଗଠନ ଲକ୍ଷ୍ୟରେ ୪୪ ଦିନିଆ ରାଜ୍ୟବ୍ୟାପୀ ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନ ୨ ଅକ୍ଟୋବରରୁ ୧୪ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ଚାଲିବ। ୨୦୨୯ ସୁଦ୍ଧା ସମସ୍ତ ଗ୍ରାମ ପଞ୍ଚାୟତକୁ ଶିଶୁ ଶ୍ରମମୁକ୍ତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଏହି ଅଭିଯାନରେ ସହକାରୀ ଶ୍ରମ ଅଧିକାରୀ, ଗ୍ରାମ ପଞ୍ଚାୟତ, ପଞ୍ଚାୟତିରାଜ ପ୍ରତିନିଧି, ବିଦ୍ୟାଳୟ, ମିଶନ ଶକ୍ତି, ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନବାଡ଼ି କର୍ମୀ, ସମ୍ମୁଖସାରୀ କର୍ମୀ ଏବଂ ଅନ୍ୟାନ୍ୟ ସାମାଜିକ ଅନୁଷ୍ଠାନ ସାମିଲ ହେବେ। ମିଶନ ଶକ୍ତି ନେଟୱର୍କ ମାଧ୍ୟମରେ ପରିବାରସ୍ତରରେ ସଚେତନତା ସୃଷ୍ଟି, ଅସୁରକ୍ଷିତ ଶିଶୁ ଓ ପରିବାର ଚିହ୍ନଟ, ବିଦ୍ୟାଳୟ ଛାଡ଼ିବା ଓ ଶିଶୁ ଶ୍ରମ ରୋକିବା ସହିତ ଆବଶ୍ୟକ ସରକାରୀ ସହାୟତା ସହ ପରିବାରକୁ ଯୋଡ଼ାଯିବ।

## ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ଓ ଲୋକନୃତ୍ୟ ପ୍ରତିଯୋଗିତା

**ଖଡ଼ିଆଳ, ୩।୧୦(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ପିଏମ୍ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ଓ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଜିଲ୍ଲା ଶିକ୍ଷାଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପାନୀ ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ପଞ୍ଚାୟତ ସମିତି ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ସଦସ୍ୟ ମାଲ୍ୟବନ୍ତ ସୁନା, ଚିତ୍ତରଞ୍ଜନ ବେହେରା, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା, ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ଯୋଷୀ, ନାଟ୍ୟକାର ମାୟାଧର ସରାଫ, ସାମ୍ବାଦିକ କୁନୁ କରୁଆଁ ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଶିକ୍ଷୟିତ୍ରୀ ରାଜଶ୍ରୀ ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ। ନାଟକ ପ୍ରତିଯୋଗିତାରେ ବିଚାରକ ଭାବରେ ନାଟ୍ୟକାର ଜିତେନ୍ଦ୍ର ନାଥ ପଟ୍ଟନାୟକ ଓ ସାମ୍ବାଦିକ ମାୟାଧର ସରାଫ, ଲୋକନୃତ୍ୟ ପ୍ରତିଯୋଗିତା ପାଇଁ ନାଟ୍ୟକାର ମୋତିଲାଲ ବାଗ ଓ ସୁକେଶ କୁମାର ପଟ୍ଟନାୟକ ଦାୟିତ୍ୱ ନିର୍ବାହ କରିଥିଲେ। ନାଟକ ପ୍ରତିଯୋଗିତାରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଗଣ୍ଡାବାହଲି ପ୍ରଥମ ସ୍ଥାନ ଓ ଲୋକ ନୃତ୍ୟ ପ୍ରତିଯୋଗିତାରେ ସରକାରୀ ଉଚ୍ଚ ବିଦ୍ୟାଳୟ ତୁକଲା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ଶ୍ରେଷ୍ଠ ନାଟ୍ୟକାର ଭାବରେ ବସ୍ତ୍ରାୟଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ବେହେରା, ଶ୍ରେଷ୍ଠ ନିର୍ଦ୍ଦେଶକ ଭାବରେ ବିଜ୍ଞାନ ଶିକ୍ଷକ କୈଳାଶ ଚନ୍ଦ୍ର ଦାଶ ଓ ଶ୍ରେଷ୍ଠ କଳାକାର ଭାବରେ ଛାତ୍ର ସାହେଜ୍ ମହାରଣା ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀ ସହଯୋଗ କରିଥିଲେ।

### ଜିଲ୍ଲାସ୍ତରୀୟ ବିଦ୍ୟାଳୟ ଖେଳକୁଦ ପ୍ରତିଯୋଗିତା

## ଫୁଟବଲରେ କର୍ଲାମୁଣ୍ଡା ଟିମ୍ ଚାମ୍ପିଅନ



**କର୍ଲାମୁଣ୍ଡା, ୩।୧୦(ସମିସ):** କଳାହାଣ୍ଡି ବିଦ୍ୟାଳୟ ସମୂହର ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ କର୍ଲାମୁଣ୍ଡା ବ୍ଲକ ଟିମ ଚାମ୍ପିଅନ ହୋଇଛି। ୧୭ବର୍ଷରୁ କମ୍ ବର୍ଗରେ ଆୟୋଜିତ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଫାଇନାଲ ମ୍ୟାଚ୍ ଭବାନୀପାଟଣା ବ୍ଲକ ଓ କର୍ଲାମୁଣ୍ଡା ବ୍ଲକ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ଲାମୁଣ୍ଡା ଟିମ ଚାମ୍ପିଅନ ହୋଇଥିଲା। ବିଜେତା ଖେଳାଳି ମାନଙ୍କୁ ଟିମ ମ୍ୟାନେଜର ରାଜକିଶୋର ରଣା, କୋଚ ସୁନିଲ ବେହେରା, ବ୍ଲକ କ୍ରୀଡ଼ା ସମ୍ପାଦକ ପ୍ରାଶନ୍ତ ସାହୁ, ଲଳିତ ଗୌଡ଼ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଆଥଲେଟରେ କର୍ଲାମୁଣ୍ଡା ବ୍ଲକ ରିଷିଡା ସ୍ଥିତ ଜେକେଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମାନସ ମାଝୀ, ପିୟୁସ ସା ଓ ହରିପ୍ରିୟା ରଣା ଉତ୍ତମ ପ୍ରଦର୍ଶନ କରି ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



**କଲମପୁର, ୩।୧୦ (ସମିସ):** କଲମପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ସ୍ଥାନୀୟ କଲମପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ସରକାରୀ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଶିଶୁ ମାନଙ୍କ ଲୁକ୍କାୟିତ ପ୍ରତିଭାକୁ ଅନ୍ୱେଷଣ ତଥା ତାହାର ବିକାଶ ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଲମପୁର କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନଶିକ୍ଷକ ଅଶ୍ୱିନୀ କୁମାର ମୁଣ୍ଡ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ମନ୍ମଥ କୁମାର ମିଶ୍ର ଯୋଗଦେଇ ଥିଲେ। ତିନୋଟି ବିଭାଗର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ଶିଶୁ ମାନେ ନିଜ ନିଜ ପ୍ରତିଭାର ପରିଚୟ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଶିଶୁମାନେ ଉତ୍ସାହ ସହକାରେ ମଞ୍ଚରେ ନୃତ୍ୟ କଳା ପ୍ରଦର୍ଶନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ସାଇରାମ ପଣ୍ଡା ଏବଂ ମଧୁମିତା ପ୍ରଧାନ ଅତିଥି ଭାବେ ଯୋଗ ଦେଇ ପ୍ରଥମ ତିନୋଟି ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ନବଘନ ସାହୁଙ୍କ ତତ୍ତ୍ୱାବଧାନରେ ତଥା ବିଦ୍ୟାଳୟ ପ୍ରଧାନଶିକ୍ଷକ ଲଳାଟେନ୍ଦୁ ମେହେର ତଥା କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ପ୍ରଦୀପକୁମାର ମାଝୀ, ଶିକ୍ଷୟିତ୍ରୀ ହୀରା ବାଗ ପ୍ରମୁଖ ସହଯୋଗ କରିଥିଲେ।

# କରାଡଙ୍ଗରୀ ଅଙ୍ଗନବାଡ଼ିରେ ୮ ମାସ ହେଲା ମିଳିନି ପୌଷ୍ଟିକ ଆହାର

### ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣିରେ ଅଭିଯୋଗ ପରେ ବିଭଗୀୟ ଅଧିକାରୀଙ୍କ ଚେତା ପଶିଲା

**ନୂଆପଡ଼ା/ସିନାପାଲି, ୩।୧୦ (ସମିସ)**



ସରକାରୀସ୍ତରରେ ପ୍ରାକ୍ ଶିକ୍ଷାକୁ ଗୁରୁତ୍ୱ ଦେଇ ଅଙ୍ଗନବାଡ଼ି କେନ୍ଦ୍ରମାଧ୍ୟମରେ ଶିଶୁ ମାନଙ୍କ ପାଇଁ ଅନେକ ଯୋଜନା ରହିଛି। ଏଥିପାଇଁ ରାଜ୍ୟ ରାଜକୋଷରୁ ପ୍ରଚୁର ଅର୍ଥ ବ୍ୟୟବରାଦ କରାଯାଉଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଓ ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀଙ୍କ ଆନ୍ତରିକତା ଅଭାବ ଯୋଗୁଁ ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକସ୍ଥିତ ଉପାନ୍ତ ନଙ୍ଗଲବୋଡ଼ ପଞ୍ଚାୟତର କରଡଙ୍ଗରୀ ଅଙ୍ଗନାବାଡ଼ି କେନ୍ଦ୍ରରେ ପ୍ରାୟ ୮ ମାସ ହେବ ମଧ୍ୟାହ୍ନ ଭୋଜନ କିମ୍ବା ପୌଷ୍ଟିକ ଆହାର ମିଳିନାହିଁ। ଏନେଇ ଗ୍ରାମର ଜଣେ ଯୁବକ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଏହାର ତଦନ୍ତ କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲା ବିଭଗୀୟ କାର୍ଯ୍ୟାଳୟକୁ ନିର୍ଦ୍ଦେଶନାମା ଅନୁସାରେ ସିନାପାଲି ବ୍ଲକ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସମ୍ପୃକ୍ତ ଗ୍ରାମକୁ ସିନାପାଲି ଶିଶୁ ବିକାଶ ଅଧିକାରିଣୀ ଉର୍ମିଳା ମହାପାତ୍ର, ବ୍ଲକ ଶିଶୁ ବିକାଶ ପୋଷଣ ସଂଯୋଜକ ଦିବ୍ୟ ରଞ୍ଜନ ଦଣ୍ଡସେନା, ସୁପରଭାଇଜର ଏଲି ସେନାପତି ସମେତ ଗ୍ରାମକୁ ଯାଇ ତଦନ୍ତ କରିଥିବା ଜଣାପଡ଼ିଛି। ସୂଚନା ଯୋଗ୍ୟ ଯେ, ବଣ ପାହାଡ ଘେରା ଦୁର୍ଗମ ଅଞ୍ଚଳରେ ଥିବା ଏହି ଗାଁ ରେ ଆଦିବାସୀ ଶ୍ରେଣୀର ଲୋକ ବସବାସ କରିଥାନ୍ତି। ଏଠାରେ ସେଭଳି ଶିକ୍ଷାର ବିକାଶ ହୋଇପାରି ନାହିଁ। ଏହାର ସୁଯୋଗ ନେଇ ଏଠାରେ ନିୟୋଜିତ ଥିବା ଅଙ୍ଗନବାଡ଼ି କର୍ମୀ ବିଭିନ୍ନ ସମୟରେ ବାହାନା ଦେଖାଇ କେନ୍ଦ୍ର ଜରିଆରେ ମିଳୁଥିବା ମଧ୍ୟାହ୍ନଭୋଜନ, ଅଣ୍ଡା, ଛତୁଆ, ଲଡୁ ସମେତ ଅନେକ ପୌଷ୍ଟିକ ଆହାର ଖାଦ୍ୟ ସାମଗ୍ରୀ ଦେବାରେ ବଞ୍ଚିତ କରୁଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ଏଠାରେ ଥିବା କୋମଳମତି ଶିଶୁ ଓ ଗର୍ଭବତୀ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାର ସୁଫଳ ପାଇବାକୁ ହେଲେ ସେମାନଙ୍କ ଆଧାର ନମ୍ବର ସହିତ ମୋବାଇଲ ନମ୍ବର ସଂଯୋଗ ଆବଶ୍ୟକ ହେଲେ ସେମାନେ ଏହା କରି ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ସେମାନଙ୍କୁ ୬ ଦିନର ସମୟ ଦେଉଛି ନ ହେଲେ ଗାଡ଼ି କରି ଆଣିବା ବ୍ୟବସ୍ଥା କରି ସମାଧାନ କରାଯିବ ବୋଲି ଶିଶୁ ବିକାଶ ଅଧିକାରୀଣି କହୁଥିବା ବେଳେ ଏହି କଥାର ସତ୍ୟତା ଆଧାରରେ କହିବାକୁ ଗଲେ ଦୀର୍ଘ ଦିନ ଧରି ସମସ୍ୟା ଲାଗି ରହିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ନିର୍ଦ୍ଦେଶ ପରେ ଚେତା ପଶିବା ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ମହିଳାଙ୍କ ଠାରୁ ଛିନ୍‌ତାଇ ଘଟଣାରେ ୨ ଗିରଫ

**ରାଉରକେଲା ୩।୧୦(ସମିସ):** ମହିଳାଙ୍କ ଠାରୁ ଛିନ୍‌ତାଇ ଘଟଣାରେ ରାଉରକେଲା ଛେଣ୍ଡ ଥାନା ପୁଲିସ୍ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ଛିନତାଇ ହୋଇଥିବା ସୁନା ଅଳଙ୍କାର, ମୋବାଇଲ ଫୋନ୍ ସହିତ ଗୋଟିଏ ବାଇକକୁ ମଧ ଜବତ୍ କରିଛି । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ସ୍ଥାନୀୟ ସେକ୍ଟର-୧୫ ଥାନା ଅନ୍ତର୍ଗତ ସେକ୍ଟର-୧୪ ବି/୩-୩୯୩ର ଶୁଭମ କୁମାର ତାଜାନ (୨୧) ଏବଂ ସେକ୍ଟର-୧୫ ଥାନା ଅଧିନସ୍ଥ ସେକ୍ଟର-୧୪ ଶାନ୍ତି ନଗର ବସ୍ତିର ପ୍ରକାଶ ରାୟ (୨୮) ।



## ଲୁଟ୍ ଅଳଙ୍କାର ଉଦ୍ଧାର

ଆଜି ଛେଣ୍ଡ ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ସୁଶାନ୍ତ ଦାସ, ଛେଣ୍ଡ ଥାନା ଆଇଆଇସି ବିକ୍ରମ କୁମାର ଭୂୟାଁ ସୂଚନା ଦେଇ କହିଛନ୍ତି ଯେ, ଅଭିଯୋଗକାରିଣୀ ମହିଳା ଛେଣ୍ଡ କଲୋନୀ ପ୍ଲଟ୍ ନଂ ଏଲ୍-୪୦, ଫେଜ୍-୧ର ନିବାସୀ ଅନିଲ କୁମାର ବଜାଜଙ୍କ ପତ୍ନୀ ପୁନମ୍ ବଜାଜ୍ ଗତ ସେପ୍ଟେମ୍ବର ୨୫ ରାତିରେ ଛେଣ୍ଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ, ଉକ୍ତ ରାତି ପ୍ରାୟ ୮ଟା ୧୫ ସମୟରେ, ସେ ଅମ୍ବାଗାନ ଅଳଙ୍କାର ଦୋକାନରୁ ସୁନା କିଣି ଘରକୁ ଫେରୁଥିବାବେଳେ ଛେଣ୍ଡ ପତଞ୍ଜଳି ଷ୍ଟୋର ନିକଟରେ ୨ଜଣ ଅଜଣା ବ୍ୟକ୍ତି ତାଙ୍କ ପାଖକୁ ଏକ ଲାଲ ରଙ୍ଗର ବାଇକ୍‌ରେ ଆସି ୱାଲେଟ୍ (ପର୍ସ) ଛଡ଼ାଇ ନେଇଥିଲେ । ଯେଉଁଥିରେ ୩୨, ୪୨୬ ଟଙ୍କାରେ କିଣାଯାଇଥିବା ସୁନା କାନଫୁଲ, ଗୋଟିଏ ମୋବାଇଲ୍ ଫୋନ୍ ଏବଂ ୧୫୦୦ ଟଙ୍କା ନଗଦ ଥିଲା । ପୁଲିସ ମାମଲା ରୁଜୁକରି ଗୁପ୍ତ ସୂଚନା ଆଧାରରେ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଗିରଫ ଦୁଇ ଅଭିଯୁକ୍ତ ନିକଟରୁ ଦୁଇଟି ସୁନା କାନ ଫୁଲ, ଗୋଟିଏ ମୋବାଇଲ ଫୋନ୍ ଏବଂ ଏକ ବାଇକ୍ ଜବତ କରାଯାଇଥିଲା । ଅଭିଯୁକ୍ତ ପ୍ରକାଶ ରାୟ ନାମରେ ପୂର୍ବରୁ ଛେଣ୍ଡ ଥାନାରେ ୧୧ଟି ମାମଲା ରହିଥିବା ବେଳେ ସେକ୍ଟର-୧୫ ଥାନାରେ ୩ଟି ମାମଲା ରହିଛି । ସେହିପରି ଶୁଭମ୍ କୁମାର ତାଜାନ୍ ନାମରେ ଛେଣ୍ଡ ଥାନାରେ ଦୁଇଟି ମାମଲା ରହିଛି ବୋଲି ଏସଡିପିଓ ଶ୍ରୀ ଦାଶ ସୂଚନା ଦେଇଥିଲେ । ଏହି ଅବସରରେ ଏସ୍‌ଆଇ ପ୍ରିୟଙ୍କା ସାହୁ ଏବଂ ଏସ୍‌ଆଇ ଓମ୍ ପ୍ରକାଶ ଉପସ୍ଥିତ ଥିଲେ ।

# ଲୁହାରଡ୍‌ରେ ଆକ୍ରମଣ କରି ଲୁଟ ଘଟଣା; ୪ ଗିରଫ

**ରାଉରକେଲା, ୩।୧୦(ସମିସ)**

ରାଉରକେଲା ଏୟାରପୋର୍ଟ ନିକଟରେ ୨ଜଣ ଯୁବକଙ୍କୁ ଲୁହାରଡ ଏବଂ ଲାଠିରେ ଆକ୍ରମଣ କରି ଲୁଟ୍ ମାମଲାରେ ରାଉରକେଲା ଛେଣ୍ଡ ଥାନା ପୁଲିସ ୪ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ସ୍ଥାନୀୟ ସେକ୍ଟର-୧୫ ଥାନା ଅଧିନସ୍ଥ ସେକ୍ଟର-୧୪ ଶାନ୍ତିନଗର ବସ୍ତିର ଉମେଶ ପଣ୍ଡା (୪୩), ଆକାଶ ବଡାଇକ (୨୨), ସେକ୍ଟର-୧୫ ଥାନା ଅଧିନସ୍ଥ ସେକ୍ଟର-୧୪ ଡୁମୁକେଲା ଖଟାଲ ବସ୍ତିର ମନୋଜ କୁମାର ଠାକୁର (୨୨) ଏବଂ ଚିଣ୍ଟୁ ରାୟ (୨୭) । ସେମାନଙ୍କ ନିକଟରୁ ଆଇଫୋନ୍ ସହ ଅନ୍ୟାନ୍ୟ ଲୁଟ୍ ସାମଗ୍ରୀ ଜବତ କରାଯାଇଛି ।



## ବହୁ ଲୁଟ୍ ସାମଗ୍ରୀ ଉଦ୍ଧାର

ଏ ନେଇ ଆଜି ଛେଣ୍ଡ ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ସୁଶାନ୍ତ ଦାସ, ଛେଣ୍ଡ ଥାନା ଆଇଆଇସି ବିକ୍ରମ କୁମାର ଭୂୟାଁ ସୂଚନା ଦେଇ କହିଛନ୍ତି ଯେ, ଗତ ଅକ୍ଟୋବର ୨ ତାରିଖ ଭୋର ୫ଟାରେ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଟିସିଆଇ ଛକ ସ୍ଥିତ ଫାର୍ସା ଟୋଲିର ବିନୋଦ ଦାସଙ୍କ ପୁଅ ଆନନ୍ଦ ଦାସ ଛେଣ୍ଡ ଥାନାରେ ଅଭିଯୋଗ କରିଥିଲେ ଯେ, ଅକ୍ଟୋବର ୧ ରାତି ପ୍ରାୟ ୮ଟା ୩୦ରେ ସେ ତାଙ୍କ ବନ୍ଧୁ ସୁଶାନ୍ତ ଧୂଳିଆଙ୍କ ସହିତ ବିମାନବନ୍ଦର ପଡ଼ିଆକୁ ଯାଇଥିଲେ । ୪ ଜଣ ବ୍ୟକ୍ତି ଲୁହା ରଡ୍ ଏବଂ ବାଡ଼ି ଧରି ଆସି ସେମାନଙ୍କୁ ଆକ୍ରମଣ କରିବା ସହିତ ଧମକ ଦେଇ ଗୋଟିଏ ଆଇ ଫୋନ୍-୧୪ ଏବଂ ନଗଦ ୧ ହଜାର ଟଙ୍କା ଛଡ଼ାଇ ନେଇଥିଲେ । ପୁଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅଭିଯୁକ୍ତଙ୍କୁ ଗିରଫ କରିଛି ।

ସୂଚନାଯୋଗ୍ୟ ଯେ ଅଭିଯୁକ୍ତ ଉମେଶ ପଣ୍ଡା ନାମରେ ପୂର୍ବରୁ ସେକ୍ଟର-୧୫ ଥାନାରେ ୨ଟି, ଟାଙ୍ଗରପାଲ୍ଲୀ ଥାନାରେ ଗୋଟିଏ ଏବଂ ଛେଣ୍ଡ ଥାନାରେ ଗୋଟିଏ ମାମଲା ରହିଛି । ସେହିପରି ଆକାଶ ବଡାଇକ ନାମରେ ପୂର୍ବରୁ ସେକ୍ଟର-୧୫ ଥାନାରେ ଗୋଟିଏ ଏବଂ ଛେଣ୍ଡ ଥାନାରେ ଗୋଟିଏ ମାମଲା ରହିଛି । ମନୋଜ କୁମାର ଠାକୁର ନାମରେ ପୂର୍ବରୁ ରାଉରକେଲା ରଘୁନାଥପାଲ୍ଲୀ ଥାନାରେ ଗୋଟିଏ ଏବଂ ଛେଣ୍ଡ ଥାନାରେ ଗୋଟିଏ ଏହିପରି ୨ଟି ମାମଲା ରହିଛି । ଚତୁର୍ଥ ଅଭିଯୁକ୍ତ ଚିଣ୍ଟୁ ରାୟ ନାମରେ ପୂର୍ବରୁ କୌଣସି ମାମଲା ନଥିବା ବେଳେ ପ୍ରଥମ ଥର ପାଇଁ ଏହି ମାମଲାରେ ଜଡ଼ିତ ହୋଇଛି ।

# 'ଗ୍ୟାସୀୟ ପ୍ରଦୂଷକ ଦୂରୀକରଣ ପାଇଁ ଉପ୍ରେରକ' ଉପରେ ସେମିନାର

**ରାଉରକେଲା, ୩।୧୦(ସମିସ):** ଇନଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ), ରାଉରକେଲା ସ୍ଥାନୀୟ କେନ୍ଦ୍ର ଏବଂ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏନଆଇଟି) ରାଉରକେଲାର କେମିକାଲ୍ ଇଞ୍ଜିନିୟରିଂ ବିଭାଗର ମିଳିତ ସହଯୋଗରେ ଏନଆଇଟି କ୍ୟାମ୍ପସ୍ ସ୍ଥିତ କେନ୍ଦ୍ର କନଫରେନ୍ସ ହଲ୍ ରେ 'ଗ୍ୟାସୀୟ ପ୍ରଦୂଷକ ଦୂରୀକରଣ ପାଇଁ ଉପ୍ରେରକ' ଉପରେ ଆଜି ଏକ ଦିନିକିଆ ସେମିନାର ଆୟୋଜିତ ହୋଇଥିଲା । ଏନଆଇଟି ରାଉରକେଲାର କେମିକାଲ୍ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ପ୍ରଫେସର ସୁସ୍ମିତା ମିଶ୍ର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।




ଉଦ୍‌ଘାଟନୀ ଅଧିବେଶନରେ ଇନଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ), ରାଉରକେଲା ସ୍ଥାନୀୟ କେନ୍ଦ୍ରର ଅଧ୍ୟକ୍ଷ ଇଞ୍ଜିନିୟର ଦୀପଙ୍କର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଲେ ଯେ ଶିଳ୍ପାୟନ ଏବଂ ଦ୍ରୁତ ଅର୍ଥନୈତିକ ବିକାଶ ସମାଜ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥିବା ବେଳେ, ଏହା ଫଳରେ ଗ୍ୟାସୀୟ ପ୍ରଦୂଷକର ନିର୍ଗମନ ମଧ ବୃଦ୍ଧି ପାଇଛି । ପ୍ରଫେସର ସୁସ୍ମିତା ମିଶ୍ର ଆଲୋଚ୍ୟ ବିଷୟ ବସ୍ତୁ ଉପରେ କହିଲେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ 'ଉପ୍ରେରଣ' ଏକ ଅତ୍ୟନ୍ତ ଆଶାଜନକ ଏବଂ ସ୍ଥାୟୀ ପନ୍ଥା ପ୍ରଦାନ କରିଥାଏ । ସେ ବୁଝାଇଥିଲେ ଯେ ଉପ୍ରେରକଗୁଡ଼ିକ କ୍ଷତିକାରକ ଗ୍ୟାସୀୟ ପ୍ରଦୂଷକକୁ କମ୍ କ୍ଷତିକାରକ କିମ୍ବା ପରିବେଶ ଅନୁକୂଳ ଉତ୍ପାଦରେ ପରିଣତ କରିବାରେ ସହାୟକ ହୋଇଥାଏ, ଯାହା ପ୍ରାୟତଃ ଅଧିକ ଦକ୍ଷତା ଏବଂ କମ୍ ଶକ୍ତି ବ୍ୟବହାର ସହିତ ସମ୍ଭବ ହୋଇଥାଏ । ସେମିନାରର ଆବାହକ ପ୍ରଫେସର ପ୍ରତୀକ ଖତ୍ରୀ ଓ ଅନ୍ୟତମ ଆବାହକ ପ୍ରଫେସର ଅବନ୍ତୀ ସାହୁ ମଧ ସେମିନାରର ବିଷୟବସ୍ତୁର ଗୁରୁତ୍ୱ ଓ ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ ।

## ■ ଦୁଇ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ

# ବିଦ୍ୟାଳୟ ସହକାରୀ କିରାଣି ଗିରଫ

**କୋଇଡା, ୩।୧୦ (ସମିସ):** ବିଦ୍ୟାଳୟ ପରିସରରେ ଛାତ୍ରୀଙ୍କ ସୁରକ୍ଷାକୁ ନେଇ ପୁଣି ଉଠିଲା ପ୍ରଶ୍ନ । ଦୁଇ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଜଣେ ବିଦ୍ୟାଳୟ ସହକାରୀ କିରାଣିଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସୁନ୍ଦରଗଡ଼ ଜିଲ୍ଲା କୋଇଡା ବ୍ଲକ ଅନ୍ତର୍ଗତ କେବଲାଙ୍ଗ ଥାନା ଅଞ୍ଚଳର ଜାମୁଡ଼ିହି ସ୍ଥିତ ଏକ ବିଦ୍ୟାଳୟରେ ଏହି ଅଭାବନୀୟ ଘଟଣା ଘଟିଥିବା ଅଭିଯୋଗ ହୋଇଛି ।



ପୁଲିସ ସୂଚନା ଅନୁସାରେ, ଗଣେଶ ପୂଜା ଭସାଣି ସମୟରେ ଦାୟିତ୍ୱରେ ଥିବା ସହକାରୀ କିରାଣି ଜିତେନ୍ଦ୍ର କୁମାର ଉଦବାଲ ଭସାଣି ଶେଷ ପରେ ବିଦ୍ୟାଳୟର ଦୁଇ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅଟକାଇଥିଲେ । ସେମାନଙ୍କ ସହ ଖରାପ ବ୍ୟବହାର କରିବା ସହ ଅସଦାଚରଣ କରିଥିବା ଛାତ୍ରୀଦ୍ୱୟ ଅଭିଯୋଗ କରିଛନ୍ତି । ଘଟଣା ପରେ ଲୋକଲଜ୍ଜା ଭୟରେ ଛାତ୍ରୀଦ୍ୱୟ ପ୍ରଥମେ କାହାକୁ କିଛି କହିନଥିଲେ ମଧ ପୁଣି ଏଭଳି ଘଟଣା ଘଟିବାରୁ ସେମାନେ ଅଭିଭାବକଙ୍କୁ ଜଣାଇଥିଲେ । ଏହାପରେ ଅଭିଭାବକମାନେ କେ.ବଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଥାନାଧିକାରୀ ଅଶୋକ କୁମାର ବେହେରାଙ୍କ ନେତୃତ୍ୱରେ ପୁଲିସ ତଦନ୍ତ ଆରମ୍ଭ କରି ସହକାରୀ କିରାଣିଙ୍କୁ ଥାନାକୁ ଆଣି ପଚରାଉଚରା ପରେ ପୋକ୍‌ସୋ ଆଇନରେ ମାମଲା ରୁଜୁ କରି ଶନିବାର ସୁନ୍ଦରଗଡ଼ କୋର୍ଟକୁ ଚାଲାଣ କରିଛି ।

# ରାଉରକେଲା ରେଳ ଷ୍ଟେସନରୁ ୬୬.୪୮୦ କିଗ୍ରା ଗଞ୍ଜେଇ ଜବତ

## ମହିଳାଙ୍କ ସମେତ ୫ ଜଣ ଗିରଫ

**ରାଉରକେଲା, ୩।୧୦ (ସମିସ):** ରାଉରକେଲା ରେଳ ଷ୍ଟେସନରୁ ରେଳବାଇ ପୁଲିସ ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ ସମୟରେ ୬୬.୪୮୦ କିଲୋଗ୍ରାମ ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ଜଣେ ମହିଳାଙ୍କ ସମେତ ମୋଟ ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଶେଖ୍ ରକିବୁଲ୍, ଶେଖ୍ ହୋଜେଇଫା ଉସମାନ୍, ଶେଖ୍ ରଜାକ୍, ଶେଖ୍ ରିୟାଜ୍ ଏବଂ ମିନତା ବିବି ।

ମିଳିଥିବା ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟାରେ ରାଉରକେଲା ରେଳ ଷ୍ଟେସନର ୧ ନମ୍ବର ପ୍ଲାଟଫର୍ମରେ ଇସ୍ପାତ ଏକ୍ସପ୍ରେସ୍ ଟ୍ରେନକୁ ଅପେକ୍ଷା କରି ରହିଥିବା ୫ ଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଜିଆରପି ପୁଲିସ ଯାଞ୍ଚ କରିଥିଲା । ଯାଞ୍ଚ ବେଳେ ସେମାନଙ୍କ ନିକଟରୁ ବିପୁଳ ପରିମାଣର ଗଞ୍ଜେଇ ମିଳିଥିଲା । ଗିରଫ ରକିବୁଲ୍ ଠାରୁ ୧୩.୩୮୦ କିଲୋଗ୍ରାମ ଗଂଜେଇ ଜବତ କରାଯାଇଥିଲା ବେଳେ ହୋଜେଇଫା ଉସମାନ୍ ଠାରୁ ୧୪.୫୫୦ କିଗ୍ରା, ରାଜାକ୍ ଠାରୁ ୧୪.୯୭୦ କିଗ୍ରା, ରିୟାଜ୍ ଠାରୁ ୧୪.୪୭୦ କିଗ୍ରା ଏବଂ ମିନାତା ବିବି ଠାରୁ ୯.୧୧୦ କିଗ୍ରା ଗଂଜେଇ ଜବତ କରାଯାଇଥିଲା । ଏହା ସହିତ ସେମାନଙ୍କ ନିକଟରୁ ୪ଟି ମୋବାଇଲ୍ ଫୋନ୍, ଗୋଟିଏ ଟ୍ରେନ୍ ଟିକେଟ୍ ଏବଂ ନଗଦ ୧, ୨୮୦ ଟଙ୍କା ଜବତ କରାଯାଇଛି ।

ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତମାନେ ଏହି ଗଞ୍ଜେଇ ଓଡ଼ିଶାର କନ୍ଧମାଳ ଜିଲ୍ଲା ସ୍ଥିତ ବାଲିଗୁଡ଼ା ଅଞ୍ଚଳରୁ ସଂଗ୍ରହ କରି ରାଉରକେଲା ଦେଇ ପଶ୍ଚିମବଙ୍ଗର ମୁର୍ଶିଦାବାଦକୁ ଚାଲାଣ କରିବାକୁ ଯୋଜନା କରିଥିଲେ । ଏହି ଘଟଣାରେ ପୁଲିସ ଏନଡିପିଏସ ଆକ୍ଟ ଅନୁଯାୟୀ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି ।

# ଆର୍‌ଏସ୍‌ପିରେ 'ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ'

**ରାଉରକେଲା, ୩।୧୦ (ସମିସ):** ଆରଏସପିର ଇସ୍ପାତ ଜେନେରାଲ ହସ୍ପିଟାଲ୍ ଠାରେ 'ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ' ପାଳିତ ହୋଇଯାଇଛି । ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ (ଏମ୍‌ଏଣ୍ଡଏଚ୍‌ଏସ୍) ଡାକ୍ତର ଜୟନ୍ତ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନୀ ସମାରୋହରେ ଅଧକ୍ଷତା କରିଥିଲେ । ଏହି ଅବସରରେ ମୁଖ୍ୟ ଚିକିତ୍ସା ଅଧିକାରୀ (ଏମ୍‌ଏଣ୍ଡଏଚ୍‌ଏସ୍) ଡାକ୍ତର ମେଘରାୟ ମାଝୀ, ଉପ ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ବିଭାଗୀୟ ମୁଖ୍ୟ (ପାଥୋଲୋଜି) ଡାକ୍ତର ଅରୁଣା ମୁକ୍ତି ମିଞ୍ଜ, ୱାଇ. ଏଚ୍.ଏ.ଆଇ ରାଉରକେଲା ଶାଖାରର ସଭାପତି ପି. କେ. ସ୍ୱାଇଁ, ଆଇଜିଏଚ୍ ର ଅନ୍ୟାନ୍ୟ ଅନେକ ଡାକ୍ତର, ନର୍ସ ଓ କର୍ମଚାରୀ, ୟୁଥ୍ ହୋଷ୍ଟେଲ ଆସୋସିଏସନ୍ ଅଫ୍ ଇଣ୍ଡିଆ, ଇଣ୍ଡିଆନ୍ ମେଡିକାଲ ଆସୋସିଏସନ୍ (ରାଉରକେଲା ଶାଖା) ଏବଂ ସିଆଇଏସ୍‌ଏଫ୍ ର ପ୍ରତିନିଧି ଓ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ ।



ଉପସ୍ଥିତ ସଭାକୁ ସମ୍ବୋଧିତ କରି ଡାକ୍ତର ଆଚାର୍ଯ୍ୟ ନିୟମିତ ସ୍ୱେଚ୍ଛାକୃତ ରକ୍ତଦାନ ଉପରେ ଗୁରୁତ୍ୱାରୋପ କରିଥିଲେ । ବ୍ଲଡ୍ ଟ୍ରାନ୍ସଫ୍ୟୁଜନ୍ ସେଣ୍ଟରର ବରିଷ୍ଠ କନ୍‌ସଲଟାଣ୍ଟ ଡାକ୍ତର ପଙ୍କଜ କୁମାର ଦାସ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ୱାଇ. ଏଚ୍.ଏ.ଆଇ, ରାଉରକେଲା ଶାଖାର ଉପସଭାପତି ଅମିତାଭ ଠାକୁରଙ୍କ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ ସହ ଉଦ୍‌ଘାଟନୀ ସମାରୋହ ଶେଷ ହୋଇଥିଲା । ଏହା ପରେ ଆଇଜିଏଚ୍ ର ବ୍ଲଡ୍ ଟ୍ରାନ୍ସଫ୍ୟୁଜନ୍ ସେଣ୍ଟର ଠାରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା, ଯେଉଁଥିରେ ୨୦ ଜଣ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ । ଏହା ୟୁଥ୍ ହୋଷ୍ଟେଲ ଆସୋସିଏସନ୍ ଅଫ୍ ଇଣ୍ଡିଆ, ଇଣ୍ଡିଆନ୍ ମେଡିକାଲ ଆସୋସିଏସନ୍ (ରାଉରକେଲା ଶାଖା) ଏବଂ ସିଆଇଏସ୍‌ଏଫ୍ ର ଯୁଗ୍ମ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା ।

# ଚିନ୍ମୟ ପବ୍ଲିକ ସ୍କୁଲରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

**ରାଉରକେଲା, ୩।୧୦(ସମିସ):** ସ୍ଥାନୀୟ ଆଇଡିଏଲ୍ ରୋଡ ସ୍ଥିତ ଚିନ୍ମୟ ପବ୍ଲିକ ସ୍କୁଲ ପରିସରରେ ମହାତ୍ମା ଗାନ୍ଧୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । 'ସକାଳ'ର ରାଉରକେଲା ସଂସ୍କରଣ ମୁଖ୍ୟ ବରିଷ୍ଠ ସାମ୍ବାଦିକ ଦେବବ୍ରତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଭାତ ଫେରି ତଥା ସ୍ୱଚ୍ଛ ଭାରତ ଅଭିଯାନରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।




ଏହି ଅବସରରେ ଅନୁଷ୍ଠାନର ନିର୍ଦ୍ଦେଶକ ଡକ୍ଟର ତ୍ରିନାଥ ଦାଶମୋହିନୀ, ଉପ-ନିର୍ଦ୍ଦେଶକ ରାଜେଶ ଦାଶମୋହିନୀ, ତାପସ ଦାଶମୋହିନୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସୁବାସ ଚନ୍ଦ୍ର ପାତ୍ର ଏବଂ ସ୍କୁଲର ଅଧକ୍ଷ ବୀରେନ୍ଦ୍ର ସିଂହ ପ୍ରମୁଖ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଆଦର୍ଶ, ସ୍ୱଚ୍ଛତା, ସତ୍ୟ ଏବଂ ଅହିଂସା ଉପରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ପ୍ରଭାତ ଫେରି ପରିକ୍ରମା କରାଯିବା ସହ ସ୍ୱଚ୍ଛ ଭାରତ ଅଭିଯାନ ଓ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଛାତ୍ରଛାତ୍ରୀମାନେ ଅତ୍ୟନ୍ତ ଉତ୍ସାହର ସହ ଏଥିରେ ଭାଗ ନେଇଥିଲେ । ସହକାରୀ ଶିକ୍ଷୟିତ୍ରୀ ସ୍ମିତା ସାମାସୀ ମଞ୍ଚ ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷକ କୈଳାସ ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ସମାରୋହ ପ୍ରଭାରୀ ମଧୁସ୍ମିତା ମାର୍ଥାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ପରିଚାଳନା କରାଯାଇଥିଲା ବେଳେ ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ମଲ୍ଲିକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ ସଚେତନତା ଶୋଭାଯାତ୍ରାଟି ମା ମଙ୍ଗଳା ଛକ, ଡି ବ୍ଲକ ଛକ ହୋଇ ସୁପର ମାର୍କେଟରେ ସମାପ୍ତ ହୋଇଥିଲା ।

# ଗୀତାରାଣୀ ଘାଟିରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**କୋଇଡ଼ା, ୩।୧୦(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଥାନା ଅନ୍ତର୍ଗତ ଗୀତାରାଣୀ ଏକ ନମ୍ବର ଘାଟି ଅଞ୍ଚଳରୁ ଜଣେ ବୃଦ୍ଧାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ମୃତକ ଗୀତାରାଣୀ ହାଟିଂ ଅଞ୍ଚଳର ଅଶୋକ ତିର୍କୀ(୬୩) । ସେ ଦୀର୍ଘଦିନ ଧରି ସାନ ପୁଅଙ୍କ ସହ ଗୀତାରାଣୀ ହାଟିଂରେ ରହୁଥିଲେ । ଗୁରୁବାର ତାଙ୍କ ମୃତଦେହ ଘାଟି ଅଞ୍ଚଳରେ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ । ଖବର ପାଇ କୋଇଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା । ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ମୃତ୍ୟୁର ପ୍ରକୃତ କାରଣ ଏଯାବତ୍ ସ୍ପଷ୍ଟ ହୋଇନଥିବା ବେଳେ କୋଇଡ଼ା ପୁଲିସ ଘଟଣାର ତଦନ୍ତ ଜାରି ରଖିଛି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ପରିବେଶ ସଚେତନତା



**ରାଉରକେଲା, ୩।୧୦ (ସମିସ):** ସ୍ଥାନୀୟ କନଷ୍ଟ୍ରକସନ କଲୋନୀ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ପବିତ୍ର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ ଅବସରରେ ଏକ ପରିବେଶ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଦିପ୍ତୀପ୍ରଭା ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ 'ସକାଳ'ର ରାଉରକେଲା ସଂସ୍କରଣ ମୁଖ୍ୟ ବରିଷ୍ଠ ସାମ୍ବାଦିକ ଦେବବ୍ରତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଲାଲବାହାଦୁର ଶାସ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ସେମାନଙ୍କ ଦେଶ ପ୍ରେମ, ଅସହଯୋଗ ଆନ୍ଦୋଳନ, ବଳିଦାନ ପରି ଗୁରୁତ୍ୱପୂର୍ଣ୍ଣ ଅବଦାନ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ପରିଚାଳନା କମିଟିର ସାଧାରଣ ସମ୍ପାଦକ ସୁଭାଷ ଚନ୍ଦ୍ର ପାତ୍ର, ବରିଷ୍ଠ ଶିକ୍ଷକ ରଞ୍ଜିତ କୁମାର ସାମନ୍ତରାୟଙ୍କ ସମେତ ବିଦ୍ୟାମନ୍ଦିର ସମସ୍ତ ଗୁରୁମାମାନେ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ତୈଳ ଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଅବସରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସ୍ୱଚ୍ଛତା ନେଇ ଏକ ଶପଥପାଠ କରିଥିଲେ । ପରେ ଏନେଇ ଏକ ସଚେତନତା ଶୋଭାଯାତ୍ରାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀମାନେ ସ୍କୁଲ ନିକଟରୁ ବାହାରି ସାରନଗରୀ ପରିକ୍ରମା କରି ସୁସ୍ଥ ପରିବେଶ ପାଇଁ ସଚେତନତା ସୃଷ୍ଟି କରିଥିଲେ । ଚାରି ଆଡେ ପଡ଼ିଥିବା ପଲିଥିନ୍ ସବୁକୁ ସଫା କରାଯିବା ସହ ପରିବେଶକୁ ପ୍ରଦୂଷଣ ମୁକ୍ତ ରଖିବା ଉପରେ ସ୍ଥାନୀୟ ଲୋକମାନଙ୍କୁ ସଚେତନ କରାଯାଇଥିଲା ।

# ତାଲିକାରୁ ବାଦ୍ ପଡ଼ିଥିବା ଭୋଟରଙ୍କ ହେବ ପୁନଃ ଯାଞ୍ଚ

**ରାଉରକେଲା, ୩।୧୦(ସମିସ)**

ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସଆଇଆର ପ୍ରକ୍ରିୟା ସମାପ୍ତ ହୋଇ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି । ତେବେ ଏହି ଚୂଡ଼ାନ୍ତ ଭୋଟର ତାଲିକାରୁ କୌଣସି କାରଣ ବଶତଃ ବାଦ୍ ପଡ଼ିଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ଭୋଟର ତାଲିକାରେ ସାମିଲ କରାଯିବ । ଏଥିପାଇଁ ପୂର୍ବଭଳି ଫର୍ମ-୬ ମାଧ୍ୟମରେ ଆବେଦନ କରିପାରିବେ ବୋଲି ନିଷ୍ପତ୍ତି ହୋଇଛି ।

ଏସଆଇଆର ସମୟରେ ଯଦି କୌଣସି ଯୋଗ୍ୟ ନାଗରିକଙ୍କ ନାମ କୌଣସି କାରଣ ବଶତଃ ଭୋଟର ତାଲିକାରୁ ବାଦ ପଡ଼ିଥାଏ, ତେବେ ପୁନର୍ବାର ନାମ ସାମିଲ କରାଇବା ପାଇଁ ଫର୍ମ-୬ ଦାଖଲ କରିବା ସମୟରେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ଦେବା ଆବଶ୍ୟକ ହେବ ନାହିଁ । ସେହିପରି, ଆବେଦନକାରୀଙ୍କ ପିତାମାତା କିମ୍ବା ଜେଜେବାପା/ଜେଜେମାଆଙ୍କ ନାମ ୨୦୦୨ ମସିହାର ଭୋଟର ତାଲିକାରେ ଥିଲା କି ନାହିଁ, ସେ ସମ୍ପର୍କିତ ତଥ୍ୟ ମଧ ଦାଖଲ କରିବାକୁ ପଡ଼ିବ ନାହିଁ ।

ଏ ସମ୍ପର୍କିତ ଅତିରିକ୍ତ ଘୋଷଣାନାମାକୁ ଭାରତ ନିର୍ବାଚନ ଆୟୋଗ (ଇସିଆଇ) ଫର୍ମ-୬ରୁ ହଟାଇ ଦେଇଛନ୍ତି । ଏହା ଫଳରେ ଏସଆଇଆର-୨୦୨୬ ପରେ ଭୋଟର ତାଲିକାରେ ନାମ ସାମିଲ କରାଇବାକୁ ଇଚ୍ଛୁକ ଯୋଗ୍ୟ ନାଗରିକମାନେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ଅତିରିକ୍ତ ତଥ୍ୟ କିମ୍ବା ଘୋଷଣାନାମା ବିନା ସାଧାରଣ ପ୍ରକ୍ରିୟାରେ ଫର୍ମ-୬ ଦାଖଲ କରିପାରିବେ ।

ତେବେ, କେବଳ ଫର୍ମ-୬ ଦାଖଲ କରିବା ଦ୍ୱାରା ଆବେଦନକାରୀଙ୍କ ନାମ ମଧ ସ୍ୱତଃପ୍ରବୃତ୍ତ ଭାବେ ଭୋଟର ତାଲିକାରେ ସାମିଲ ହେବ ନାହିଁ । ନାମ ସାମିଲ ପୂର୍ବରୁ ଆବେଦନକାରୀଙ୍କ ଯୋଗ୍ୟତା ଏବଂ ଆବେଦନରେ ଦିଆଯାଇଥିବା ତଥ୍ୟର ନିର୍ଦ୍ଧାରିତ ଯାଞ୍ଚ ପ୍ରକ୍ରିୟା ପୂର୍ବଭଳି ଜାରି ରହିବ ।

ସମ୍ପୃକ୍ତ ନିର୍ବାଚନ କର୍ତ୍ତୃପକ୍ଷ ଆବେଦନରେ ଦିଆଯାଇଥିବା ତଥ୍ୟ ଏବଂ ଆବଶ୍ୟକୀୟ କାଗଜପତ୍ର ଯାଞ୍ଚ କରିବା ପରେ ଆଇନ ଓ ନିର୍ଦ୍ଧାରିତ ନିୟମ ଅନୁଯାୟୀ ନାମ ଅନ୍ତର୍ଭୁକ୍ତୀକରଣ ଉପରେ ନିଷ୍ପତ୍ତି ନେବେ । ଯାଞ୍ଚ ପ୍ରକ୍ରିୟା ସମ୍ପୂର୍ଣ୍ଣ ନକରି କୌଣସି ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରେ ସାମିଲ କରାଯିବ ନାହିଁ । ଯେଉଁ ଯୋଗ୍ୟ ନାଗରିକଙ୍କ ନାମ ବର୍ତ୍ତମାନର ଭୋଟର ତାଲିକାରେ ନାହିଁ, ସେମାନେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରି ଫର୍ମ-୬ ଦାଖଲ କରି ଭୋଟର ଭାବେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ । ଏକ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରିବା ଏବଂ ଏହାର ଶୁଦ୍ଧତା, ସ୍ୱଚ୍ଛତା ବଜାୟ ରଖିବା ସହିତ ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ଭାବେ ପଞ୍ଜୀକରଣର ସୁଯୋଗ ଦେବା ଉଦ୍ଦେଶ୍ୟରେ ପ୍ରାପ୍ତ ସମସ୍ତ ଆବେଦନର ନିର୍ଦ୍ଧାରିତ ନିୟମ ଅନୁଯାୟୀ ଯାଞ୍ଚ କରାଯିବ ।

# ଷଷ୍ଠତମ ବାର୍ଷିକ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ

**କୋଇଡା, ୩।୧୦(ସମିସ):** କୋଇଡା ବ୍ଲକର ଆଦିବାସୀ ଅଧ୍ୟୁଷିତ ମାଳଦା ପଞ୍ଚାୟତ ଅନ୍ତର୍ଗତ କେନାଭେଟାଠାରେ ସ୍ପୋର୍ଟିଂ କ୍ଲବ୍ କେନାଭେଟା ପକ୍ଷରୁ ଷଷ୍ଠତମ ବାର୍ଷିକ ଦୁଇଦିନିଆ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଟିକେଶ୍ୱର ପାତ୍ରଙ୍କ ସମେତ ସମାଜସେବୀ ତପନ ପାତ୍ର, ଦିବାକର ନାଏକ ଓ ଯୁବ ସମାଜସେବୀ ବାଦଲ ବାରିକ୍ ପ୍ରମୁଖ ଯୋଗଦେଇ ଫୁଟବଲ୍ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ । ଏହି ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତାକୁ ନେଇ ସ୍ଥାନୀୟ ଫୁଟବଲ୍ ପ୍ରେମୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଓ ଉତ୍କଣ୍ଠା ପରିଲକ୍ଷିତ ହୋଇଥିଲା । ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଫୁଟବଲ୍ ପ୍ରତି ଯୁବପିଢ଼ିଙ୍କ ଆଗ୍ରହ ବଢ଼ାଇବା ଉଦ୍ଦେଶ୍ୟରେ ଆୟୋଜକ କମିଟି ପକ୍ଷରୁ ଖାସି ସହ ନଗଦ ପୁରସ୍କାରର ବ୍ୟବସ୍ଥା ମଧ କରାଯାଇଥିଲା । ସ୍ଥାନୀୟ ଯୁବକମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶ ଓ ଫୁଟବଲ୍‌କୁ ଲୋକପ୍ରିୟ କରିବାରେ ସ୍ପୋର୍ଟିଂ କ୍ଲବ୍ କେନାଭେଟାର ଏଭଳି ପ୍ରୟାସକୁ ସ୍ଥାନୀୟ ମହଲରେ ପ୍ରଶଂସା କରାଯାଇଛି ।

ସୃଜନିକା
ସକାଳ THE SAKALA
www.sakalaepaper.com

# ଗର୍ଭ ସଂଚାର





ନମିତା ପାଇକରାୟ

ମୁଁ ଜାଣିନି କୁଆଡ଼େ ଯାଉଛି ଆଉ କାହିଁକି ବି ଯାଉଛି! ଆଗରୁ କେବେ ଏଠିକୁ ଆସିଥିବା ପରି ମନେ ପଡୁନି । ତଥାପି ସବୁଆଡ଼େ ଏକ ନିଜର ନିଜର ଭାବ ବିଛେଇ ହୋଇ ରହିଛି । ଯେମିତି, ଏ ରାସ୍ତା, ଏ ପାହାଡ଼, ନଈ, ବଣ ତୋଟା ସବୁ ଚିହ୍ନା ଚିହ୍ନା ଲାଗୁଛି, ତଥାପି ମନେ ପଡୁନି କେବେ କାହା ସହିତ ଏଠିକୁ ଆସିଛି । ତାହେଲେ କ'ଣ ଏସବୁ ସହିତ ମୋର ପୂର୍ବ ଜନ୍ମର ସମ୍ପର୍କ ରହିଛି ? ଏ ସବୁ ପ୍ରଶ୍ନ ମାନସୀକୁ ବିଚଳିତ କରିଦେଲା । ସେଠାରୁ ସେ ଫେରି ଆସିଲା, ବଡ଼ ନୂଆବୋଉ ସହ ଯାଇ ଥିଲା ସେଇଠିକି, ବଡ଼ ନୂଆବୋଉ ମାନସୀର ଆନମନା ମୁହଁକୁ ଦେଖି ଥଟ୍ଟା

କଲେ, କ'ଣ ମାନସୀ କେଉଁଠି ହଜିଗଲ କି ? କେଉଁ ରାଜକୁମାର ମନ ଚୋରି କଲା ଏ ଜଙ୍ଗଲରେ ?

ଘରକୁ ଫେରି ମାନସୀ ଅତି ମାତ୍ରାରେ ଭାବୁକ ହୋଇଗଲା । ଷୋଳ ବର୍ଷର ଝିଅ କ'ଣ ଏତେ ଭାବୁଛି ଜେଜେମା ବ୍ୟସ୍ତ ହୋଇଗଲେ । ଜେଜେମା ନାତୁଣୀ ମାନସୀକୁ ଧରି ନିଜ ଭଉଣୀର ନାତି ବାହାଘରକୁ ଆସିଥିଲେ । ଭଉଣୀ ସିନା ମରି ଗଲାଣି ହେଲେ ସବୁ କାମ କାର୍ଯ୍ୟରେ ଛୁଆଙ୍କର ସାନ ମାଉସୀ ଲୋଡ଼ା । ପୁତୁରାମାନେ ଦରବୁଢ଼ା ହେଲେଣି, ହେଲେ ମାଉସୀକୁ ଦେଖିଦେଲେ ଛୁଆ ହୋଇ ଯାଆନ୍ତି । ବଡ଼ ପୁତୁରାର ସାନ ପୁଅ ବାହାଘର, ନାତୁଣୀ ମାନସୀକୁ ଧରି ଜେଜେମା' ଆସିଛନ୍ତି । ମାନସୀ ତ ସବୁବେଳେ ଓଡ଼ିଶା ବାହାରେ ବାପା-ମାଆ ସହ ବୁଲୁଛି । ବାପା ଚାକିରି ଯେଉଁଠି ସିଏ ସେଇଠି ରହିବ । ଏଥର ତା'ର ପରୀକ୍ଷା ପରେ, ତା' ବାପା ମାନସୀର ଗାଁ ଅଭିଜ୍ଞତା ପାଇଁ ମାଆ ପାଖରେ ଗାଁରେ ଛାଡ଼ି ଦେଇ ଯାଇଛନ୍ତି ।

ପୁତୁରା ଯାଇଥିଲେ ମାଉସୀକୁ ଡାକି, ସଂଯୋଗ ଏମିତି ମାନସୀ ଥିଲା ଗାଁରେ, ଦୁହିଁଙ୍କୁ ଧରି ପୁଅ ବାହାଘର ପାଇଁ ନେଇ ଆସିଲେ ।

ମାନସୀ ଜେଜେମା'ଙ୍କ ବଡ଼ ଭଉଣୀଙ୍କ ଘର ଠିକ୍ ପାହାଡ଼ ତଳେ, ତାଙ୍କ ବାରି ପଟ କବାଟ ଖୋଲି ଦେଲେ, ପାହାଡ଼ ଯେମିତି ଦୁଆର ମୁହଁରେ ଠିଆ ହେଲା ପରି ଲାଗିବ । ଟିକେ ଦୂରରେ ନଈଟି ବହୁଥାଏ, ପାହାଡ଼ ଉପରକୁ ଟିକେ ଚଢ଼ିଗଲେ ଏତେ ମନୋରମ ଦୃଶ୍ୟ ମାନସୀ ଆଖିରେ କେବେ ଦେଖି ନଥିଲା । ଏଇ ସବୁ ଚିତ୍ର ତ ସେ ଅନେକ ଥର ଆଙ୍କିଛି । କିନ୍ତୁ ଏ ଦୃଶ୍ୟମାନ ଆଖିରୁ ହଟୁ ନାହାଁନ୍ତି । ମାନସୀକୁ ବିଚଳିତ କରୁଛନ୍ତି କାହିଁକି ? ଏତେ ଆପଣାର ଦୃଶ୍ୟମାନ ଏଇଠି ଅଛି । କିନ୍ତୁ ଅନେକ ଥର ସ୍ୱପ୍ନରେ ଆସେ ମାନସୀର ଏସବୁ, ମାନସୀ ସ୍ୱପ୍ନରେ ଘୂରି ବୁଲୁଥିବା ଜାଗା ସବୁ ଆଖିରେ ଦେଖି ଆଚମ୍ବିତ ହେଉଛି, ତାକୁ ଯେମିତି ପରୀ ରାଇଜର କାହାଣୀ ପରି ଲାଗୁଛି ।

ଜେଜେମା ସବୁ ଶୁଣି ମାନସୀକୁ କୋଳେଇ ଧରିଲେ । ବୋକୀଟାଏ ତୁ, ତୋ ମାଆକୁ ମାଉସୀ ଶାଶୁ ଡାକି ଆଣି ଥିଲେ ସାଦ ଖୁଆଇବା ପାଇଁ । ଚାରି ଦିନ କହି, ତୋ ମାଆକୁ ଏ ପାହାଡ଼ ନଈ ଏତେ ଭଲ ଲାଗିଲା ଯେ ଏଇଠି ମାସେ ରହି କି ଗଲା । ତୁ ତୋ' ମାଆ ପେଟରେ ଥିଲୁ, ମାଆ ଆଖି ଦେଇ ଦେଖିଥିବୁ, ସେଇଥିପାଇଁ ତୋ' ଆଖିକୁ ଏ ଦୃଶ୍ୟମାନ ଦୋ ଦୋ ଚିହ୍ନା ଲାଗୁଛି । ମାନସୀକୁ ଆହୁରି ଆଶ୍ଚର୍ଯ୍ୟ ଲାଗିଲା, ତା' ମୁହଁରୁ ବାହାରି ଆସିଲା, "ଆରେ ଏମିତି ବି ହୁଏ ?"

ଜେଜେମା କହିଲେ, "ତୁ ଅନେକ କଥା ଜାଣିନୁ, ଆମ ପୁରାଣ ଶାସ୍ତ୍ରରେ ସବୁ ଲେଖା ଅଛି 'ଗର୍ଭ ସଂଚାର' ବିଷୟରେ ପଢ଼ିଲେ ଜାଣିବୁ । ଏଥର ମାନସୀର ମନ ହାଲୁକା ହୋଇଗଲା । ସେ ସେଠାରେ ଯେତିକି ଦିନ ରହିଲା ସବୁ ଦୃଶ୍ୟକୁ ତନ୍ନ ତନ୍ନ କରି ଦେଖିଲା, ଦିଲ୍ଲୀ ଗଲେ ଯେମିତି ସେସବୁକୁ କାନଭାସ୍‌ରେ ଜୀବନ୍ତ ରୂପ ଦେଇପାରିବ । ■

ଭୁବନେଶ୍ୱର
ମୋ: ୯୮୬୧୩୮୫୦୪୬



ଡ. ଚିତ୍ତରଞ୍ଜନ ମିଶ୍ର

## ରୂପାନ୍ତର



କେବେ ତ ପାଖରେ ନଥିଲ
କିନ୍ତୁ ବିଦାୟ ନେବା ବେଳକୁ ଆସିଲ
ଲମ୍ବା ଅନୁପସ୍ଥିତିର ଆସ୍ତରଣକୁ ହସି ହସି
ଆଡ଼େଇ ଦେଲ ଓଢ଼ଣି ପରି
ଯେମିତିଆ ସବୁଦିନ ଥିଲ ।

ମନ ଏକ ନିର୍ବୋଧ ବାଳକ
ବୁଝିଯାଏ ସହଜରେ କିଏ ବୁଝାଇ ଦେଲେ ମା' ପରି
ପୁନଶ୍ଚ ଅଝଟ ହୁଏ
ବୟସ୍କ ହେଲେ ବି ରହିଥାଏ ସେହି ଅଝଟ ଅବୁଝାପଣ
କାଚ ବାକ୍ସ ଭିତରେ ଥିବା ତାରକସି
ରୂପା ତରୁଣୀର କାନ୍ତି ପରି
ବର୍ଷ ବର୍ଷ ବର୍ଷ ବର୍ଷ

ତୁମକୁ ବାଟେଇ ଦେଇ ଫାଟକ ପାଖରେ
ଘରକୁ ପଶିଲା ବେଳେ
କାଚ ବାକ୍ସ ପଡ଼ି ଖଣ୍ଡ ଖଣ୍ଡ
ଥାକରେ ତ ଏତେଦିନ ଥିଲା ସ୍ଥିର
କେବେ ବି ତ ପବନର ହାତ
ଅବା ବିଲେଇ ମୂଷାଙ୍କ ଗୋଡ଼ ଛୁଆଙ୍କ ଦୁଷ୍ଟାମି

ହଲାଇ ନ ଥିଲା ସେହି ରୂପାତାର ତରୁଣୀର
କାଚକାନ୍ଥ ଘେରା କାରାଗାର !
କାମବାଲି ପାଟି କଲା
ବାବୁ ଉଠ ଝାଡୁ ଦେବି
କାଚ ଗୁଣ୍ଡ ଫିଙ୍ଗି ପୁଣି ଯିବି ଅନ୍ୟ ଘର ।

ତୁମେ କଲ୍ କରିଥିଲ
କହିବାକୁ ଘରେ ପହଞ୍ଚିଲ । ■

୨୦୫, ମଞ୍ଜୁଳା ରେସିଡେନ୍ସି
ୱାଟର ୱାର୍କ୍ସ ରୋଡ୍, ପୁରୀ ୭୫୨୦୦୨
ମୋ: ୯୪୩୭୦୦୦୯୨୧

## ତମେ ନଥିଲା ଦିନ



ରବି ଶତପଥୀ

ମୁଁ ଗଲାଦିନ
ତମେ ନଥିଲ,
ଗୋଟେ ମଉଳା ଗୋଲାପ ଫୁଲ
ଥୁଆ ହୋଇଥିଲା
ତମ ପଢ଼ା ଟେବୁଲ୍ ଉପରେ ।
ଖଣ୍ଡେ ଧଳାକାଗଜରେ
ଖାଲି ଲେଖାଥିଲା
ଏତେ ପରେ ବି
ତମେ ଥରେ ଆସିଲନି ।

ମୁଁ ସାରାଘର ତମକୁ ଖୋଜିଲି
ତମେ ନଥିଲେ ବି
ସେଇଠି କେଉଁଠି ଥିଲ
ମୋତେ ଏମିତି ଲାଗିଲା ।
ତୁମର ଗୋଟେ ସୁନ୍ଦର
ରଙ୍ଗିନ୍ ଫଟୋ ଝୁଲୁଥିଲା
ତମ ଡ୍ରଇଂ ରୁମ୍‌ରେ,
ଆଉ ତମ ଦେହର ବାସ୍ନା
ଘୂରି ବୁଲୁଥିଲା ସେ ଘରେ ।
ତମ ଆଲବମ୍ ଖୋଲିଲି
ଗୋଟେ କେଉଁଦିନର
କଳାଧଳା ଫଟୋ ମୋର
ଥିଲା ତମ ପାଖରେ ।

ମୁଁ ତମକୁ ପୁଣି
ଭଲକରି ଖୋଜିଲି
ତମେ ନଥିବା ଘରେ,
ଅଭିମାନ କରି
କେଉଁଠି ଲୁଚିଗଲ କି ?
ଭାବିଲି, ଭାବିପାରିଲି ନାହିଁ ।
ପଡ଼ିଶାଘର କେହି ଜଣେ
ସଞ୍ଜଦୀପ ଜାଳିଲା,
ଭାବିଲି, ରାତି ଆଉ କେତେ ବାକି ।

ଫେରିଲି, ସାରାରାସ୍ତା ଅନ୍ଧାର
ଆଶ୍ଚର୍ଯ୍ୟ, ମୋତେ ଜଗିଥିଲା ଭଳି
ତମେ ଠିଆ ହୋଇଥିଲ
ନୀରବରେ ମଝି ରାସ୍ତାରେ,
ମୋର ସବୁ ଇଚ୍ଛା ଓ ଚେଷ୍ଟା ସତ୍ତ୍ୱେ
ମୁଁ ଥରେ ବି ଛୁଇଁପାରିଲିନି ତମକୁ ।
ଘରକୁ ଫେରି ଦେଖିଲି
ମୁଁ ଆଉ ସେମିତି ମୁଁ ହୋଇନାହିଁ
ତମ ଘରକୁ ଗଲାବେଳେ
ଠିକ୍ ଯେମିତି ଥିଲି । ■

ନୀରବ ନୀଡ଼
ପୂଜାରୀପୁଟ, କୋରାପୁଟ
ମୋ: ୯୪୩୭୭୮୪୮୫୯



# "ଆନନ୍ଦ ହିଁ ମୋ କବିତା ଲେଖିବାର ବଡ଼ ଉତ୍ତର"



ମୁଁ କାହିଁକି ଲେଖେ



ରକ୍ଷକ ନାୟକ

'ମୁଁ କାହିଁକି ଲେଖେ, ଏ ପ୍ରଶ୍ନ ବା ଜିଜ୍ଞାସା ପ୍ରଥମେ ସାମ୍ନା କରିବା ପୂର୍ବରୁ ମୁଁ ଗୁଡ଼େ ଲେଖିସାରିଲିଣି । ଉତ୍ତର ପାଇଁ ପଛକୁ ଫେରିବାକୁ ପଡ଼ିଲା । ପିଲାବେଳକୁ । ଆତ୍ମ ସମୀକ୍ଷା କରିବାକୁ ହେଲା । ଗୋଟେ ବାକ୍ୟରେ କହିବି ଆରମ୍ଭ ଥିଲା ମୋର ଯୋଜନା ଓ ନିୟନ୍ତ୍ରଣ ବାହାରେ, ସମ୍ପୂର୍ଣ୍ଣ ସ୍ୱାଭାବିକ । ତାହା ଆପାତତଃ ଏଯାବତ୍ ବଜାୟ ରହିଛି ।

ମୋର ଜନ୍ମ ପୁରୀ ଜିଲ୍ଲାରେ ଗୋପ ବ୍ଲକ୍‌ର ଏକ ନିପଟ ମଫସଲ ଗାଁ ପାଇକସାହିରେ । ମୋ' ପିଲାବେଳର ସମୟ ଥିଲା ଆଶ୍ଚର୍ଯ୍ୟ, ବିସ୍ମୟ ଓ ରହସ୍ୟରେ ଭରପୂର । ଅନ୍ଧାର ଯେମିତି ଆଲୁଅ ମଧ୍ୟ ସେମିତି । ମୋ' ଗାଁର ସାଂସ୍କୃତିକ, ପ୍ରାକୃତିକ ଓ ସାମାଜିକ ପରିବେଶ ମନଛୁଆଁ ଥିଲା । ଅନେକ କଥା ବୁଝି ନ ହେବାରେ ବହୁତ ଆନନ୍ଦ ଥିଲା । ମୁଁ ଭଲ ପାଠ ପଢୁଥିଲି । ସେତେବେଳର ମାନକରେ ଭଲ ପିଲା ଥିଲି । ଭଲ ପିଲା ମାନେ ମାଛିକୁ ମ' ନ କହିବା । ଖେଳ କଉତୁକ ଦୁଷ୍ଟାମିଠୁ ଦୂରେଇ ରହିବା । ଖାଲି ବହି ପଢ଼ିବା, ପାଠ ଘୋଷିବା । ମୁଁ ଥିଲି ଅନ୍ତର୍ମୁଖୀ । ପୋତାମୁହାଁ । ମୋର କେହି ଅନ୍ତରଙ୍ଗ ସାଙ୍ଗ ନ ଥିଲେ । ଭଲ ପିଲା ବୋଲି ଆଡ଼େଇ ଯାଉଥିଲେ । ମୋର ଯେ, ବୁଲିବାକୁ ଖେଳିବାକୁ ଦୁଷ୍ଟାମି କରିବାକୁ ଇଚ୍ଛା ନ ଥିଲା ନୁହଁ, ଭଲ ପିଲାର ଭାବମୂର୍ତ୍ତି ବଜାୟ ରଖିବାକୁ ନିଜକୁ ଚାପି ରଖିବାକୁ ପଡୁଥିଲା । ମୋ ଜେଜିମା ଗାଆଁକୁ ଆସୁଥିବା ଯୋଗୀମାନଙ୍କଠାରୁ ଚାଉଳ ଦେଇ ବହି କିଣି ଖରାବେଳ ସାରା ପଢ଼େ । ତାକୁ ସଙ୍ଗା ଉପରେ ଥିବା ପେଟରାରେ ରଖେ । ମୋ' ବାପା ସ୍କୁଲ ଶିକ୍ଷକ ଥିଲେ । ପାଠାଗାର ଦାୟିତ୍ୱରେ ଥିବାରୁ ବହୁତ ବହି ତାଙ୍କ ଆଲମିରାରୁ ଯିବା ଆସିବା କରୁଥାଏ । ଏସବୁ ମୁଁ ପଢ଼େ । ଦେଖେ । ଆଉ ନିରାପଦ ଦୂରରେ ରହି ଗାଁ ଲୋକଙ୍କ କଥା ଶୁଣେ । କାହାକୁ କିଛି କହି ପାରେନା । ଏହି ଚାପା ଅନୁଭବ ବୋଧେ ପ୍ରଥମେ କବିତା ହେଇ ଆସିଲା । ମୁଁ ଆଚମ୍ବିତ ହେଲି । ଯାହା ମନକୁ ଆସିଲା ଲେଖିଲି । ରେଡିଓରେ ଶିଶୁ ସଂସାର କିଶୋର ଚକ୍ର ମୁଁ ନିୟମିତ ଶୁଣେ । ସେଠୁ ମତେ ଲେଖିବାର ବାଟ ମିଳେ । ଲେଖେ ସିନା କାହାକୁ ଦେଖାଇ ପାରେନା । ସହପାଠୀକୁ ବି । ମୋ ପାଇଁ ଏହା ଥିଲା ନିଷିଦ୍ଧ କାମ । ଦୁଃସାହସିକ ଅଭିଯାନ । କାରଣ ଆମ ବେଳେ ଲେଖାଲେଖିକୁ ଶିକ୍ଷକ ଗୁରୁଜନ ପସନ୍ଦ କରୁ ନ ଥିଲେ । ତାଙ୍କର ଧାରଣା ଥିଲା ଯାହା ଅବଶ୍ୟ କିଛି ମାତ୍ରାରେ ସତ୍ୟ ଯେ, ଲେଖାଲେଖି ପାଠରେ ଅନ୍ତରାୟ ସୃଷ୍ଟି କରେ । ମୁଁ କିନ୍ତୁ ଲୁଚେଇ ଲେଖେ ଲୁଚେଇ ତାକୁ ପଢ଼େ । ଥରେ ଅଧେ ବଡ଼ ଭାଇ ହାବୁଡ଼ରେ ଧରା ପଡ଼ିଛି । ସେ ଖୁସି ହେଇଛି । କାହାକୁ କହିନି । ମୁଁ କାହିଁକି ତାହେଲେ ଏତେ ବଡ଼ ଅପରାଧ ଭଳି କାର୍ଯ୍ୟ କରୁଥିଲି । କାରଣ ହେଲା ଗୋଟେ ନିର୍ମଳ ସରଳ ନିରୀହ ବିଶୁଦ୍ଧ ଆନନ୍ଦ ପାଉଥିଲି । ତାଛଡ଼ା ମତେ ଲାଗୁଥିଲା ମୁଁ କ'ଣ ଗୋଟେ ନୂଆ ନିର୍ମାଣ କରି ପାରୁଛି । ମୋ' ମନକଥା, ମୋ ଅନୁଭବ, ମୋ ଭାବନା ପ୍ରକାଶ କରି ପାରୁଛି । ତାହା ଏ ପର୍ଯ୍ୟନ୍ତ ଚାଲିଛି ବୋଲି ଲେଖୁଛି । ପରେ କାହିଁକିରେ ଅନେକ କଥା ମଧ୍ୟ ଯୋଡ଼ି ହେଇ ଯାଇଥିଲେ ମଧ୍ୟ ମୂଳ ବିନ୍ଦୁଟି ଅକ୍ଷୁଣ୍ଣ ରହିଛି ।

ମୋ ଲେଖା ବାସ୍ତବରେ ମୋର ପ୍ରତିକ୍ରିୟା । ଅନେକ କଥାର ମୋର ନିଜସ୍ୱ ପାର୍ଶ୍ୱ ପ୍ରତିକ୍ରିୟା । ନିଜକୁ ନେଇ ମୋ' ସମୟକୁ ନେଇ ମୋ ପୃଥିବୀକୁ ନେଇ ମୋର କିଛି କହିବାର ଥାଏ । ମୁଁ ସେକଥା କୁହେ । ମନ ହାଲକା ଲାଗେ । ଭିନ୍ନ ପ୍ରକାରରେ ମୋର କର୍ତ୍ତବ୍ୟ ସମ୍ପାଦନ କଲା ଭଳି ଲାଗେ । ଆତ୍ମତୃପ୍ତି ମିଳେ । କେତେ କାମ ମୁଁ କରି ପାରନ୍ତି । ପାରେନି । ମୋର ଇଚ୍ଛା ହୁଏ କାହାକୁ ହାଣି ଦେବାକୁ ତ କାହାକୁ ଚୁମା ଦେବାକୁ । ପ୍ରତିବାଦ କରିବାକୁ । ପ୍ରତିଶୋଧ ନେବାକୁ । ପ୍ରେମ ନିବେଦନ କରିବାକୁ । ସତରେ ତାହା ହେଇପାରେନି । ଶବ୍ଦରେ ଘଟାଇ ଦିଏ । ତେଣୁ ମୋର ପ୍ରତ୍ୟେକ ଲେଖାରେ ମୁଁ ଥାଏ । ପ୍ରେମ କବିତା ହେଉ କି ବିଦ୍ରୋହର କବିତା ସବୁଠି ନିଜକୁ ପ୍ରକାଶ କରି ଆତ୍ମ ସନ୍ତୋଷ ପାଏ । ଅତି ସହଜରେ ମିଳିଥିବା ଆନନ୍ଦ ହିଁ ମୋ କାହିଁକିର ବଡ଼ ଉତ୍ତର । ମୁଁ ଲେଖେ ମୁଁ ତାକୁ ଭୋଗେ ।

ଲେଖିବାର ଆଉ ଗୋଟେ କାରଣ ହେଉଛି ପ୍ରଶଂସା । ମତେ କବି ଲେଖକ ଭାବରେ ବହୁ ପ୍ରଶଂସା ମିଳିଛି । ସ୍ୱୀକୃତି ମିଳିଛି । ଭିଡ଼ ଭିତରେ ଭିନ୍ନ ବୋଲି ପରିଚୟ ସୃଷ୍ଟି ହୋଇଛି । ବନ୍ଧୁ ମହଲରେ ବିଶେଷ ଖାତିର ମିଳିଛି । ଏହା ଲେଖା ଜାରି ରଖିବାକୁ ପ୍ରେରିତ କରିଛି । ହୁଏତ ଏହି ପ୍ରଶଂସା ପରବର୍ତ୍ତୀ ସମୟରେ ମୋ' ଲେଖିବାର ଛୋଟ କାରଣ ହୋଇଛି ।

ମୁଁ ଲେଖୁଥିବାରୁ ମତେ ଅନେକ ଉପଯୋଗ କରିଛନ୍ତି । ନିଜେ ନିଜର ପ୍ରେମ ଚିଠି କାହାକୁ ଲେଖି ପାରିନି ସିନା ବରା ଲୋଭରେ ସାଙ୍ଗମାନଙ୍କ ପାଇଁ ଚିଠି ଲେଖିବା କବିତା ବି ଅନେକ ଲେଖିଛି । ବୃତ୍ତିଗତ ଦାୟରେ ବି ଅନେକ ଲେଖିଛି । ଅନେକଙ୍କ ପାଇଁ ଲେଖିଛି । ତେବେ କବିତା ଯାହା ମୋ ନାଁରେ ବାହାରେ ତାହା ମୋର ଅତି ଆପଣାର ଏବଂ ତାକୁ ଲେଖିବାର କାରଣ ହେଉଛି କେବଳ ଆନନ୍ଦ । ଏ ଆନନ୍ଦର ବିକଳ୍ପ ନାହିଁ । ଶେଷରେ କହିବି ମୁଁ ଲେଖେ କାରଣ ମୁଁ ଲେଖି ପାରେ ବୋଲି । ଆଉ ଯାହା ସବୁ ପରବର୍ତ୍ତୀ ସମୟର ଭିଆଣ । ■

ଭୁବନେଶ୍ୱର
ମୋ: ୯୪୩୭୧୭୧୪୪୦

## ପୁସ୍ତକ ଓ ପତ୍ରିକା ପରିଚୟ

### ସ୍ୱାଧୀନ ଜିଜ୍ଞାସା

ଡକ୍ଟର ସ୍ୱାଧୀନ କୁମାର ଦାଶ



ଡଟ୍ ବୁକ୍ସ, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ : ୨୪୯ ଟଙ୍କା ମାତ୍ର

ସାଂପ୍ରତିକ ସମାଜର ବିଭିନ୍ନ ପ୍ରସଙ୍ଗକୁ ନେଇ ପ୍ରକାଶ ପାଇଛି ଡକ୍ଟର ସ୍ୱାଧୀନ କୁମାର ଦାଶଙ୍କ ପ୍ରବନ୍ଧ ପୁସ୍ତକ 'ସ୍ୱାଧୀନ ଜିଜ୍ଞାସା' । ବିଭିନ୍ନ ସାମାଜିକ ସମସ୍ୟାକୁ ନେଇ ମନ ଭିତରେ ନାନା ଜିଜ୍ଞାସା ସୃଷ୍ଟି ହୋଇଥାଏ । କ'ଣ ଆମେ ସେଇ ଜିଜ୍ଞାସା ବା ପ୍ରଶ୍ନକୁ ସ୍ୱାଧୀନ ଭାବେ ପ୍ରକାଶ କରିପାରିଛୁ! ସମାଜର କେତେକ ବାସ୍ତବ ସମସ୍ୟାକୁ ନେଇ ଏହି ପୁସ୍ତକର ପ୍ରବନ୍ଧଗୁଡ଼ିକରେ ଆଲୋଚନା କରାଯାଇଛି । 'କ୍ଷମତାରେ ମତୁଆଲା ନେତା ଓ ଭକୁଆ ଜନତା', 'ଗଣତନ୍ତ୍ର କ'ଣ ଆଇସିୟୁରେ?', 'ବିଭେଦର ବିଷ ବୃକ୍ଷ', 'ସମାଜର ନିଆଁଲଗା ଓ ନିଆଁଲିଭା ମଣିଷ', 'ନାରୀ ସ୍ୱାଧୀନତା ଓ ସ୍ୱାବଲମ୍ବନ ଭାଷଣ ନା ବାସ୍ତବତା?', 'ପ୍ରଗତି ନା ପ୍ରହସନ', 'ଚାଷ ଅଛି ଯାହାର, ଖାଏ ସେ କେତେ ପାହାର', 'ଆଧୁନିକତାର ଅନ୍ଧ ଦୌଡ଼ର ଶେଷ କେଉଁଠି?', 'ଧର୍ମ ପ୍ରଦୂଷଣ ପାଇଁ ଦାୟୀ କିଏ?', 'ମଣିଷ ଆସ୍ତିକ ନା ନାସ୍ତିକ?' ଆଦି ପ୍ରବନ୍ଧ ଉଚ୍ଚକୋଟୀର ଓ ମନନଶୀଳ ହୋଇଛି । ସମାଜ, ପରିବାର, ଧର୍ମ, ସଂସ୍କୃତି, କୃଷି, ସ୍ୱାସ୍ଥ୍ୟ, ଅର୍ଥନୀତି, ରାଜନୀତି, ଶାସନ, ପ୍ରଶାସନ ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ରଚିତ ଉଚ୍ଚାଙ୍ଗ ପ୍ରବନ୍ଧଗୁଡ଼ିକ ପାଠକଙ୍କ ଚିତ୍ତକୁ ଆଲୋଡ଼ିତ କରିବ ବୋଲି ଆଶା କରାଯାଏ । ■

### ଅଗ୍ନିବୀଣା

ଉମା ଚରଣ ମହାନ୍ତି



ଶବ୍ଦସ୍ପର୍ଶ
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ : ୨୦୦ ଟଙ୍କା ମାତ୍ର

ଓଡ଼ିଆ ଜାତି ଓ ଭାଷା ଜନନୀଙ୍କ ଜୟଗାନକୁ ନେଇ ରଚିତ ବିପ୍ଳବୀ କବି ଉମା ଚରଣ ମହାନ୍ତିଙ୍କ କବିତା ପୁସ୍ତକ 'ଅଗ୍ନିବୀଣା' ପ୍ରକାଶ ପାଇଛି । ଏହି ପୁସ୍ତକରେ ୨୬୦ଟି ଛନ୍ଦଧର୍ମୀ କବିତା ସଂକଳିତ ହୋଇଛି । "ମାତୃଭାଷା ଯଦି ରାଜ୍ୟେ ନଚାଳିବ/ କୋଟି ଓଡ଼ିଆର ମୁଣ୍ଡ ଯେ ଗଡ଼ିବ/ ବିଦ୍ରୋହ ନିଆଁ ସାରା ରାଜ୍ୟେ ଉଡ଼ି/ ଶାସନ କଳକୁ ଦେବ ଜାଳି ପୋଡ଼ି ।" ଏହି ପୁସ୍ତକରେ ମାତୃଭାଷାର ସୁରକ୍ଷା, ଓଡ଼ିଆ ଅସ୍ମିତାର ପୁନଃଜାଗରଣ, ଭାଷା ପ୍ରତି ସମର୍ପଣ ଭାବନା ନେଇ ଏଭଳି ଅନେକ ମନଛୁଆଁ କବିତା ସଂକଳିତ ହୋଇଛି । ପ୍ରଥମେ ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ଏହି ପୁସ୍ତକର ଅନେକ କବିତା ବେଶ୍ ପାଠକୀୟ ପ୍ରଶଂସା ସାଉଁଟିଛି । କବି ଉମାଚରଣଙ୍କ ପ୍ରତିଟି କବିତା ଭିତରେ ଭରି ରହିଛି ମାତୃଭାଷା ପ୍ରତି ଅସୀମ ପ୍ରୀତି । କବିତାଗୁଡ଼ିକର ଭାବ, ଭାଷା ପାଠକମାନଙ୍କୁ ମାତୃଭାଷା ପ୍ରତି ଗଭୀର ମମତ୍ୱବୋଧ ଜାଗ୍ରତ କରିବ । ଓଡ଼ିଆ ଭାଷାର ଜୟଗାନ, ଭାଷା ସୁରକ୍ଷା ପାଇଁ ଜାଗରଣ ସୃଷ୍ଟି କରିବାରେ ଏହି ପୁସ୍ତକର କବିତାଗୁଡ଼ିକ ବେଶ୍ ଶକ୍ତିଶାଳୀ । 'ଅଗ୍ନିବୀଣା' ପୁସ୍ତକର ଅଗ୍ନିବର୍ଷୀ କବିତାଗୁଡ଼ିକ ମାତୃଭାଷା ପ୍ରତି ଆକୃଷ୍ଟ କରିବାରେ ପାଠକମାନଙ୍କ ପ୍ରାଣରେ ନୂତନ ଶକ୍ତି ସଂଚାର କରିବ ବୋଲି ଆଶା କରାଯାଏ । ■

### ସଂପର୍କ

ସଂପାଦକ: ଚନ୍ଦ୍ରମଣୀ ଭୂୟାଁ



ସଂପର୍କ ସାହିତ୍ୟ ସଂସଦ
କିଶିନାପୁର, ସାଲେପୁର, କଟକ
ମୂଲ୍ୟ : ୧୦୦

'ସଂପର୍କ ସାହିତ୍ୟ ସଂସଦ' ପକ୍ଷରୁ ଚନ୍ଦ୍ରମଣୀ ଭୂୟାଁଙ୍କ ସଂପାଦନାରେ 'ସଂପର୍କ'ର ନୂଆଖାଇ-୨୦୨୬ ସଂଖ୍ୟା ପ୍ରକାଶିତ ହୋଇଛି । ଏହି ସଂଖ୍ୟାର ପ୍ରବନ୍ଧ ବିଭାଗରେ ଡ. ହୃଷିକେଶ ମହାରଣାଙ୍କ '୧୯୮୦ ପରବର୍ତ୍ତୀ ଓଡ଼ିଆ ଆତ୍ମଜୀବନୀ: କ୍ରମିକ ଉତ୍ତରଣ', ଡା. ହରେକୃଷ୍ଣ ଷଡ଼ଙ୍ଗୀଙ୍କ 'ଭାଗ୍ୟ, ଗୋଟେ ବିଡ଼ମ୍ବିତ ଅନୁଶୀଳନ', ସୁରେନ୍ଦ୍ର ମହାରଣାଙ୍କ 'ସାହିତ୍ୟ ମଣିଷର ହୃତପିଣ୍ଡ' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚାଙ୍ଗ ଓ ତଥ୍ୟ ଭିତ୍ତିକ ହୋଇଛି । ସେଭଳି ବସନ୍ତ କୁମାର ଘୋଷଙ୍କ 'ଜେଜେଙ୍କ ଘର', ଉମେଶ ଚନ୍ଦ୍ର ସାହୁଙ୍କ 'ଭାତକଂସାରେ ଝଡ଼', ଡକ୍ଟର ଚିତ୍ତରଞ୍ଜନ ପଣ୍ଡାଙ୍କ 'ତଥାପି ଅପେକ୍ଷା', ସମ୍ବିତ ଦାସଙ୍କ 'ମମତାର ଇଞ୍ଜେକସନ୍' ଆଦି ଗପ ହୃଦୟସ୍ପର୍ଶୀ ହୋଇଛି । ସେଭଳି କବିତା ବିଭାଗରେ ଗୋବିନ୍ଦ ଚନ୍ଦ୍ର ମିଶ୍ର, ଶ୍ରୀଧର ଶେଖର ମହାପାତ୍ର, ଲକ୍ଷ୍ମୀପ୍ରିୟା ଦେବୀ, ବ୍ରଜବନ୍ଧୁ ପୃଷ୍ଟି, ପ୍ରଫୁଲ୍ଲ ମିଶ୍ର, ଅଧ୍ୟାପିକା ଉର୍ବଶୀ ସାହୁ, ରାଜୀବ କୁମାର ଷଡ଼ଙ୍ଗୀ ପ୍ରମୁଖଙ୍କ କବିତାଗୁଡ଼ିକ ମନଛୁଆଁ ହୋଇଛି । 'ସଂପର୍କ'ର ଏହି ସଂଖ୍ୟାଟି ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ବିଜେଡିର ଜନସମ୍ପର୍କ ଅଭିଯାନ ପଦଯାତ୍ରା

# ଜନସାଧାରଣଙ୍କୁ ଭେଟି ସମ୍ପର୍କକୁ ଆହୁରି ମଜଭୁତ କଲେ








ବଲାଙ୍ଗିର,୩।୧୦(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ ଏବଂ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓଙ୍କ ନିର୍ଦ୍ଦେଶକ୍ରମେ ବଲାଙ୍ଗିର ସଦର ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରେ ଜନସମ୍ପର୍କ ଅଭିଯାନ ପଦଯାତ୍ରା ଆରମ୍ଭ ହୋଇଛି। ଅଭିଯାନର ପ୍ରଥମ ଦିନରେ ଝାଙ୍କରପାଲି, ବରକାନି, ହର୍ଡାତାଲ ଓ ଗର୍ଜନ ପଞ୍ଚାୟତରେ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ ଗ୍ରାମବାସୀଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସୁଖଦୁଃଖ ଓ ବିଭିନ୍ନ ସ୍ଥାନୀୟ ପ୍ରସଙ୍ଗ ସମ୍ପର୍କରେ ଅବଗତ ହୋଇଥିଲେ। ପଦଯାତ୍ରାରେ ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ , ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀଙ୍କ ସମେତ ବିଜୁ ଜନତା ଦଳର ବରିଷ୍ଠ ନେତା କୁଳମଣି ମେହେର, ଟିମା ମହାନ୍ତି, ଗୋଲାପ ବାଗ, ବିଧୁ ଭୂଷଣ ତ୍ରିପାଠୀ, ରାଜେନ୍ଦ୍ର ପ୍ରସାଦ ହୋତା, ପ୍ରଦ୍ୟୁମ୍ନ ହୋତା, ନିହାର ସ୍ୱାଇଁ, ଟିଟୁ ସାହୁ, ସୁମନ ନନ୍ଦଙ୍କ ସମେତ ବହୁ ସଂଖ୍ୟକ ନେତା, ପଦାଧିକାରୀ ଓ କର୍ମୀ ଯୋଗ ଦେଇଥିଲେ। ପଦଯାତ୍ରା ମାଧ୍ୟମରେ ଦଳୀୟ ନେତୃବୃନ୍ଦ ଲୋକଙ୍କ ନିକଟରେ ପହଞ୍ଚିବା ସହ ଜନସାଧାରଣଙ୍କ ସହ ସମ୍ପର୍କକୁ ଆହୁରି ମଜବୁତ କରିବାର ବାର୍ତ୍ତା ଦେଇଥିଲେ। ପାଟଣାଗଡ: ପାଟଣାଗଡ଼ ବିଜେଡି ପକ୍ଷରୁ ଜନ ସଂପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ସରୋଜ ମେହେରଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରା ବାହାରି ଥିଲା। ଏଥିରେ ଇନ୍ଦୁଭୁଷଣ ଠାକୁର, ଏନ୍ଏସି ଅଧ୍ୟକ୍ଷା ମାନସୀ ବିଶ୍ୱାଳ, ବ୍ଲକ୍ ଅଧ୍ୟକ୍ଷ ନୀଳକାନ୍ତ ବାଗ, ଉପାଧ୍ୟକ୍ଷ ଲକ୍ଷ୍ମୀ ମାଝୀ, ସମିତି ସଂଘ ସଭାପତି ଗୋବିନ୍ଦ ଚନ୍ଦ୍ର ମେହେର, ବ୍ଲକ୍ ବିଜେଡି ସଭାପତି ହୀମାଞ୍ଚଳ ପ୍ରଧାନ, ଜୟନ୍ତ କୁମ୍ଭାର, ଖପ୍ରାଖୋଲ ବ୍ଲକ୍ ସଭାପତି ରମେଶ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

## ୭ ବର୍ଷୀୟା ଚର୍ଚ୍ଚିକାଙ୍କୁ "ଗ୍ଲୋବାଲ୍ ଆଇକନ୍ ଅଫ୍ ଇଣ୍ଡିଆ' ଟାଇଟଲ୍



ସଇଁତଲା,୩।୧୦(ସମିସ): ଛତିଶଗଡ଼ ରାୟପୁରରେ ଅନୁଷ୍ଠିତ "ବିଉଟି ଆଇକନ୍ ଇଣ୍ଡିଆ ଗ୍ଲୋବାଲ୍ ସିଜନ୍-୭' ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ଘୁନସର ଗାଁର ଅବସରପ୍ରାପ୍ତ ଯବାନ ତେଜରାଜ ବେହେରା ଓ କୁନି ବେହେରାଙ୍କ ନାତୁଣୀ ତଥା ସଂଜୀବ ବେହେରା ଓ ରୁକ୍ମିଣୀ ବେହେରାଙ୍କ ୭ ବର୍ଷିୟା କୁନି ପ୍ରତିଭା ଚର୍ଚ୍ଚିକା ରାନୀ ବେହେରା "ଗ୍ଲୋବାଲ୍ ଆଇକନ୍ ଅଫ୍ ଇଣ୍ଡିଆ' ଟାଇଟଲ୍ ହାସଲ କରିଛନ୍ତି। ଅଳ୍ପ ବୟସରେ ମଡେଲିଂ, ନୃତ୍ୟ, ସଙ୍ଗୀତ ଓ ଅଭିନୟ ଭଳି ବିଭିନ୍ନ କ୍ଷେତ୍ରରେ ନିଜ ପ୍ରତିଭାର ପରିଚୟ ଦେଇଆସୁଥିବା ଚର୍ଚ୍ଚିକାଙ୍କ ଏହି ସଫଳତା ଓଡ଼ିଶା ପାଇଁ ଗର୍ବର ବିଷୟ। ଆର୍ନା ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ଏହି ଗରିମାମୟ ପ୍ରତିଯୋଗିତାରେ ବିଭିନ୍ନ ସ୍ଥାନରୁ ପ୍ରତିଭାବାନ ପ୍ରତିଯୋଗୀ ଭାଗ ନେଇଥିଲେ। ଟାଇଟଲ୍ ଜିତିବା ପରେ ଚର୍ଚ୍ଚିକାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି। ଚର୍ଚ୍ଚିକା ବର୍ତ୍ତମାନ ସମ୍ବଲପୁରର ମଦନାବତୀ ପବ୍ଲିକ୍ ସ୍କୁଲ୍‌ରେ ପ୍ରଥମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ମାତ୍ର ୩ ବର୍ଷ ବୟସରୁ ସେ ପାଠପଢ଼ା ସହିତ ମଡେଲିଂ, ନୃତ୍ୟ, ସଙ୍ଗୀତ ଓ ଅଭିନୟ କ୍ଷେତ୍ରରେ ସକ୍ରିୟ ରହିଆସିଛନ୍ତି। ସମାରୋହରେ ଫ୍ୟାଶନ୍ ଓ ବଲିଉଡ୍ ଜଗତର ବିନିତା ମଲ୍ଲିକ୍, ସବି ସୁରୀ, ଫେମିନା ମିସ୍ ଇଣ୍ଡିଆ ଅନୁଷ୍କା ସୋନ ଏବଂ ସିମରନ୍ ସଚଦେବାଙ୍କ ଭଳି ବ୍ୟକ୍ତିତ୍ୱ ଉପସ୍ଥିତ ଥିଲେ।

## ଦେଓଗାଁ ଯୁକ୍ତଦୁଇ କଲେଜରେ 'ବେଟି ବଚାଓ ବେଟି ପଢ଼ାଓ' କାର୍ଯ୍ୟକ୍ରମ



ଦେଓଗାଁ,୩।୧୦(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ପଞ୍ଚାୟତ ସମିତି ଯୁକ୍ତ ଦୁଇ କଲେଜରେ ଶନିବାର ବ୍ଲକସ୍ତରୀୟ ୟୁଥ କନକ୍ଲେଭ 'ବେଟି ବଚାଓ ବେଟି ପଢ଼ାଓ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଉପମନ୍ୟୁ ବାଗ୍‌ଙ୍କ ଅଧ୍ୟକ୍ଷତାରେ ତଥା ଅଧ୍ୟାପକ ସନ୍ତୋଷ କୁମାର ଜାନୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ ଓ ସମ୍ମାନୀତ ଅତିଥିଭାବେ ସିଡିପିଓ ମିନତୀରାଣୀ ମିଶ୍ର ଯୋଗ ଦେଇଥିଲେ। ଓଡିଆ ଅଧ୍ୟାପିକା ଡ. ସଂଧ୍ୟାରାଣୀ ସାହୁ, ରାଜନୀତି ବିଜ୍ଞାନ ପିଜିଟି ରୀନା ରଣା, ଇଂରାଜୀ ପିଜିଟି ପୁଷ୍ପାଞ୍ଜଳୀ ମହାନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯେଗିତାରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ କଲେଜର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ।

● ଜରାସିଂହା ଐତିହାସିକ ପାଟଖଣ୍ଡା ଯାତ୍ରା

## ମୂଳାଷ୍ଟମୀରେ ଖଣ୍ଡାବସା ସମ୍ପନ୍ନ, ୨୦ରୁ ମୁଖ୍ୟଯାତ୍ରା

ଦେଓଗାଁ,୩।୧୦(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଜରାସିଂହାରେ ଆବାହମାନକାଳରୁ ଚାଲିଆସୁଥିବା ଐତିହାସିକ ପ୍ରସିଦ୍ଧ ପାଟଖଣ୍ଡା ଯାତ୍ରା ପାଇଁ ଶନିବାର ସନ୍ଧ୍ୟାରେ ଖଣ୍ଡାବସା କାର୍ଯ୍ୟ ସମ୍ପନ୍ନ ହୋଇଛି। ନିର୍ଦ୍ଧାରୀତ ଲଗ୍ନ ଅନୁସାରେ ଚଳିତମାସ ୧୦ ତାରିଖରେ ତଲେଇବସା ଉଚ୍ଚଗୁଡିପୂଜା, ୧୭ ତାରିଖରେ ପାଟଣାଗଡ଼କୁ ପାଟସିନ୍ଦୁର ଆଣିବାପାଇଁ ବିଦାୟ ସମ୍ବର୍ଦ୍ଧନା ଉତ୍ସବ, ୧୯ ତାରିଖରେ ପାଟସିନ୍ଦୁର ବରଣ, ୨୦ତାରିଖ ଦଶମୀ ତିଥିରେ ଦେଖାରରୁ ସନ୍ଧ୍ୟା ୬.୪୫ରେ ଦେବତାଙ୍କ ଆବିର୍ଭାବ ଓ ମୁଖ୍ୟଯାତ୍ରା ଆରମ୍ଭ, ୨୧ତାରିଖ ଅପରାହ୍ନରେ ଉଚ୍ଚବାହାଲି ମହାଖଳାଯାତ୍ରା,୨୨ ତାରିଖରେ ସନ୍ଧିପୂଜା ଓ ରାତିରେ ବଅରାପିଟାକୁ ଗମନ, ୨୩ ତାରିଖରେ ବଅରାପିଟାରୁ ନିଶିଗୁଡିକୁ ଆଗମନ ଓ ରାତିରେ ନିଶିଗୁଡି ଯାତ୍ରା ଅନୁଷ୍ଠିତ, ୨୪ ତାରିଖ ଅପରାହ୍ନରେ ନିଶିଗୁଡି ଠାରେ ଯାତ୍ରା ଓ ଦେବୀଙ୍କ ବାହୁଡା ବିଜୟ ସହ ଯାତ୍ରା ସମାପନ ହେବ ବୋଲି ଆୟୋଜକ ବିଏନଏଏ ଓ ଗ୍ରାମ୍ୟ ଉନ୍ନୟନ କମିଟି ତରଫରୁ ପ୍ରକାଶ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା




ବଲାଙ୍ଗିର,୩।୧୦(ସମିସ): ବଲାଙ୍ଗିର ଜିଲ୍ଲା ହୋମିଓପାଥି ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବଲାଙ୍ଗିର ଟାଉନ ସରକାରୀ ହୋମିଓପାଥି ଚିକିତ୍ସାଳୟର ବରିଷ୍ଠ ଚିକିତ୍ସକ ଡା. ଅଶୋକ କୁମାର ସେଠୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ହୋମିଓପାଥି ଚିକିତ୍ସାଧିକାରୀ ଡା. ରାଜଲକ୍ଷ୍ମୀ ବେହେରା ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଆୟୁର୍ବେଦିକ ଚିକିତ୍ସା ଅଧିକାରୀ ଡା. ମଧୁଲିତା ସୁନ୍ଦରା, ମଞ୍ଚ ପରି.ଳନା କରିଥିଲେ ଡା. ଲକ୍ଷ୍ମୀପ୍ରୀୟା ସେଠି। ଉକ୍ତ ସଭାରେ ବଲାଙ୍ଗିର ଜିଲ୍ଲା ଓ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ହୋମିଓପାଥି ଚିକିତ୍ସା ଅଧିକାରୀ ଉପସ୍ଥିତ ହୋଇ ଡା. ଅଶୋକ କୁମାର ସେଠୀଙ୍କ ଗୁଣଗାନ କରିଥିଲେ। ସଭାରେ ଉପସ୍ଥିତ ଥିଲେ ବିନୋଦ ଜେନା, ଡା. ଗୋବିନ୍ଦ ଭୁଏ, ଡା. ପ୍ରଣତି ସା, ଡା. ବୁଲବୁଲ ଅଗ୍ରୱାଲା, ଡା. ମୌସମିକା ବାରିକ, ଡା. ଜଗନ୍ନାଥ ମେହେର, ଡା. ସୁବାଶିଷ ତ୍ରିପାଠି, ଡା. ପ୍ରତ୍ୟୁଷ ବେହେରା, ବାଲଗୋପାଲ ସିଂନିନା, ବାଳକ ବାଗ,ଡା.ଡଲି କିଶାନ, ଡା. ପ୍ରଜ୍ଞାପ୍ରିୟଦର୍ଶିନୀ, ଶମ୍ଭୁ ପ୍ରସାଦ ବାରଲେଣ୍ଡିଆ, ଇତନିବାସ ସାଗର, ପ୍ରୀତିପର୍ଣ୍ଣା ସାହୁ। ଶେଷରେ ଧନ୍ୟବାଦ ଦେଇଥିଲେ ଡା. ଗୋବିନ୍ଦ ଭୁଏ।

## ବିସିଜିସିଏଲ୍ ପକ୍ଷରୁ ସ୍ୱଚ୍ଛତା ହିଁ ସେବା



ଇବଥର୍ମାଲ,୩।୧୦(ସମିସ): ଲଖନପୁର କ୍ଷେତ୍ର ବିସିଜିସିଏଲ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ସେବା, ସଂସ୍କାର ଓ ପରିବେଶ ସଂରକ୍ଷଣ ବାର୍ତ୍ତା ନେଇ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ହାତକୁ ନେଇ ଶନିବାର ସମାପ୍ତ ହୋଇଛି। କମ୍ପାନୀ ପ୍ରୋଜେକ୍ଟ ଡାଇରେକ୍ଟର ରମେଶ କୁମାର ସିଂହ ଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିସିଜିସିଏଲ ଅଧିକାରୀ ,କର୍ମଚାରୀ, ଏଠାରେ କାମ କରୁଥିବା ବିଭିନ୍ନ ଠିକା କମ୍ପାନୀର ଅଧିକାରୀ କର୍ମଚାରୀ ଏକାଠି ହୋଇ ଛୁଟି ଦିବସରେ ଶ୍ରମଦାନ କରିଥିଲେ। ଏହି ଅବସରରେ ଗୋ ମାତାର ସେବା ସହ ସ୍ଥାନୀୟ ଗୋଶାଳାକୁ ଯାଇ ସେଠାରେ ସଫାକରିବା ଓ ଗାଇ ମାନଙ୍କୁ ଖାଦ୍ୟ ଦିଆଯାଇଥିଲା। ଏହି ଅବସରରେ ଓଏଫଡିସି ଡିଭିଜିନାଲ ମ୍ୟାନେଜର ଝାରସୁଗୁଡ଼ାଙ୍କ ନେତୃତ୍ୱରେ ବନ୍ଧବାହାଲ ଟ୍ରାଞ୍ଜିଟ୍ ହାଉସ୍ ପଛପଟେ ଚାରାରୋପଣ କରାଯାଇଥିଲା। ସମସ୍ତେ ନିଜନିଜ ମା'ଙ୍କ ନାମରେ ଗୋଟିଏ ଗୋଟିଏ ଗଛ ଲଗାଇଥିଲେ। ପରେ କମ୍ପାନୀ ପରିସର ସଫେଇରେ ସାମିଲ ହୋଇଥିଲେ।

## ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ବିକାଶ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର



ବଲାଙ୍ଗିର,୩।୧୦(ସମିସ): ବଲାଙ୍ଗିର ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ତରଫରୁ ଏକ ପ୍ରତିନିଧି ମଣ୍ଡଳୀ ବିଭିନ୍ନ ସମସ୍ୟା ନେଇ ବଲାଙ୍ଗିର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା, ଶାନ୍ତିପୂର୍ଣ୍ଣ ଶିକ୍ଷା ପରିବେଶ ଏବଂ ବିଶ୍ୱବିଦ୍ୟାଳୟର ଭବିଷ୍ୟତ ଭିତ୍ତିଭୂମି ବିକାଶକୁ ନେଇ ୫ ଦଫା ଦାବି ଉପସ୍ଥାପନ କରାଯାଇଛି। ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ବିଶ୍ୱବିଦ୍ୟାଳୟ ପରିସରରେ ଏକ ପୁଲିସ ଆଉଟପୋଷ୍ଟ ସ୍ଥାପନ, କ୍ୟାମ୍ପସ ଓ ସଂଲଗ୍ନ ରାସ୍ତାଗୁଡ଼ିକରେ ପର୍ଯ୍ୟାପ୍ତ ହାଇମାଷ୍ଟ ଲାଇଟ୍ ସ୍ଥାପନ, ବିଶ୍ୱବିଦ୍ୟାଳୟରେ ଶିକ୍ଷା, ସାଂସ୍କୃତିକ, କ୍ରୀଡ଼ା ଓ ବିଭିନ୍ନ ଛାତ୍ର କାର୍ଯ୍ୟକ୍ରମ ଆୟୋଜନ ପାଇଁ ଏକ ଓପନ୍ ଏୟାର ଅଡିଟୋରିୟମ୍ ନିର୍ମାଣ କରିବାକୁ ଦାବି ରହିଛି। ଏଥିପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦ ମାଧ୍ୟମରେ ଆବଶ୍ୟକ ଅର୍ଥ ଅନୁଦାନ ଯୋଗାଇଦେବାକୁ ଦାବି କରାଯାଇଛି। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଐତିହ୍ୟ ଓ ଗୌରବକୁ ସମ୍ମାନ ଜଣାଇ ପାଟଣା ମହାରାଜା ତଥା ରାଜେନ୍ଦ୍ର କଲେଜର ପ୍ରତିଷ୍ଠାତା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ କାଂସ୍ୟ ପ୍ରତିମୂର୍ତ୍ତି ବିଶ୍ୱବିଦ୍ୟାଳୟ ପରିସରରେ ସ୍ଥାପନ କରିବାକୁ ଦାବି ହୋଇଛି। ସେହିପରି ଭବିଷ୍ୟତରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ବିସ୍ତାର, ନୂତନ ଶିକ୍ଷା ବିଭାଗ, ଛାତ୍ରାବାସ ଓ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ ପାଇଁ ଅତିରିକ୍ତ ୧୦୦ ଏକର ଜମି ଯୋଗାଇଦେବାକୁ ଦାବି କରାଯାଇଛି। ଏହି ଦାବିଗୁଡ଼ିକ ପୂରଣ ହେଲେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଛାତ୍ର ସୁରକ୍ଷା ସୁଦୃଢ଼ ହେବା ସହ ଶିକ୍ଷା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭବିଷ୍ୟତ ଭିତ୍ତିଭୂମି ବିକାଶରେ ନୂଆ ଦିଗ ଖୋଲିବ ବୋଲି ଛାତ୍ର ବିଜେଡ଼ି ସଭାପତି ସୁମନ ନନ୍ଦ କହିଛନ୍ତି।

## ମଲମୁଣ୍ଡା କ୍ଲଷ୍ଟର ଚତୁର୍ଥ ମାସିକ ବୈଠକ

ବଲାଙ୍ଗିର,୩।୧୦(ସମିସ): ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ମଲମୁଣ୍ଡା କ୍ଲଷ୍ଟରସ୍ତରୀୟ ଚତୁର୍ଥ ମାସିକ ବୈଠକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଜୁହ୍ନାପଦରଠାରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରମୋଦ କୁମାର ପଟେଲଙ୍କ ଆବାହକ କ୍ରମେ ଚତୁର୍ଥ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ପ୍ରମୋଦ କୁମାର ପଟେଲ ଓ ଶିକ୍ଷକ ଅଶ୍ୱିନୀ ସାହୁ ସାଧନକର୍ମୀ ଭାବେ ଯୋଗ ଦେଇଥିଲେ। ଏଥିରେ ଇତିଶ୍ରୀ ଦାଶ, ଗୋଲକ ବିହାରୀ ପଣ୍ଡା, ସିପିକା ସ୍?ାଇଁ , ପବିତ୍ର କୁମାର ଭାଟି, ଶ୍ରଦ୍ଧାଞ୍ଜଳି ଭୋଇ, ପରୀକ୍ଷିତ କୁମ୍ଭାର, ଗୁରୁଦେବ ଖମାରି, ଶୋଭାବନ ନାଏକ , ଶଶାଙ୍କ ଶେଖର ବହିଦାର, ଦିପ୍ତିମୟୀ ପଣ୍ଡା, ବାବିତା ତନ୍ତି ପ୍ରମୁଖ ଯୋଗ ଦେଇ ବୈଠକରେ ସକ୍ରିୟ ଅଂଶ ଗ୍ରହଣ କରିଥିବା ବେଳେ ସ୍ଥାନୀୟ ବିଦ୍ୟାଳୟର ଟ୍ୱିଙ୍କିଲ ମିଶ୍ର, ବସନ୍ତ କୁମାର ରାଉତ ସହଯୋଗ ଓ ପ୍ରଧାନ ଶିକ୍ଷକ ପରୀକ୍ଷିତ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ।

## ଓଏଭି ମହିମୁଣ୍ଡାରେ ଆଧୁନିକ ପ୍ରଯୁକ୍ତି ବିଦ୍ୟା ଶିବିର




ଏଆଇ, ରୋବୋଟିକ୍ସ ଓ ସାଇବର ସୁରକ୍ଷା ଉପରେ ପ୍ରଶିକ୍ଷଣ

ବଲାଙ୍ଗିର,୩।୧୦(ସମିସ): ପୁଇଁତଲା ବ୍ଲକ ଅନ୍ତର୍ଗତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି), ମହିମୁଣ୍ଡାଠାରେ କୃତ୍ରିମ ବୁଦ୍ଧିମତା,ରୋବୋଟିକ୍ସ ଓ ସାଇବର ସୁରକ୍ଷା ସମ୍ପର୍କିତ ଏକ ଆଧୁନିକ ପ୍ରଯୁକ୍ତି ବିଦ୍ୟା ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପକ୍ଷରୁ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର (ଓକାକ୍) ତଥା ଓଡ଼ିଶା ନଲେଜ୍ କର୍ପୋରେସନ୍ ଲିମିଟେଡ୍ (ଓକେସିଏଲ)ର ସହଯୋଗରେ ଏହି ଶିବିର ଆୟୋଜିତ ହୋଇଥିଲା।ବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ ଖଟୁଆ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।ଆଧୁନିକ ଜ୍ଞାନକୌଶଳ ସମ୍ପର୍କରେ ବିଦ୍ୟାର୍ଥୀମାନଙ୍କୁ ଅବଗତ କରାଇବା ସହ ଏହାର ବ୍ୟବହାରିକ ଦିଗ ସହ ପରିଚିତ କରାଇବା ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ। ପ୍ରଶିକ୍ଷକ ଭାବେ ଓକେସିଏଲ୍, ଭୁବନେଶ୍ୱର ପକ୍ଷରୁ ସାର୍ଥକ ମୁଣ୍ଡ, ରମଣ ସାହୁ ଓ ପ୍ରଦୀପ ବଘାର ଯୋଗଦେଇଥିଲେ। ଶିବିର ପରିଚାଳନାରେ ଓକେସିଏଲ୍ ଜିଲ୍ଲା ସଂଯୋଜକ ସଂଜୀବ କୁମାର ପ୍ରଧାନ ଓ ରମାକାନ୍ତ ବିଶ୍ୱାଳ ସହଯୋଗ କରିଥିଲେ।

## ଟୁରେକେଲା ଆଶ୍ରମ ସ୍କୁଲ୍ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବୈଠକ

କଣ୍ଟାବାଞ୍ଜି,୩।୧୦(ସମିସ): ଟୁରେକେଲା ଆଶ୍ରମ ବିଦ୍ୟାଳୟରେ ଟୁରେକେଲା କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଛି। ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫକୀର ଚରଣ ବିଶି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଟୁରେକେଲା ସାଧନ କେନ୍ଦ୍ର ସଂଯୋଜକ ଗଜେନ୍ଦ୍ର ହରିଜନ ବୈଠକ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସୁକାନ୍ତି ମାଝୀ ଏବଂ ରଜନୀ ମେହେର ମଡେଲ୍ ଶିକ୍ଷାଣ କାର୍ଯ୍ୟ ଉପସ୍ଥାପନ କରିଥିଲେ। ଶ୍ରେଣୀ ସଂଚାଳନ କ୍ଷେତ୍ରରେ ଉପୁଜୁଥିବା ବିଭିନ୍ନ ଅସୁବିଧା ବିଷୟରେ ବୈଠକ ରେ ଆଲୋଚନା କରାଯାଇଥିଲା। ଏଫ୍ଏଲ୍ଏନ୍ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସବିଶେଷ ଆଲୋଚନା କରିଥିଲେ। ବୈଠକରେ ପ୍ରଧାନ ଶିକ୍ଷକ ପାର୍ଥିବ ମହାନନ୍ଦ, ଭ୍ରମରବର ମହାପାତ୍ର, ରବିନ୍ଦ୍ର ରଥ, ପ୍ରଫୁଲ୍ଲ ମାଝୀ,ଦେବ ବଗର୍ତ୍ତି,ନିହରୁ ତାଣ୍ଡି, ଡାଳିମ୍ବ ମେହେର,କୁନୀ ମହାଣା,ସୁଭଦ୍ରା ମେହେର,ସୁଦୀପ୍ତା ଜେନା, ଏବଂ ସହକାରୀ ଶିକ୍ଷକ ଗୋପାଳ ଧରୁଆ, ରାଜୀବ ଦାସ, ପ୍ରଦୀପ ମେହେର, ଧର୍ମବନ୍ତି ପୁଟା ଉପସ୍ଥିତ ରହି ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ୨୫ ବର୍ଷ ଦେଶସେବା ପରେ ଜନ୍ମମାଟିକୁ ଫେରିଲେ ଯବାନ



ବଲାଙ୍ଗିର,୩।୧୦(ସମିସ): ଦୀର୍ଘ ୨୫ ବର୍ଷରୁ ଅଧିକ ସମୟ ଭାରତୀୟ ସେନାରେ କାର୍ଯ୍ୟ କରି ଅବସର ନେଇ ନିଜ ଜନ୍ମମାଟିକୁ ଫେରିଛନ୍ତି ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ମୁରଶୁଣ୍ଡି ଗ୍ରାମର ସୁବେଦାର ସୁବ୍ରତାନନ୍ଦ ସାହୁ। ତାଙ୍କ ଘରବାହୁଡ଼ା ଅବସରରେ ସମଗ୍ର ଗାଁରେ ଉତ୍ସବର ମାହୋଲ ସୃଷ୍ଟି ହୋଇଥିଲା। ସୂଚନା ଅନୁସାରେ ସୁବ୍ରତାନନ୍ଦ ୨୧ ଜାନୁଆରୀ ୨୦୦୧ରେ ଭାରତୀୟ ସେନାରେ ଯୋଗଦେଇଥିଲେ। ୩୦ ସେପ୍ଟେମ୍ବର ୨୦୨୬ରେ ଚଣ୍ଡୀଗଡ଼ରୁ ସେ ଅବସର ଗ୍ରହଣ କରିଥିଲେ। ଅବସର ପରେ ଶୁକ୍ରବାର ସେ ନିଜ ଜନ୍ମମାଟି ମୁରଶୁଣ୍ଡିକୁ ଫେରିଛନ୍ତି। ଗାଁକୁ ଫେରିବା ପୂର୍ବରୁ ଚେରୁପାଲିସ୍ଥିତ ତାଙ୍କ ସମ୍ପର୍କୀୟଙ୍କ ଘରେ ତାଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ଏକ ବାଇକ ଶୋଭାଯାତ୍ରାରେ ତାଙ୍କୁ ସାଲେଭଟା ଦେଇ ମୁରଶୁଣ୍ଡି ଗାଁକୁ ପାଛୋଟି ନିଆଯାଇଥିଲା। ପୁଷ୍ପମାଲ୍ୟ ପ୍ରଦାନ କରି ଗ୍ରାମବାସୀ ତାଙ୍କ ଦୀର୍ଘ ଦେଶସେବା ପାଇଁ ସମ୍ମାନ ଜଣାଇଥିଲେ।

## ଟୁଷୁରା କ୍ଲଷ୍ଟରସ୍ତରୀୟ ଚତୁର୍ଥ ମାସିକ ବୈଠକ

ଟୁଷୁରା,୩।୧୦(ସମିସ): ଗୁଡଭେଲା ବ୍ଲକ୍ ଅନ୍ତର୍ଗତ ଟୁଷୁରା କ୍ଲଷ୍ଟରସ୍ତରୀୟ ଚତୁର୍ଥ ମାସିକ ବୈଠକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଧାନଘରା ଠାରେ ପ୍ରଧାନ ଶିକ୍ଷକ ଦୂତିଆ ସେଠଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏବିଇଓ ରମେଶ ଚନ୍ଦ୍ର ସାମର୍ଥ ଓ ସମ୍ମାନିତ ଅତିଥି ଭାବେ ଏବିଇଓ ବିପିନ ବାଗ ଯୋଗ ଦେଇଥିଲେ। ସାଧନକର୍ମୀ ଭାବେ ସିଆର୍‌ସିସି ଜଗମୋହନ ତ୍ରିପାଠୀ ଓ ସିଆର୍‌ଜି ଭାବେ ଦୂତିଆ ସେଠ ଯୋଗ ଦେଇ ଅକ୍ଟୋବର ମାସର ଏଜେଣ୍ଡା ଉପରେ ଆଲୋକପାତ କରିଥିଲେ। ଏଥିରେ ପ୍ରଧାନ ଶିକ୍ଷକ ମୋହନ ଭୋଇ, ପ୍ରମୋଦ କୁମାର ନାଏକ, ମନ୍ମଥ ରାଜହଂସ, ଚନ୍ଦ୍ର ଧ୍ୱଜ ମେହେର, ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ଭୋଇ, ଗୀତାଞ୍ଜଳି ପ୍ରଧାନ ତଥା ଏଫ୍ଏଲ୍ଏନ୍ ଶିକ୍ଷକ ପୂରନ ମେହେର, ସୁଶୀଳ କୁମାର ଭୋଇ, ସ୍ନେହାଶିଷ ତ୍ରିପାଠୀ, ପ୍ରଭାତ କିଶୋର ରାଏ, ଶିକ୍ଷୟିତ୍ରୀ ମିଲି ପୁରୋହିତ, ଆକାଂକ୍ଷା ରାଣୀ ଯୋଶୀ, ସୃଷ୍ଟିମୟୀ କଲେତ, ତପସ୍?ିନୀ ରଣା ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଶେଷରେ ଟୁଷୁରା ସରକାରୀ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲ୍ଲାସ୍ତରୀୟ ଗଣତନ୍ତ୍ର ହତ୍ୟା ସପ୍ତାହ ପାଳନ କରୁଛି କଂଗ୍ରେସ

# ୮ରେ ଓଡ଼ିଶା ବନ୍ଦ, ବଲାଙ୍ଗିରରେ ଅଟକିବ ଅଖିଚକ




● ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ର ସୂଚନା

● ଏମଏମଡ଼ିଆର,ବହି ତ୍ରୁଟି, ଏସଆଇଆର ଓ ବନ୍ୟା ପରିଚାଳନା ବିଫଳତାକୁ ନେଇ ବନ୍ଦ ଡାକରା

ବଲାଙ୍ଗିର,୩।୧୦(ସମିସ): ରାଜ୍ୟର ବିଭିନ୍ନ ଜନସ୍ୱାର୍ଥ ପ୍ରସଙ୍ଗ ଓ ସରକାରଙ୍କ ନୀତିକୁ ନେଇ ରାଜ୍ୟ କଂଗ୍ରେସ ପକ୍ଷରୁ ତୀବ୍ର ବିରୋଧ ପ୍ରଦର୍ଶନ କରାଯାଉଛି। ୨ ତାରିଖରୁ କଂଗ୍ରେସ ପକ୍ଷରୁ ଗଣତନ୍ତ୍ର ହତ୍ୟା ସପ୍ତାହ ପାଳନ କରାଯାଉଛି। ଏହି କ୍ରମରେ ବଲାଙ୍ଗିର ଜିଲ୍ଲାରେ ମଧ୍ୟ ଏହି ସପ୍ତାହ ପାଳନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଥିବା ବେଳେ ଆସନ୍ତା ୮ ତାରିଖରେ ବଲାଙ୍ଗିର ଜିଲ୍ଲା କଂଗ୍ରେସ ପକ୍ଷରୁ ବଲାଙ୍ଗିର ବନ୍ଦ ପାଳନ କରାଯିବ ବୋଲି କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

ଏନେଇ ଆୟୋଜିତ ପ୍ରେସମିଟ୍‌ରେ ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ପିସିସି ଉପସଭାପତି ତଥା ବଲାଙ୍ଗିର ପର୍ଯ୍ୟବେକ୍ଷକ ଡ. ଲଲାଟେନ୍ଦୁ ମହାପାତ୍ର, ସାଧାରଣ ସମ୍ପାଦକ ଗଣେଶ ସାହୁ, ମାଣିକ୍ୟ ସୁନା, ପିସିସି ସମ୍ପାଦକ ମୁରଲୀ ନାୟକ ଓ ନରେନ୍ଦ୍ର ମେହେରଙ୍କ ସମେତ ଦଳୀୟ ନେତାମାନେ ଉପସ୍ଥିତ ଥିଲେ। ଏହି ଅବସରରେ କଂଗ୍ରେସ ନେତାମାନେ କହିଛନ୍ତି ଯେ, ଆସନ୍ତା ୨ରୁ ୮ ତାରିଖ ପର୍ଯ୍ୟନ୍ତ "ଗଣତନ୍ତ୍ର ହତ୍ୟା ସପ୍ତାହ' ପାଳନ କରାଯାଉଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ପଦଯାତ୍ରା ଓ ପ୍ରତିବାଦ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହାର ଶେଷଦିନ ଅର୍ଥାତ୍ ୮ ତାରିଖରେ ଦଳ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିବା ବେଳେ ବଲାଙ୍ଗିର ଜିଲ୍ଲାରେ ଜରୁରୀକାଳୀନ ସେବାକୁ ଛାଡି ସବୁ ବନ୍ଦ କରାଯିବ ବୋଲି ନେତାମାନେ ସୂଚନା ଦେଇଛନ୍ତି। ପ୍ରେସମିଟ୍‌ରେ ଏମଏମଡିଆର ଆଇନର ସଂଶୋଧନକୁ ନେଇ ମଧ୍ୟ କଂଗ୍ରେସ ଆପତ୍ତି ଉଠାଇଛି। ସେହିପରି ବହିରେ ତ୍ରୁଟି ଓ ଶିକ୍ଷା ବ୍ୟବସ୍ଥାର ବିଭିନ୍ନ ସମସ୍ୟାକୁ ନେଇ କଂଗ୍ରେସ ପ୍ରତିବାଦ କରୁଥିବା ଶ୍ରୀ ସାଲୁଜା କହିଥିଲେ। ଶିଶୁମନ୍ଦିର ଓ ଘରୋଇ ବିଦ୍ୟାଳୟକୁ ସୁବିଧା ଦେବା ପାଇଁ ସରକାର ଏହିଭଳି ତ୍ରୁଟି କରୁଥିବା ଓ ଏହି କାରବାର ପଛରେ ଥିବା ଗଣଶିକ୍ଷା ମନ୍ତ୍ରୀ କି ମୁଖ୍ୟମନ୍ତ୍ରୀ ଉତ୍ତର ନରଖିବା ନିନ୍ଦନୀୟ ବୋଲି ଶ୍ରୀ ସାଲୁଜା କହିଥିଲେ। ଏନେଇ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିକୁ ଆହୁରି ଶାଣିତ କରାଯିବ। ସେହିପରି ସମ୍ବିଧାନକୁ ଅଣଦେଖା କରି ଏସଆଇଆର ଆଇନକୁ କାର୍ଯ୍ୟକାରୀ କରାଯାଇଥିବା ଅଭିଯୋଗ କରି କଂଗ୍ରେସ ଏହାର ମଧ୍ୟ ବିରୋଧ କରିଛି। ଏହାକୁ ଭୋଟରଙ୍କ ଅଧିକାର ସହ ଜଡ଼ିତ ପ୍ରସଙ୍ଗ ବୋଲି ଦଳ ପକ୍ଷରୁ ଦର୍ଶାଯାଇଛି।ଏଥିସହ ବନ୍ୟାଜନିତ କ୍ଷୟକ୍ଷତି ଓ ପ୍ରଭାବିତ ଲୋକଙ୍କ ସମସ୍ୟାକୁ ନେଇ ମଧ୍ୟ କଂଗ୍ରେସ ସରକାରଙ୍କୁ ଘେରିଛି। ଏହି ପ୍ରମୁଖ ସମସ୍ୟା ଓ ଏଥିରେ ରାଜ୍ୟ ସରକାରଙ୍କୁ ଉତ୍ତରଦାୟୀ କରି ରାଜ୍ୟ କଂଗ୍ରେସ ଓଡିଶା ବନ୍ଦ ଡାକରା ଦେଇଥିବା ବେଳେ ଏଥିରେ ଆଠଟି ବିରୋଧୀ ଦଳର ସମର୍ଥନ ରହିଥିବା ପର୍ଯ୍ୟବେକ୍ଷକ ଶ୍ରୀ ମହାପାତ୍ର କହିଛନ୍ତି। ବଲାଙ୍ଗିର ଜିଲ୍ଲାରେ ଏହି ଆନ୍ଦୋଳନ ଜୋରଦାର କରାଯିବ ବୋଲି ପ୍ରେସମିଟ୍‌ରେ ନେତାମାନେ ସୂଚନା ଦେଇଛନ୍ତି।

# ବାଦ୍ ପଡ଼ିଥିବା ଭୋଟର ଏବଂ ନୂତନ ଭୋଟରଙ୍କ ପଞ୍ଜୀକରଣ ପାଇଁ ସ୍ୱତନ୍ତ୍ର ଅଭିଯାନ

**ଝାରସୁଗୁଡ଼ା, ୩।୧୦ (ସମିସ):** ଯେଉଁ ସବୁ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ସମାପ୍ତ ହୋଇଛି, ସେଠାରେ ଚୂଡ଼ାନ୍ତ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଭୋଟର ଏବଂ ପ୍ରଥମ ଥର ପାଇଁ ଭୋଟର ତାଲିକାରେ ସାମିଲ ହେଉଥିବା ଯୁବ ଭୋଟରଙ୍କ ପଞ୍ଜୀକରଣ ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବାକୁ ଭାରତ ନିର୍ବାଚନ ଆୟୋଗ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ପକ୍ଷରୁ ନିର୍ଦ୍ଦେଶ ଆସିଛି। ଏହି କ୍ରମରେ ଝାରସୁଗୁଡ଼ା ଜିଲ୍ଲାରେ ମଧ୍ୟ ବିଏଲ୍ଓମାନଙ୍କ ଦ୍ୱାରା ସ୍ୱତନ୍ତ୍ର ସଚେତନତା ଓ ପଞ୍ଜୀକରଣ ଅଭିଯାନ ଆରମ୍ଭ କରାଯାଉଛି। ବାଦ୍ ପଡ଼ିଥିବା ଭୋଟରଙ୍କ ଘରକୁ ଯିବେ ବିଏଲ୍ଓ। ଏସ୍ଆଇଆର ପ୍ରକ୍ରିୟା ସମୟରେ ଅନୁପସ୍ଥିତି, ସ୍ଥାନାନ୍ତରଣ, ମୃତ୍ୟୁ କିମ୍ବା ନକଲି ପରିଚୟପତ୍ର କାରଣରୁ ଯେଉଁ ଭୋଟରମାନଙ୍କ ନାମ ଚୂଡ଼ାନ୍ତ ଭୋଟରତାଲିକାରୁ ବାଦ୍ ପଡ଼ିଛି, ସେମାନଙ୍କ ଘରକୁ ବିଏଲ୍ଓମାନେ ସିଧାସଳଖ ପହଞ୍ଚି କାଗଜପତ୍ର ଯାଞ୍ଚ କରିବେ।

# କାଳୀ ଓ ହନୁମାନ ମନ୍ଦିର ପୁନରୁଦ୍ଧାର କାର୍ଯ୍ୟର ଶିଳାନ୍ୟାସ



**ଝାରସୁଗୁଡ଼ା, ୩।୧୦(ସମିସ):** ଝାରସୁଗୁଡ଼ା ପୌରପରିଷଦ ଅଧୀନ-୫ ନମ୍ବର ୱାର୍ଡର କବରସ୍ତାନ ପଡ଼ାରେ ଥିବା ଐତିହାସିକ କାଳୀମନ୍ଦିର ଏବଂ ହନୁମାନ ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟ ଶନିବାର ଶୁଭାରମ୍ଭ ହୋଇଛି। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି। ଉଭୟ ମନ୍ଦିରର ଉନ୍ନତୀକରଣ ତଥା ପୁନରୁଦ୍ଧାର ପାଇଁ ବିଧାୟକ ପାଣ୍ଠିରୁ ମନ୍ଦିର ପିଛା ୨ ଲକ୍ଷ ୫୦ ହଜାର ଟଙ୍କା ଲେଖାଏଁ (ମୋଟ ୫ ଲକ୍ଷ ଟଙ୍କା) ମଞ୍ଜୁର କରାଯାଇଛି। ଏହି କାର୍ଯ୍ୟକୁ ଝାରସୁଗୁଡ଼ା ସଦର ବ୍ଲକ ପ୍ରଶାସନ ପକ୍ଷରୁ କାର୍ଯ୍ୟକାରୀ କରାଯିବ। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବିଡିଓ ଅନୀଲ ଆଚାର୍ଯ୍ୟ, କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ, ମଣ୍ଡଳ ସଭାପତି ଅରବିନ୍ଦ ପାଠକ, ସାଧାରଣ ସମ୍ପାଦକ କ୍ଲେମେଣ୍ଟ ରୋନାଲ୍ଡ, ମନବୋଧ ସେନ୍ଦରିଆ ଏବଂ ଦିଲୀପ ସାହାଙ୍କ ସମେତ ସ୍ଥାନୀୟ କର୍ମକର୍ତ୍ତା ଓ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

# ନମୋ ସେବା ଗାଥା ପଥପ୍ରାନ୍ତ ନାଟକ ପ୍ରଦର୍ଶିତ



**ବୀରମହାରାଜପୁର, ୩।୧୦(ସମିସ):** ବୀରମହାରାଜପୁର ବ୍ଲକ ହିଲୁଙ୍ଗ ଏବଂ ପାଇଁପୁରଠାରେ ନମୋ ସେବା ଗାଥା କାର୍ଯ୍ୟକ୍ରମ ଅବସରରେ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଥିଲା। ରାଜ୍ୟ ସରକାରଙ୍କ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ଦ୍ୱାରା ବୀରମହାରାଜପୁର ବ୍ଲକରେ ଗିଜିନି, ଗିଜିନି ତାକ୍ ନୃତ୍ୟ ସଙ୍ଗୀତ, ନାଟକ କଳା ପରିଷଦ ବୀରମହାରାଜପୁର ଦ୍ୱାରା ଉକ୍ତ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ବ୍ଲକ କଳାକାର ସଂଘର ଉପସଭାପତି ରାମକୃଷ୍ଣ ହୋତା ଆନୁଷ୍ଠାନିକ ଭାବରେ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ନାଟକକୁ ଅଧ୍ୟାପକ ସତ୍ୟନାରାୟଣ ଦାଶ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ବିଭିନ୍ନ ଭୂମିକାରେ ସତ୍ୟ ନାରାୟଣ ଦାଶ, କିଶୋର କୁମାର ହୋତା, ରଣ ମୋହନ ଭୋଇ, ସନତନ ନଗ, ଶିବ ନାରାୟଣ ପଣ୍ଡା, ଘନଶ୍ୟାମ ଲୁହା, ପ୍ରାଚୀ, ରିଙ୍କି ପ୍ରମୁଖ ଅଭିନୟ କରିଥିଲେ।

# ଗାନ୍ଧୀ ଆଦର୍ଶ ସମଗ୍ର ବିଶ୍ୱର ପଥପ୍ରଦର୍ଶକ

**ଝାରସୁଗୁଡ଼ା, ୩।୧୦(ସମିସ)**

ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଗାନ୍ଧୀଙ୍କ ଦର୍ଶନ ଓ ସତ୍ୟ-ଅହିଂସାର ଆଦର୍ଶ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱ ପାଇଁ ସର୍ବଦା ପ୍ରାସଙ୍ଗିକ ଏବଂ ପଥପ୍ରଦର୍ଶକ ବୋଲି ମତ ପ୍ରକାଶ ପାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ରାଜସ୍ୱ ମନ୍ତ୍ରୀଙ୍କ ପ୍ରତିନିଧି ନଭଲ



ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଅତିରିକ୍ତ ଏସପି ଜେମ୍ସ ସମାତ, ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ତହସିଲଦାର ସଦାକାର କୁମ୍ଭାର, ପ୍ରଫେସର ଟହଲୁ ସାହୁ, ନରେନ୍ଦ୍ର ପଣ୍ଡା, ପ୍ରଣତି ପଟ୍ଟନାୟକ, ଲଳିତ ମଗର ପ୍ରମୁଖ ଉପସ୍ଥିତ ଥିଲେ। ପୁରୁଣା ବସଷ୍ଟାଣ୍ଡ ଗୋଲେଇ ଛକସ୍ଥିତ ଗାନ୍ଧୀ ପ୍ରତିମୂର୍ତ୍ତି, କିଷାନ ଛକସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତି, ଏସ.ପି. ଅଫିସ ସମ୍ମୁଖରେ ଥିବା ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ଏବଂ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ସହ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା। ଜିଲ୍ଲା ସଂସ୍କୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ସମାରୋହ ସଭା ଅନୁଷ୍ଠିତ ହୋଇଥିଲା। ଡେପୁଟି କଲେକ୍ଟର ସୌମେଶ ଆଚାର୍ଯ୍ୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂହ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଅଞ୍ଜଳି ବିଶ୍ୱାଳ ଭଗବତ୍ ଗୀତା ପାଠ କରିଥିବା ବେଳେ ଅଜୟ ଜୋଜୋ ବାଇବେଲ ପାଠ କରିଥିଲେ। ଏବଂ ଜ୍ଞାନୀ ହରମିତ ସିଂ ଗ୍ରନ୍ଥ ସାହିବ ପାଠ କରିଥିଲେ। ପଞ୍ଚପଡ଼ା ମହିମା ମହାବିଦ୍ୟାଳୟ ପକ୍ଷରୁ ବୈଷ୍ଣବ ଜନତୋ ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀମାନେ ରଘୁପତି ରାଘବ ରାଜାରାମ ପରିବେଷଣ କରିଥିଲେ। ଡକ୍ଟର ସ୍ୱର୍ଣ୍ଣମୟୀ ପୁରୋହିତ ଗାନ୍ଧୀଜୀଙ୍କ ଜୀବନାଦର୍ଶ ଓ ଅହିଂସା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଗାନ୍ଧୀଙ୍କ ଦର୍ଶନ ଓ ସତ୍ୟ-ଅହିଂସାର ଆଦର୍ଶ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱ ପାଇଁ ସର୍ବଦା ପ୍ରାସଙ୍ଗିକ ଏବଂ ପଥପ୍ରଦର୍ଶକ ବୋଲି କହିଥିଲେ। ଉପ-ଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କୃଷ୍ଣକେଶୀ ବଳିୟାରସିଂହ ମଞ୍ଚ ପରିଚାଳନା କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗର କର୍ମଚାରୀ ନିହାଲ ଭୋଇ, ରବୀନ୍ଦ୍ର ନିଆଲ ଏବଂ ସଂସ୍କୃତି ବିଭାଗର ଜଗନ୍ନାଥ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

**ବୌଦ୍ଧ, ୩।୧୦(ସମିସ):** ବୌଦ୍ଧରେ ଜିଲ୍ଲା ପ୍ରଶାସନ ଓ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ସ୍ଥାନୀୟ ଟାଉନହଲରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡମ୍ବରୁଧର କହଁର, ସମ୍ମାନୀତ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ କୁଳଦୀପ ମୀନା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ମୁଖ୍ୟବକ୍ତା ଭାବେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟାପକ ଡ.



ପ୍ରବୀର ଦାସ ଯୋଗ ଦେଇଥିଲେ। ଏହି ଅବସରରେ ଗାନ୍ଧୀଛକଠାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଟାଉନହଲଠାରେ ସର୍ବଧର୍ମ ପ୍ରାର୍ଥନା କାର୍ଯ୍ୟକ୍ରମରେ ଦେବାଶିଷ ପୁରୋହିତଙ୍କ ଦ୍ୱାରା ଗୀତା ପାଠ, ଘନଶ୍ୟାମ ଭୋଇଙ୍କ ଦ୍ୱାରା ଧର୍ମଗ୍ରନ୍ଥ ବାଇବେଲ ପାଠ, ସାହାବୁଦ୍ଦିନ ଖାଁଙ୍କ ଦ୍ୱାରା ଧର୍ମଗ୍ରନ୍ଥ କୋରାନ ପାଠ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପରିଚାଳନା କରିଥିଲେ। ସେହିଭଳି ଜୟ ଭୈରବୀ କ୍ଲବ ତରଫରୁ କ୍ଲବ୍ ପରିସରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୌର ପରିଷଦର ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଧ୍ରୁବଚରଣ ଘିବେଲା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କ୍ଲବର ବରିଷ୍ଠ ସଭ୍ୟ ଶ୍ୟାମସୁନ୍ଦର ମହାପାତ୍ର, ନିରୋଦ ମେହେର ଯୋଗ ଦେଇଥିଲେ। କ୍ଲବ୍‌ର ସଭାପତି ସୁବାଷ ଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ।

## ତେଲିବନ୍ଧ ଉଚ୍ଚ ବିଦ୍ୟାଳୟ

**ବୌଦ୍ଧ, ୩।୧୦(ସମିସ):** ବୌଦ୍ଧ ବ୍ଲକ ଅନ୍ତର୍ଗତ ତେଲିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟତ୍ରୀ ସୈଦାମିନୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଛାତ୍ରୀ ସୁନେଲି କର୍ଣ୍ଣ, ସ୍ନେହାଲି ପ୍ରଧାନ, ବରିଷ୍ଠ ଶିକ୍ଷକ ଶମ୍ଭୁ ଗିରି, ଅଶୋକ କୁମାର ପ୍ରଧାନ, ସୁବାଷ ଚନ୍ଦ୍ର ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖି ଗାନ୍ଧିଜୀଙ୍କ ସତ୍ୟ ଓ ଅହିଂସା ମାର୍ଗରେ ବ୍ରତି ହୋଇ ଶାସ୍ତ୍ରୀଜୀଙ୍କ ଜୟ ଜବାନ ଜୟ କିଷାନ ସ୍ୱପ୍ନକୁ ସାକାର କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସମାଜସେବୀ ବିଶି କେଶନ ପ୍ରଧାନ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଏହାପରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ବୌଦ୍ଧ ଜିଲ୍ଲା କଂଗ୍ରେସ

**ବୌଦ୍ଧ, ୩।୧୦(ସମିସ):** ବୌଦ୍ଧ ଜିଲ୍ଲା କଂଗ୍ରେସ ତରଫରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲ୍ଲା କଂଗ୍ରେସର ବରିଷ୍ଠ କଂଗ୍ରେସ ନେତା ନବ କୁମାର ମିଶ୍ର, ନେତା ଶାନ୍ତନୁ କୁମାର ମହାପାତ୍ର, ଉଦୟନାଥ ଶର୍ମା, ସମରେନ୍ଦ୍ର ମହାକୁଳ, ପ୍ରଦୀପ ମହାନନ୍ଦ, ପଙ୍କଜ କୁମାର କର୍ଣ୍ଣ, ବୁଦ୍ଧଦେବ ପ୍ରଧାନ, ରୋହିତାଶ୍ୱର ବେହେରା, ବେଣୁଧର ମେହେର, ସୁଶାନ୍ତ ବିଶ୍ୱାଳ, ଜୟନ୍ତ ପାଣିଗ୍ରାହୀ, ସୌମ୍ୟ ରଞ୍ଜନ ଦୀକ୍ଷିତ ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରି ଉଭୟ ମହାପୁରୁଷଙ୍କ ସ୍ମୃତି ଚାରଣ କରିଥିଲେ।



# ବିଜୁ ଜନତାଦଳ ପକ୍ଷରୁ ସଂକଳ୍ପ ଦିବସ ଓ ପଦଯାତ୍ରା

**ବୌଦ୍ଧ, ୩।୧୦(ସମିସ):** ବିଜୁ ଜନତାଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟବ୍ୟାପୀ ସଂକଳ୍ପ ସମାବେଶ ଓ ପଦଯାତ୍ରା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ପୂର୍ବତନ ବାଚସ୍ପତି ତଥା ବୌଦ୍ଧ ବିଜେଡି ସଭାପତି ପ୍ରଦୀପ ଅମାତଙ୍କ ନେତୃତ୍ୱରେ ବୌଦ୍ଧ ଗାନ୍ଧୀ ଛକଠାରେ ଅବସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଗାନ୍ଧୀଛକଠାରୁ ଭୈରବୀ ଛକ ପର୍ଯ୍ୟନ୍ତ ପଦଯାତ୍ରା ହୋଇଥିଲା। ବୌଦ୍ଧ ମ୍ୟୁନିସିପାଲିଟିର ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର, ଉପନଗରପାଳ ସୁଭାଷିନୀ ସେଠି, ପୂର୍ବତନ ଉପନଗରପାଳ ବସନ୍ତ ସ୍ୱାଇଁ, ଆଇନଜୀବୀ ଅଶୋକ ସାହୁ, ଧୂରୀଣ ଦେହୁରୀ, ଅମ୍ରିତ ପ୍ରଧାନ, ଜ୍ଞାନ ରଞ୍ଜନ ପଟ୍ଟନାୟକ, ଦେବରଞ୍ଜନ ବିଶି, ସୋସିଆଲ ମେଡିଆ କୋ-ଅର୍ଡିନେଟର ଅବକାଶ ସାହୁ, ଦେବହରି ମହାକୁଡ, ଯୋଗେଶ୍ୱର ମହାକୁଡ, ମନରଞ୍ଜନ ପୁରୋହିତ, ସୁବୋଧ ପ୍ରଧାନ, ମାନଗୋବିନ୍ଦ ପ୍ରଧାନ, ଅଜିତ ମହାକୁଡ, ରାମଶଙ୍କର ମହାକୁଡ, ସ୍ୱର୍ଣ୍ଣଲତା ଦଳେଇ, କାର୍ତ୍ତିକ ବେହେରା, ତ୍ରିପୁର ମହାକୁଡ ପ୍ରମୁଖ ସାମିଲ ହୋଇଥିଲେ।




# ଭୋଟର ତାଲିକାରେ ନାମ ଯାଞ୍ଚ କରିବାକୁ ଜିଲ୍ଲାପାଳଙ୍କ ଆହ୍ୱାନ

## ନଥିଲେ ନୂଆ ପଞ୍ଜୀକରଣ, ତ୍ରୁଟି ଥିଲେ ସଂଶୋଧନ ପାଇଁ ସୁଯୋଗ

**ତରଭା, ୩।୧୦ (ସମିସ):** ସୁବର୍ଣ୍ଣପୁର ଜିଲ୍ଲାର ୬୪-ବୀରମହାରାଜପୁର ଓ ୬୫-ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟା ସମାପ୍ତ ହୋଇ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଏହି ପରିପେକ୍ଷୀରେ ଜିଲ୍ଲାର ସମସ୍ତ ନାଗରିକ ନିଜ ନାମ ଭୋଟର ତାଲିକାରେ ରହିଛି କି ନାହିଁ, ତାହା ଯାଞ୍ଚ କରିବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି। ଯେଉଁ ଯୋଗ୍ୟ ନାଗରିକଙ୍କ ନାମ ଭୋଟର ତାଲିକାରେ ନାହିଁ, ସେମାନେ ନିର୍ଦ୍ଧାରିତ ପ୍ରକ୍ରିୟାରେ ନାମ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ।

ବିଶେଷକରି ନୂତନ ଭାବେ ୧୮ ବର୍ଷ ବୟସ ପୂରଣ କରିଥିବା ଯୁବ ଭୋଟର, ନିକଟରେ ସ୍ଥାନାନ୍ତରିତ ହୋଇଥିବା ଯୋଗ୍ୟ ନାଗରିକ ଏବଂ ଏସଆଇଆର ସମୟରେ ତାଲିକାରେ ନାମ ସାମିଲ ହୋଇନଥିବା ଯୋଗ୍ୟ ବ୍ୟକ୍ତିମାନେ ଏହି ସୁଯୋଗର ସଦୁପଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# ଝାରସୁଗୁଡ଼ା ଡିଏଚ୍ଏଚ୍‌ରେ ହେବ ଅତ୍ୟାଧୁନିକ ମଡ୍ୟୁଲାର କିଚେନ୍

## ୨ କୋଟି ୧୯ ଲକ୍ଷ ଟଙ୍କା ଅନୁମୋଦନ

**ଝାରସୁଗୁଡ଼ା, ୩।୧୦(ସମିସ):** ଝାରସୁଗୁଡ଼ା ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍ଏଚ୍) ପରିସରରେ ଏକ ଅତ୍ୟାଧୁନିକ ମଡ୍ୟୁଲାର କିଚେନ୍ ନିର୍ମାଣ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରଶାସନିକ ଅନୁମୋଦନ ମିଳିଛି। ୨୦୨୬-୨୭ ଆର୍ଥିକ ବର୍ଷର ରାଜ୍ୟ ଯୋଜନା ଅଧୀନରେ ଏହି ପ୍ରକଳ୍ପ ନିମନ୍ତେ ମୋଟ ୨ କୋଟି ୧୯ ଲକ୍ଷ ୫୪ ହଜାର ୧୩୬ ଟଙ୍କା ମଞ୍ଜୁର କରାଯାଇଛି। ଡିଏଚ୍ଏଚ୍‌ରେ ରୋଗୀଙ୍କ ପାଇଁ ସ୍ୱଚ୍ଛ ଓ ପୌଷ୍ଟିକ ଖାଦ୍ୟ ଯୋଗାଣ ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଥିବାରୁ ଝାରସୁଗୁଡାର ମାନ୍ୟବର ବିଧାୟକ ଟଙ୍କଧର ତ୍ରିପାଠୀ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେଇ ଏଭଳି ପ୍ରକଳ୍ପ ମଞ୍ଜୁର କରିଥିବାରୁ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ନିକଟରେ କୃତଜ୍ଞତା ବ୍ୟକ୍ତ କରିଛନ୍ତି। ଏହି ଅନୁଦାନରେ ଚିକିତ୍ସାଳୟର ଭୂତଳ ମହଲା (ଗ୍ରାଉଣ୍ଡ ଫ୍ଲୋର୍), ପ୍ରଥମ ମହଲା ଓ ସଂଯୋଗୀକରଣ ରାସ୍ତାର (ଆପ୍ରୋଚ୍ ରୋଡ୍) ସିଭିଲ୍ କାର୍ଯ୍ୟ ସମେତ ବିଦ୍ୟୁତୀକରଣ, ଜଳଯୋଗାଣ ଓ ପରିମଳ (ଜିପିଏଚ୍), ଗୁଣବତ୍ତା ନିୟନ୍ତ୍ରଣ ଏବଂ ଆବଶ୍ୟକୀୟ ମଡ୍ୟୁଲାର କିଚେନ୍ ଉପକରଣ ଖର୍ଚ୍ଚ ସାମିଲ ରହିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ଥିବା ଜମିରେ ସରକାରୀ ନିୟମାବଳୀକୁ କଡ଼ାକଡ଼ି ଭାବେ ପାଳନ କରି ଏହି ନିର୍ମାଣ କାର୍ଯ୍ୟ ସମ୍ପାଦନ କରାଯିବ। ପ୍ରକଳ୍ପର ତଦାରଖ ସହ ନିୟମିତ ପ୍ରଗତି ରିପୋର୍ଟ ଦାଖଲ କରିବାକୁ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମ୍‌ପିଏଚ୍‌ଓ)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଝାରସୁଗୁଡ଼ା ପୂର୍ତ୍ତ ବିଭାଗ (ଆର୍‌ଆଣ୍ଡବି)ର ଅଧୀକ୍ଷଣ ଯନ୍ତ୍ରୀ ଏବଂ ଜିଲ୍ଲାପାଳଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ଅବଗତ କରାଯାଇଛି।

# ବୌଦ୍ଧ ଥାନା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

**ବୌଦ୍ଧ, ୨।୧୦(ସମିସ):** ବୌଦ୍ଧ ସହର ବାଘଗୁଡା ଛକ ନିକଟରେ ବୌଦ୍ଧ ଥାନା ପୁଲିସ ପକ୍ଷରୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ରାସ୍ତାରେ ବିନା ହେଲମେଟରେ ଯାଉଥିବା ବାଇକ ଆରୋହୀଙ୍କୁ ଅଟକାଇ ବାଇକ ଚାଳନା ସମୟରେ ହେଲମେଟ ପିନ୍ଧିବା ପାଇଁ ସଚେତନ କରାଯାଇଥିଲା। ସବ୍ ଇନ୍ସପେକ୍ଟର ଯଶୋବନ୍ତ କହଁରଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା।

# ନାରାୟଣପ୍ରସାଦରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର



**କନ୍ଧମାଳ, ୩।୧୦(ସମିସ):** ମାନବ ସେବା ସଦନ, ରୁଗୁଡ଼ିପାଲି (ବୌଦ୍ଧ) ଏବଂ ମହାନଦୀ ନେତ୍ର ଚିକିତ୍ସାଳୟ, ପଣ୍ଡାପାଲି (ସୋନପୁର)ର ମିଳିତ ଆନୁକୂଲ୍ୟରେ କନ୍ଧମାଳ ବ୍ଲକ ନାରାୟଣପ୍ରସାଦ ପଞ୍ଚାୟତରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ତାରାକାନ୍ତି ମାଝୀ ମୁଖ୍ୟଅତିଥି ଏବଂ ବିଶିଷ୍ଟ ଆଦିବାସୀ ନେତା ସତ୍ୟନାରାୟଣ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟା ଜନକ ବାଘ, ପିଇଓ ଟିକେଲାଲ ମାଝୀ, ନାଏବ ସରପଞ୍ଚ ଝସକେତନ ରଣା, ୱାର୍ଡ଼ସଭ୍ୟା ପୁଷ୍ପାଞ୍ଜଳି ବାଘ, ଶମ୍ଭୁ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଶିବିରରେ ଡ଼. ଦେବାଶିଷ ମେହେର, ଜିଲ୍ଲା ସଂଯୋଜକ ଧର୍ମରାଜ ନାଏକ, ଚନ୍ଦ୍ରଶେଖର ନନ୍ଦ, ସଞ୍ଜୀବ, ଦୈତାରୀ ଅମାତ ଓ ଅନ୍ୟାନ୍ୟ ବିଶେଷଜ୍ଞ ଯୋଗଦେଇଥିଲେ। ଶିବିରରେ ୧୦୬ ଜଣ ରୋଗୀଙ୍କର ଆଖି ପରୀକ୍ଷା କରାଯାଇଥିବାବେଳେ ୨୫ ଜଣଙ୍କୁ ଅସ୍ତ୍ରୋପଚାର ପାଇଁ ନେତ୍ର ଚିକିତ୍ସାଳୟକୁ ପଠାଯାଇଛି। ଉକ୍ତ ଶିବିରକୁ ମାନବ ସେବା ସଦନର ସଭାପତି ବଳରାମ ବାଘ, ସଦସ୍ୟ ସୁଶାନ୍ତ ବାରିକ, ଲବ ଭୋଇ, ଲକ୍ଷ୍ମୀକାନ୍ତ ସାହୁ, ଜିତେନ୍ଦ୍ର ଭୋଇ, ଗଜାନନ ପ୍ରଧାନ, ସୁଶାନ୍ତ ଭୋଇ, ନବୀନ ଠେଲା, ଆଜାଦ୍ କଲତା, ସଞ୍ଜିପ ନାଏକ ଏବଂ ନାରାୟଣ ପ୍ରସାଦ ଗ୍ରାମ ପଞ୍ଚାୟତର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ସ୍ୱର୍ଣ୍ଣ ଜିତିଲେ ଆଦିବାସୀ ଝିଅ ଝରଣା

**ବୀରମହାରାଜପୁର, ୩।୧୦ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସଂଗ୍ରାମପୁର ପଞ୍ଚାୟତ ସାନକିରାସିରା ଗ୍ରାମର ଆଦିବାସୀ ଝିଅ ଝରଣା ନାଏକ (୧୫) ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ମୁଷ୍ଟିଯୁଦ୍ଧ (ବକ୍ସିଂ) ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରି ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ତାଙ୍କର ଏହି ସଫଳତା ଜିଲ୍ଲା ସମେତ ସମଗ୍ର ଅଞ୍ଚଳ ପାଇଁ ଗୌରବ ଆଣିଛି। ଝରଣା ବର୍ତ୍ତମାନ ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରାସ୍ଥିତ ବାପୁଜୀ ହାଇସ୍କୁଲରେ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ସେ ଜୀବର୍ଦ୍ଧନ ନାଏକ ଓ ଦୀପା ନାଏକଙ୍କ ଏକମାତ୍ର ସନ୍ତାନ। ଯୁବରାଜପୁର ସରକାରୀ ୟୁପି ସ୍କୁଲର ଶିକ୍ଷକ ତଥା ପ୍ରଶିକ୍ଷକ ରାଜେଶ ମେଣ୍ଡିଲିଙ୍କ ପରାମର୍ଶ ଓ ସହଯୋଗ ଯୋଗୁଁ ସେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ସଫଳତା ପାଇଥିବା କହିଛନ୍ତି।



ପୂର୍ବରୁ ସେ ୩ଥର ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ସହ ଅନେକ ରାଜ୍ୟସ୍ତରୀୟ ବକ୍ସିଂ ପ୍ରତିଯୋଗିତାରେ ପଦକ ହାସଲ କରି ନିଜ ବିଦ୍ୟାଳୟ ଓ ଜିଲ୍ଲା ପାଇଁ ସୁନାମ ଆଣିଛନ୍ତି। ତେବେ ଏତେସବୁ ସଫଳତା ସତ୍ତ୍ୱେ ଝରଣାଙ୍କୁ ଏଯାଏଁ କୌଣସି ସରକାରୀ ସହାୟତା ମିଳିନାହିଁ। ଉପଯୁକ୍ତ ପ୍ରଶିକ୍ଷଣ, ଆବଶ୍ୟକୀୟ କ୍ରୀଡ଼ା ଭିତ୍ତିଭୂମି ଓ ଉନ୍ନତ ମାର୍ଗଦର୍ଶନ ମିଳିଲେ ଭବିଷ୍ୟତରେ ଦେଶ ପାଇଁ ପ୍ରତିନିଧିତ୍ୱ କରି ପଦକ ହାସଲ କରିବାର ଲକ୍ଷ୍ୟ ରଖିଥିବା ଝରଣା ପ୍ରକାଶ କରିଛନ୍ତି। ତାଙ୍କର ଏହି ସଫଳତା ପରେ ଦଳର ମ୍ୟାନେଜର ତଥା କମିରା ହାଇସ୍କୁଲର ଖେଳ ଶିକ୍ଷକ ପ୍ରଧାନ, ପ୍ରଶିକ୍ଷକ ରାଜେଶ ମେଣ୍ଡିଲି, ସୁବର୍ଣ୍ଣପୁର ଜିଲା ଶିକ୍ଷାଧିକାରୀ ଘନଶ୍ୟାମ ମେହେର, ବୀରମହାରାଜପୁର ଗୋଷ୍ଠୀ ଶିକ୍ଷାଧିକାରୀ ଅଭିଷେକ ଭୁଏ, କମିରା ହାଇସ୍କୁଲର ପ୍ରଧାନ ଶିକ୍ଷକ ଶେଷଦେବ ମିଶ୍ରଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ସହପାଠୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ନାରାୟଣପ୍ରସାଦ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା

**କନ୍ଧମାଳ, ୩।୧୦(ସମିସ):** କନ୍ଧମାଳ ବ୍ଲକ ନାରାୟଣପ୍ରସାଦ ଗ୍ରାମ ପଞ୍ଚାୟତ ପରିସରରେ ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ତାରାକାନ୍ତି ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଭିନ୍ନ ସରକାରୀ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗଦେଇ ପ୍ରଥମେ ଗାନ୍ଧିଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାରେ ନାରାୟଣ ପ୍ରସାଦ କ୍ଲଷ୍ଟରର ସିଆରସିସି ଦେବବ୍ରତ ବେହେରାଙ୍କ ଉପସ୍ଥିତିରେ କ୍ଲଷ୍ଟର ଅଧୀନସ୍ଥ ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକମାନଙ୍କ ସହ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ବିଦ୍ୟାଳୟଗୁଡ଼ିକର ସମସ୍ୟାକୁ ଚିହ୍ନଟ କରି ଆଗାମୀ ଦିନରେ ଏହାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବା ସମ୍ପର୍କରେ ଅବଗତ କରାଯାଇଥିଲା। ଏଥିସହ ସ୍ୱଚ୍ଛତାର ଗୁରୁତ୍ୱ ଉପରେ ଆଲୋଚନା କରାଯାଇ ସମସ୍ତଙ୍କୁ ସ୍ୱଚ୍ଛତା ବଜାୟ ରଖିବା ନେଇ ଶପଥ ପାଠ କରାଯାଇଥିଲା। ସଭାକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଟିକେଲାଲ ମାଝୀ ପରିଚାଳନା କରିଥିବା ସ୍ଥଳେ ଜିଆରଏସ ରବିନାରାୟଣ ଭୂକ୍ତା ଧନ୍ୟବାଦ ଦେଇଥିଲେ।

# ମା'-ପୁଅର ପବିତ୍ର ବନ୍ଧନର ପର୍ବ ପୁଅ ଜିଉଁନ୍ତିଆ

**ଡୁଙ୍ଗୁରିପାଲି, ୩।୧୦(ସମିସ)**

ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକର ସମସ୍ତ ଗ୍ରାମରେ ମା'ମାନେ ପୁଅ ମାନଙ୍କ ସର୍ବମଙ୍ଗଳ କାମନା କରି ନିର୍ଜଳା ଉପବାସ କରି ଓଷା ପାଳନ କରିଥିବା ଦେଖିବାକୁ ମିଳିଛି। ଏହି ବ୍ରତରେ ମା' ଦୂତିବାହନଙ୍କୁ ପୂଜା କରି ମା'ମାନେ ପୁଅମାନଙ୍କ ଦୀର୍ଘାୟୁ କାମନା କରିଛନ୍ତି। ଆଜି ଉଲ୍ଲାସର ସହ ମା'ମାନେ ନୂତନ ବସ୍ତ୍ର ପରିଧାନ କରି ନୀତିକାନ୍ତି ଅନୁସାରେ ବ୍ରତ ଧାରଣ କରିଥିଲେ। କାହିଁ କେଉଁ କାଳରୁ ଏହି ଓଷା ଚାଲି ଆସିଥିବା ବେଳେ ପଶ୍ଚିମ ଓଡ଼ିଶାରେ ଏହି ପୁଅ ଜୀଉଁନ୍ତିଆ ଓଷା ଏକ ମୁଖ୍ୟ ଓଷା।

ଦିନ ସାରା ସମ୍ପୂର୍ଣ୍ଣ ନିର୍ଜଳା ଉପବାସରେ ରହି ସନ୍ଧ୍ୟାରେ ମା' ଦୁର୍ଗାଙ୍କଠାରେ ପୂଜା କରନ୍ତି ମା'ମାନେ। ପ୍ରତିଟି ପୁଅ ପାଇଁ ୧୦୮ଟି ଅକ୍ଷତ ଦୁବ, ଭେଣ୍ଡି, କାକୁଡି, ଅଁଳା ଡାଳ, ଆତ କଷି, ଓ ଅନ୍ୟାନ୍ୟ ଫଳ, ଫୁଲ ଦେବୀ ଦୁର୍ଗାଙ୍କର ପାଖରେ ସମର୍ପଣ କରିଥାନ୍ତି।

ଜିଉଁନ୍ତିଆ ବ୍ରତ ବାନ୍ଧି ଖଇରେ ପ୍ରସ୍ତୁତ ଲୁଗାର ଓ ଜାଗରର ବର୍ଣ୍ଣାଳୀ ପଡ଼ା-ପଡ଼ା, ସାହି-ସାହିରେ ମହକି ଉଠୁଥାଏ। ତା' ପରଦିନ ବଡ଼ିଭୋରରୁ ଗାଧୁଆ ଘାଟରେ ଗାଧୋଇ ପାଧୋଇ ବାଲି ବେଦୀରେ ଶାଳକାଠି ପୋତି ଘଟପୂଜା କରି ଚଣା ଗିଳିଥାଆନ୍ତି ବ୍ରତଧାରୀ ମା' ମାନେ। ଘରକୁ ଆସି ପୁଅମାନଙ୍କୁ ବନ୍ଦାପନା କରି ଦୁବ ଓ ଜୀଉଁନ୍ତିଆର ବିଡ଼ାକୁ ସାତଥର ମୁଣ୍ଡରେ ଛୁଆଇଁ ଥାଆନ୍ତି। ଉପହାର ଦେବା ସହ ଦୀର୍ଘାୟୁ ହେବାର ଆର୍ଶିବାଦ କରନ୍ତି ପୁଅମାନଙ୍କୁ। ପୁଅ ଜିଉନ୍ତିଆ ଓଷା ଖାଲି ଯେ ପୁଅଥିବା ମାଆ ମାନେ କରନ୍ତି ତା'ନୁହେଁ, ନିଃପୁତ୍ରିକ ମହିଳାମାନେ ବି ପୁଅ ପାଇବା ଆଶାରେ ଏହି ବ୍ରତ କରିଥାନ୍ତି।



# ଜିଲ୍ଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ

**ବୌଦ୍ଧ, ୩।୧୦(ସମିସ):** ବୌଦ୍ଧ ବନଖଣ୍ଡ ପକ୍ଷରୁ ଜିଲ୍ଲା ସ୍ତରୀୟ ୭୨ ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଛାୟତ ସଭାରେ ଅଧ୍ୟକ୍ଷତା କରି ବନ୍ୟପ୍ରାଣୀ ସଂରକ୍ଷଣରେ ଲୋକମାନଙ୍କର ଭୂମିକା ସମ୍ପର୍କରେ ଆଲୋଚନା କରିବାସହ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଯୋଗ ଦେଇ ସହାବସ୍ଥାନ ମାଧ୍ୟମରେ ବନ୍ୟପ୍ରାଣୀ ସଂରକ୍ଷଣ ବିଷୟବସ୍ତୁ ଉପରେ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ କୁଳଦୀପ ମୀନା ଓ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ସନ୍ତୋଷ କୁମାର ତ୍ରିପାଠୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପରିବେଶବିତ୍ ଡ. ପ୍ରବୀର ଦାସ ଯୋଗଦେଇ ଆମ ପରିବେଶ ନିମନ୍ତେ ବନ୍ୟପ୍ରାଣୀଙ୍କ ଅବଦାନ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସର୍କଲସ୍ତରରେ ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇଥିବା ସ୍ୱରାଜ କହଁରଙ୍କୁ ଶୁଭେଚ୍ଛା ସହ କୃତି ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ପୂର୍ବରୁ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।



## ସାନ୍ତାଳୀ ଭାଷାର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସାନ୍ତାଳୀ ବିଶେଷଜ୍ଞ କମିଟି

# ସାନ୍ତାଳୀ ଭାଷାକୁ ଅଲ୍‌ଚିକି ଲିପିରେ ସଂଖ୍ୟାଲଘୁ ଭାଷାର ମାନ୍ୟତା ଦାବି

ଭୁବନେଶ୍ୱର,୩।୧୦(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶନିବାର ତାଙ୍କ ସରକାରୀ ବାସଭବନରେ ସାନ୍ତାଳୀ ଭାଷା ବିଶେଷଜ୍ଞ କମିଟିର ସଦସ୍ୟ ଓ ବିଭିନ୍ନ ସଂଗଠନର ସଂଯୋଜକମାନେ ସାକ୍ଷାତ କରିଛନ୍ତି। ଏହି ଅବସରରେ ସାନ୍ତାଳୀ



- ଏନ୍‌ଇପି-୨୦୨୦ ଲାଗୁ ନେଇ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା
- ଜନଜାତି ଭାଷା ଓ ସାହିତ୍ୟର ସଂରକ୍ଷଣ ପାଇଁ ସରକାର ପ୍ରତିବଦ୍ଧ: ମୁଖ୍ୟମନ୍ତ୍ରୀ

ଭାଷାର ଅଭିବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ବ୍ୟାପକ ଆଲୋଚନା ହୋଇଛି। ସାନ୍ତାଳୀ ଭାଷାକୁ ଅଲଚିକି ଲିପି ମାଧ୍ୟମରେ ସଂଖ୍ୟାଲଘୁ ଭାଷାର ମାନ୍ୟତା ଏବଂ ଶୈକ୍ଷିକ ସୁବିଧା ପ୍ରଦାନ ପାଇଁ ପ୍ରତିନିଧିମଣ୍ଡଳ ସ୍ମାରକପତ୍ର ପ୍ରଦାନ କରିଥିବା ବେଳେ ମୁଖ୍ୟମନ୍ତ୍ରୀ ସେମାନଙ୍କର ପ୍ରତ୍ୟେକଟି ଦାବିକୁ ଅତ୍ୟନ୍ତ ଗମ୍ଭୀରତା ଓ ସହାନୁଭୂତିର ସହ ଶୁଣିଛନ୍ତି।

ଏହି ଆଲୋଚନାରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ଆମ ଦେଶର ସର୍ବୋଚ୍ଚ ପଦବୀ ଅର୍ଥାତ୍ ରାଷ୍ଟ୍ରପତି ଆସନରେ ଜଣେ ସାନ୍ତାଳୀ ନାରୀ ଦ୍ରୌପଦୀ ମୁର୍ମୁ ଅଳଙ୍କୃତ ହୋଇଛନ୍ତି, ଯାହାକି ସମଗ୍ର ସାନ୍ତାଳୀ ସମାଜ ସମେତ ସମଗ୍ର ଦେଶ ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ। ଏହାଦ୍ୱାରା ସାନ୍ତାଳୀ ଭାଷା, ସଂସ୍କୃତି ଓ ଜନଜାତିର ପରିଚୟ ଆଜି ବିଶ୍ୱସ୍ତରରେ ଅଧିକ ପ୍ରଭାବଶାଳୀ ଏବଂ ଗରିମାମୟ ହୋଇଛି। ସାନ୍ତାଳୀ ଭାଷାକୁ ଏନଇପି-୨୦୨୦ର ତ୍ରିଭାଷୀ ସୂତ୍ର ଅନ୍ତର୍ଗତ ୧ମରୁ ୧୦ମ ଶ୍ରେଣୀ ଏବଂ ଉଚ୍ଚ ମାଧ୍ୟମିକ ସ୍ତରରେ ଏମଆଇଏଲ ତଥା ଇଲେକ୍ଟିଭ୍ ଭାବେ ପ୍ରଚଳନ କରିବା, ଶିକ୍ଷକ ନିଯୁକ୍ତି ଏବଂ ବାରିପଦା, ବାଲେଶ୍ୱର ଓ ଆନନ୍ଦପୁରର ଶିକ୍ଷକଶିକ୍ଷା ମହାବିଦ୍ୟାଳୟରେ ବି.ଇଡି. ପାଇଁ ସ୍ୱତନ୍ତ୍ର ଆସନ ବ୍ୟବସ୍ଥା ନେଇ ରହିଥିବା ଦାବିଗୁଡ଼ିକ ଉପରେ ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇ କହିଥିଲେ ଯେ ରାଜ୍ୟ ସରକାର ଜନଜାତି ଭାଷା ଓ ସାହିତ୍ୟର ସଂରକ୍ଷଣ ପାଇଁ ସର୍ବଦା ପ୍ରତିବଦ୍ଧ। ବିଶେଷଜ୍ଞ କମିଟିର ସୁପାରିଶ ଏବଂ ସାନ୍ତାଳୀ ସମ୍ପ୍ରଦାୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ସମସ୍ତ ଯଥୋଚିତ ତଥା ସକାରାତ୍ମକ ପଦକ୍ଷେପ ଖୁବଶୀଘ୍ର ଗ୍ରହଣ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ବୈଠକରେ ପଦ୍ମଶ୍ରୀ ଡଃ ଦମୟନ୍ତୀ ବେଶ୍ରା, କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ସଂଯୋଜକ ଚୈତନ୍ୟ ମାଝୀ, ପୂର୍ବତନ ବୈଶିଙ୍ଗା ବିଧାୟକ କାନ୍ଦ୍ରା ସୋରେନ, ପୂର୍ବତନ ଆଇଏଏସ ଧନଞ୍ଜୟ ହେମ୍ବ୍ରମ, ଡଃ ନାକୁ ହାଁସଦା, ପୂର୍ବତନ ଆଇଆରଏସ ଉଦୟନାଥ ମାଝୀ ଓ ସୋମନାଥ ହାଁସଦାଙ୍କ ସମେତ ଅନେକ ସାନ୍ତାଳୀ ଭାଷା ବିଶେଷଜ୍ଞ ମୁଖ୍ୟମନ୍ତ୍ରୀଙ୍କ ସହ ଏହି ଆଲୋଚନା କରିଥିଲେ।

# ସୁବର୍ଣ୍ଣରେଖାରେ ବୁଡ଼ି ଦୁଇ ନାବାଳକଙ୍କ ସମେତ ୩ ମୃତ

ଜଳେଶ୍ୱର/ରାଜଘାଟ, ୩।୧୦ (ସମିସ): ସୁବର୍ଣ୍ଣରେଖା ନଦୀରେ ବୁଡ଼ି ଆଜି ୩ଜଣଙ୍କ ଜୀବନ ଯାଇଛି। ଜଳେଶ୍ୱର ଥାନା ଅଞ୍ଚଳରେ ଦୁଇ ନାବାଳକଙ୍କ ମୃତ୍ୟୁ ଘଟିଥିବାବେଳେ ବସ୍ତା ଥାନା ଅଞ୍ଚଳରେ ନଦୀରେ ବୁଡ଼ି ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି।

ଜଳେଶ୍ୱର ଥାନା ଝାଡେଶ୍ୱରପୁର ଗ୍ରାମର ସାମସୁଦ୍ଦିନ ସାହାଙ୍କ ପୁଅ ସାମସେର ସାହା (୧୫), ଏବଂ ଜାଭେଦା ବିବିଙ୍କ ପୁଅ ଜିସାନ (୧୦) ସୁବର୍ଣ୍ଣରେଖା ନଦୀର ରାଜପୁର ନିକଟସ୍ଥ ସାହାଳାମାଳ ନିକଟ ନଦୀଘାଟକୁ ୫ଜଣ ସାଙ୍ଗଙ୍କ ସହିତ ଗାଧୋଇବାକୁ ଯାଇଥିଲେ। ନଦୀ ସ୍ରୋତରେ ଉପରୋକ୍ତ ଦୁଇ ନାବାଳକ ଭାସିଯାଇ ନିଖୋଜ ହୋଇଯାଇଥିଲେ। ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ଅନ୍ୟ ନାବାଳକମାନଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଦୀର୍ଘ ୩ ଘଣ୍ଟା ଖୋଜାଖୋଜି ପରେ ଅଗ୍ନିଶମ ବିଭାଗର ଓଡ୍ରାଫ ଟିମ ୨ଜଣ ନାବାଳକଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ନାବାଳକ ମାନଙ୍କୁ ସ୍ଥାନୀୟ ଜି. କେ. ଭଟ୍ଟର ହସପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

ସେହିପରି ବସ୍ତା ବ୍ଲକ ସନ୍ତୋଷପୁର ପଞ୍ଚାୟତ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀର ବେଣାପୁରା ବାରୁଣୀ ଘାଟରେ ଦୁଃଖଦ ଘଟଣା ଘଟିଛି। ନଦୀରେ ଗାଧୋଇବା ସମୟରେ ବୁଡି ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଉତ୍ତର ପ୍ରଦେଶର ନୟନପାରା ଅଞ୍ଚଳର ଅଶୋକ କୁମାର ପାଠକ(୪୮)। ଅଶୋକ ତୀର୍ଥ କରିବା ପାଇଁ ପରିବାର ସହ ବସ୍ ଯୋଗେ ପୁରୀ ଅଭିମୁଖେ ଯାଉଥିଲେ। ରାସ୍ତାରେ ଶୌଚ ସ୍ନାନ ହେବା ପାଇଁ ଉକ୍ତ ନଦୀ ଘାଟରେ ଅଟକି ଥିଲେ। ଆଜି ସକାଳ ପ୍ରାୟ ୮ଟା ସମୟରେ ଅଶୋକ ନଦୀରେ ଗାଧୋଉଥିବା ବେଳେ ହଠାତ୍ ଗଭୀର ପାଣିକୁ ଚାଲିଯାଇ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହେବା ପରେ ବସ୍ତା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ବସ୍ତା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ଦୁଇ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ଅଶୋକଙ୍କ ମୃତଦେହ ଉଦ୍ଧାର କରିଥିଲେ। ବସ୍ତା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

## ଜେଲରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟଣା

# ପ୍ରଶାସନକୁ ଏନ୍‌ଏଚ୍‌ଆର୍‌ସିର ରିପୋର୍ଟ ତଲବ

ପାରଳାଖେମୁଣ୍ଡି, ୩।୧୦ (ସମିସ) : ଜାତୀୟ ମାନବାଧିକାର କମିଶନ ପାରଳାଖେମୁଣ୍ଡି ଉପକାରାଗାରରେ ଥିବା ୨୮ ବର୍ଷୀୟ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟଣାରେ ଗଜପତି ଜିଲ୍ଲା ପ୍ରଶାସନ ଏବଂ ଜେଲ କର୍ତ୍ତୃପକ୍ଷଙ୍କଠାରୁ ଏକ ବିସ୍ତୃତ ରିପୋର୍ଟ ମାଗିଥିବାର ଜଣାପଡିଛି । ସୂଚନା ପ୍ରକାରେ ଏହି ଉପକାରାଗାରରେ ୨୦୨୬ ସେପ୍ଟମ୍ବର ୫ ତାରିଖ ଦିନ ରୁନା ବଡରଇତଙ୍କ ଆକସ୍ମିକ ମୃତ୍ୟୁ ଘଟିଥିଲା। ଯାହାକୁ ନେଇ ଜୟପୁରର ମାନବାଧିକାର କର୍ମୀ ଅନୁପ କୁମାର ପାତ୍ରଙ୍କ ଅଭିଯୋଗ ପରେ କମିଶନ ଏହି ଘଟଣାର ତଦନ୍ତ କରିଥିଲେ ଯେ ୨୦୨୬ ମସିହା ଜୁଲାଇ ୭ ତାରିଖ ଠାରୁ ଜେଲରେ ବନ୍ଦୀ ଥିବା ରୁନା ବଡରଇତଙ୍କ ପେଟରେ ଯନ୍ତ୍ରଣା ଯୋଗୁଁ ୫ ସେପ୍ଟମ୍ବର ୨୦୨୬ରେ ମୃତ୍ୟୁ ହୋଇଥିଲା।

ଅଭିଯୋଗ ଅନୁଯାୟୀ, ରୁନା ବାରମ୍ବାର ଅସୁସ୍ଥତା ଅଭିଯୋଗ କରିଥିଲେ କିନ୍ତୁ କେବଳ ଜେଲ ଫାର୍ମାସିଷ୍ଟଙ୍କ ଦ୍ୱାରା ତାଙ୍କୁ ଚିକିତ୍ସା କରାଯାଇଥିଲା ଏବଂ ସମୟ ମଧ୍ୟରେ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇ ନଥିଲା। ଏନଏଚଆରସି ଏହା ମଧ୍ୟ ଉଲ୍ଲେଖ କରିଛି ଯେ ପାରଳାଖେମୁଣ୍ଡି ଉପକାରାଗାରର ଅଧୀକ୍ଷକଙ୍କ ଠାରୁ ମୃତ୍ୟୁ ବିଷୟରେ ସୂଚନା ପାଇଥିଲା। ଅଭିଯୋଗ ଏବଂ ସୂଚନା ସେପ୍ଟେମ୍ବର ୨୫ ତାରିଖରେ କମିଶନଙ୍କ ସମ୍ମୁଖରେ ଉପସ୍ଥାପିତ ହୋଇଥିଲା। ସେମାନଙ୍କ ବିଚାର ପରେ, କମିଶନ ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ଏସପି ଏବଂ ଜେଲ୍ ଅଧୀକ୍ଷକଙ୍କୁ ତିନି ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କମିସନ ଏନଏଚଆରସି ଦ୍ୱାରା ନିର୍ଦ୍ଧାରିତ ଫର୍ମାଟରେ ମୃତକଙ୍କ ପ୍ରାରମ୍ଭିକ ସ୍ୱାସ୍ଥ୍ୟ ପରୀକ୍ଷା ରିପୋର୍ଟ ଏବଂ ସମ୍ପୂର୍ଣ୍ଣ ଚିକିତ୍ସା ରେକର୍ଡ ବ୍ୟତୀତ ମୃତ୍ୟୁର ସମସ୍ତ ଦିଗକୁ ନେଇ ଏକ ବିସ୍ତୃତ ରିପୋର୍ଟ ମାଗିଥିବାର ଜଣାଯାଇଛି ।

# ନିର୍ମାଣ ହେବ ପତିତପାବନ ଭକ୍ତ ନିବାସ

ପୁରୀ,୩।୧୦(ସମିସ): ତୀର୍ଥଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀଳାଦ୍ରି, ନୀଳାଚଳ, ଶ୍ରୀଗୁଣ୍ଡିଚା ଏବଂ ପୁରୁଷୋତ୍ତମ ଭକ୍ତ ନିବାସ ପରେ ପୁରୀରେ ନିର୍ମାଣ ହେବାକୁ ଯାଉଛି ଆଉ ଏକ ନୂତନ ଭକ୍ତ ନିବାସ। ଏ ନେଇ ଗତମାସ ୨୬ ତାରିଖ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ସବିଶେଷ ଆଲୋଚନା କରାଯିବା ସହ ପ୍ରସ୍ତାବ ଦିଆଯାଇଛି। ଇତିମଧ୍ୟରେ ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତ ନିବାସର ପଶ୍ଚାତ୍ ଭାଗ ଜମିର ଉନ୍ନତୀକରଣ କରାଯାଇଛି ଏବଂ ଉକ୍ତ ଜମିରେ ପୂର୍ବରୁ ପ୍ରସ୍ତାବିତ ନୂତନ ଭକ୍ତ ନିବାସ ନିର୍ମାଣ କରାଯିବ। ଏଥିପାଇଁ ଅବଢ଼ା ଯୋଜନାରୁ ପାଣ୍ଠି

## ତୀର୍ଥଯାତ୍ରୀଙ୍କ ସହ ସେବକଙ୍କ ପାଇଁ ରହିବ ଅତ୍ୟାଧୁନିକ ସୁବିଧା

ଯୋଗାଣ ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଲିଖିତ ପତ୍ର ପଠାଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ତଳ ମହଲାରେ ସେବକମାନଙ୍କ ବ୍ୟବହାର ଉଦ୍ଦେଶ୍ୟରେ ଏକ ଅତ୍ୟାଧୁନିକ ସମ୍ମିଳନୀ କକ୍ଷ (କଲ୍ୟାଣ ମଣ୍ଡପ) ଏବଂ ଏକ ଉତ୍କୃଷ୍ଟମାନର ଡିସ୍‌ପେନ୍‌ସେରୀ କରିବା ପାଇଁ ପ୍ରସ୍ତାବ ରହିଛି।

ସୂଚନାଯୋଗ୍ୟ, ଗତ ବର୍ଷ ପୂର୍ତ୍ତ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ନୀଳାଦ୍ରି ଭକ୍ତ ନିବାସ ପଛ ଭାଗରେ ଶ୍ରୀମାର୍ଗ ନିକଟରେ ଥିବା ଶ୍ରୀମନ୍ଦିର ପ୍ରଶାସନ ଜମିରେ ଏହି ଭକ୍ତ ନିବାସ ନିର୍ମାଣ ହେବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଓବିସିସି ଏହି ପ୍ରକଳ୍ପର ଡିପିଆର୍ ପ୍ରସ୍ତୁତ କରିବ। ନିକଟରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଗଜପତି ମହାରାଜା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳଙ୍କ ସମେତ କମିଟି ସଦସ୍ୟମାନେ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ଭାବେ ଓବିସିସି ସହ ଆଲୋଚନା କରିଥିଲେ। ନୂତନ ଭାବେ ନିର୍ମାଣ ହେବାକୁ ଥିବା ଭକ୍ତ ନିବାସର ନାମ "ପତିତପାବନ ଭକ୍ତ ନିବାସ' ରଖାଯିବ ବୋଲି ନିଷ୍ପତ୍ତି ହୋଇଛି। ଏ ସମ୍ବନ୍ଧରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଡିପିଆର୍ ପ୍ରସ୍ତୁତି ଏବଂ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଲିଖିତ ପତ୍ର ଜରିଆରେ ଜଣାଇଛନ୍ତି। ଏହି ପ୍ରସ୍ତାବିତ ଅତ୍ୟାଧୁନିକ ଭକ୍ତନିବାସ ପ୍ରକଳ୍ପ ପୁରୀକୁ ଆସୁଥିବା ତୀର୍ଥଯାତ୍ରୀ ଶ୍ରଦ୍ଧାଳୁ ଏବଂ ସେବକ ଗୋଷ୍ଠୀଙ୍କ ପାଇଁ ଉପଯୋଗୀ ହେବ ବୋଲି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି।

# ଡ୍ରୋନ୍‌ରେ ହେବ ପିଏମ୍‌କେଏସ୍‌ୱାଇ-ଏଆଇବିପି ପ୍ରକଳ୍ପର ତଦାରଖ

ଭୁବନେଶ୍ୱର,୩।୧୦(ସମିସ): ରାଜ୍ୟରେ ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା (ପିଏମ୍‌କେଏସ୍‌ୱାଇ)-ଏଆଇବିପି ଅନ୍ତର୍ଗତ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଓ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ଯାଞ୍ଚ ଏଣିକି ଡ୍ରୋନ୍ ମାଧ୍ୟମରେ କରାଯିବ। ଏଥିପାଇଁ ନିୟମିତ ଡ୍ରୋନ୍ ସର୍ଭେ ଓ ତଦାରଖ ବ୍ୟବସ୍ଥା ଆପଣାଇବାକୁ ଜଳସମ୍ପଦ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକଳ୍ପର ପ୍ରମୁଖ ଅଂଶଗୁଡ଼ିକର ଜିଓ-ଟ୍ୟାଗ୍ ଫଟୋ ଓ ଭିଡିଓ ସହ ଡ୍ରୋନ୍ ସର୍ଭେ ରିପୋର୍ଟ ସଂଗ୍ରହ କରି କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି)କୁ ପଠାଇବାକୁ କୁହାଯାଇଛି।

ଏନେଇ ଜଳସମ୍ପଦ ବିଭାଗର ଅନୁସଚିବ ଆରତୀ ମଲ୍ଲିକ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଏହି ଚିଠିରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟଅଧୀନସ୍ଥ ଜଳସମ୍ପଦ ଓ ନଦୀ ବିକାଶ ବିଭାଗର ଅତିରିକ୍ତ ସଚିବଙ୍କ ଜୁନ୍ ୪ ତାରିଖର ଚିଠି ଏବଂ ଏହି ବିଭାଗର ପୂର୍ବ ନିର୍ଦ୍ଦେଶକୁ

## ନିର୍ମାଣ କାର୍ଯ୍ୟର ରିଅଲ୍ ଟାଇମ୍ ମନିଟରିଂ, ଜିଓ-ଟ୍ୟାଗ୍ ଫଟୋ ଓ ଭିଡିଓ ସଂଗ୍ରହ ନିର୍ଦ୍ଦେଶ

ଉଲ୍ଲେଖ କରାଯାଇଛି। ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନକୁ ଅଧିକ ପ୍ରଭାବଶାଳୀ, ସଠିକ୍ ଓ ସମୟୋପଯୋଗୀ କରିବା ପାଇଁ ନିୟମିତ ଡ୍ରୋନ୍ ମନିଟରିଂର ଆବଶ୍ୟକତା ରହିଥିବା କେନ୍ଦ୍ର ସରକାର ଗୁରୁତ୍ୱ ଦେଇଛନ୍ତି। ଡ୍ରୋନ୍ ସର୍ଭେ ଦ୍ୱାରା ପ୍ରକଳ୍ପ ନିର୍ମାଣର ଭୌଗୋଳିକ ଅବସ୍ଥିତି ସହ ଭିଜୁଆଲ୍ ତଥ୍ୟ ସଂଗ୍ରହ କରାଯାଇପାରିବ। ଏଥିସହ ନିର୍ମାଣ କାର୍ଯ୍ୟର ରିଅଲ୍ ଟାଇମ୍ ତଦାରଖ, ଦର୍ଶାଯାଇଥିବା କାର୍ଯ୍ୟର ସତ୍ୟତା ଯାଞ୍ଚ, କାର୍ଯ୍ୟାନ୍ୱୟନରେ ରହିଥିବା ବାଧା ଚିହ୍ନଟ ଏବଂ ନିର୍ମିତ କାର୍ଯ୍ୟର ଗୁଣବତ୍ତା ଆକଳନ ସମ୍ଭବ ହୋଇପାରିବ। ବିଭାଗୀୟ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟରେ ନିଜ ଅଧୀନରେ ଥିବା ସମସ୍ତ ପିଏମ୍‌କେଏସ୍‌ୱାଇ-ଏଆଇବିପି ପ୍ରକଳ୍ପର ପ୍ରମୁଖ ଅଂଶଗୁଡ଼ିକୁ ଡ୍ରୋନ୍ ମନିଟରିଂରେ ସାମିଲ କରିବାକୁ ହେବ। ଏଥିପାଇଁ ଆବଶ୍ୟକ ପଦକ୍ଷେପ ନେବା ସହ ଡ୍ରୋନ୍ ସର୍ଭେ ରିପୋର୍ଟ, ଜିଓ-ଟ୍ୟାଗ୍ ଫଟୋ ଓ ଭିଡିଓ ସଂଗ୍ରହ କରିବାକୁ କୁହାଯାଇଛି। ଡ୍ରୋନ୍ ଆଧାରିତ ତଦାରଖ ଦ୍ୱାରା ପ୍ରକଳ୍ପର ବାସ୍ତବ ଅଗ୍ରଗତି ଓ ନିର୍ମାଣର ଗୁଣବତ୍ତା ସମ୍ପର୍କରେ ଅଧିକ ସଠିକ୍ ତଥ୍ୟ ମିଳିବା ସହ କାର୍ଯ୍ୟାନ୍ୱୟନରେ ସ୍ୱଚ୍ଛତା ଆସିବା ଆଶା କରାଯାଉଛି।

# ମହିଳାଙ୍କ ଅପମାନଜନକ ଭିଡିଓ ପ୍ରଚାର, ସ୍ୱାମୀ ଗିରଫ

ପୁରୀ,୩।୧୦(ସମିସ): ସୋସିଆଲ ମିଡିଆରେ ସ୍ତ୍ରୀର ଫଟୋ ଓ ଭିଡିଓ ଅପଲୋଡ୍ କରିବା, ମୋବାଇଲ ନମ୍ବର ପ୍ରଚାର କରିବା ସହ ହତ୍ୟା ଧମକ ଦେବା ଅଭିଯୋଗରେ କାକଟପୁର ଥାନା ପୁଲିସ ସ୍ୱାମୀ ମନୋଜ ସିଂହଙ୍କୁ ଗିରଫ କରିଛି। ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତଙ୍କ ପତ୍ନୀ ଗତ ଜୁନ୍ ୮ ରେ ଥାନାରେ ଅଭିଯୋଗ କରିଥିଲେ। ସେ ଦର୍ଶାଇଥିଲେ ଯେ, ତାଙ୍କ ସ୍ୱାମୀ ପ୍ରାୟ ୮ ବର୍ଷ ହେବ ଅଲଗା ରହୁଥିବାବେଳେ ସେ ଶାଶୁ-ଶଶୁରଙ୍କ ସହ ଦୁଇ ପିଲାଙ୍କୁ ନେଇ ରହୁଛନ୍ତି। ଗତ ପ୍ରାୟ ଦୁଇମାସ ଧରି ମନୋଜ ସୋସିଆଲ ମିଡିଆରେ ତାଙ୍କର ଏଡିଟିଂ ଫଟୋ ଓ ଭିଡିଓ ପ୍ରଚାର କରିବା ସହ ହତ୍ୟା ଧମକ ଦେଉଥିଲେ। ଏଥିସହ ତାଙ୍କ ମୋବାଇଲ୍ ନମ୍ବରକୁ ସୋସିଆଲ ମିଡିଆରେ ପ୍ରଚାର କରି ଅପମାନଜନକ ଭାବେ ଚିତ୍ରଣ କରୁଥିଲେ। ଏ ନେଇ କ୍ରାଇମ୍ ଆଣ୍ଡ କରପ୍ସନ୍ ଏବଂ ଏନ୍‌ଫୋର୍ସମେଣ୍ଟ ଥାନାରେ କେସ୍ (ନଂ.୨୦/୨୬) ରୁଜୁ ହୋଇଥିଲା। ତଦନ୍ତକାରୀ ଅଧିକାରୀ ଇନ୍ସପେକ୍ଟର ଗୀତାଞ୍ଜଳି ନାୟକ ଘଟଣାର ତଦନ୍ତ କରୁଥିଲେ। ଏହି ମାମଲାରେ ମନୋଜଙ୍କୁ ଶନିବାର ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ଦିନ ଦ୍ୱିପହରରେ ଲୁଟିଲେ ଲକ୍ଷାଧିକ ଟଙ୍କା

ଆନନ୍ଦପୁର,୩।୧୦(ସମିସ): ଘଷିପୁରା ଥାନା ଭଣ୍ଡାରୀଡିହା ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ନାୟକଙ୍କ ଘରୁ ଦିନ ଦ୍ୱିପହରରେ ଲୁଟ୍ କରିଛନ୍ତି ଦୁର୍ବୃତ୍ତ। ଶ୍ରୀ ନାୟକ ଦିନ ୧୧ଟା ସମୟରେ ନିଜ ଧର୍ମପତ୍ନୀ କଳିକା ଦାସଙ୍କ ସହ ବସନ୍ତପୁରା ବଳଦେବଜୀଉ ନୋଡାଲ ଉପ୍ରା ବିଦ୍ୟାଳୟକୁ ଯାଇଥିବା ବେଳେ ଏହି ଲୁଟ୍ ହୋଇଛି। ଗଡରେଜ ଭାଙ୍ଗି ୫ ଭରି ସୁନା ଓ ଦୁଇଟି ସୁନା ଚେନ ସହ ନଗଦ ଟଙ୍କା ଲୁଟ୍ ହୋଇଛି। ପ୍ରାୟ ଲକ୍ଷାଧିକ ଟଙ୍କା ମୂଲ୍ୟ ସାମଗ୍ରୀ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଘଷିପୁରା ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଚୋରିକୁ ନେଇ ଲୋକମାନେ ଅସୁରକ୍ଷିତ ଅନୁଭବ କରୁଛନ୍ତି।

## ହଜିଗଲା ମାନବିକତା

# ଚୋରି ସନ୍ଦେହରେ ଦୁଇ ନାବାଳକଙ୍କୁ ବିଚ୍ ରାସ୍ତାରେ ନିର୍ଘୁମ ମାଡ଼

ଉଦଳା, ୩।୧୦(ସମିସ): ଉଦଳା ଥାନା ଅଧୀନ ଶାଳମୁଣ୍ଡଳୀ ଗ୍ରାମରେ ଏକ ଅମାନୁଷିକ ଘଟଣା ସାମ୍ନାକୁ ଆସିଛି। ଚୋରି ସନ୍ଦେହରେ ଦୁଇଜଣ ୧୧ ବର୍ଷର ନାବାଳକଙ୍କୁ ବିଚ୍ ରାସ୍ତାରେ ଅଟକାଇ ଜଣେ ବ୍ୟକ୍ତି ତଣ୍ଟିଆ ଓ ଚାପୁଡ଼ା ମାରି ନିର୍ଘୁମ ପିଟିଛନ୍ତି। ଏହି ଘଟଣାର ଭିଡିଓ ସାମ୍ନାକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ଏ ନେଇ ଉଦଳା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଶାଳମୁଣ୍ଡଳୀ ଗ୍ରାମର

## ଭିଡିଓ ଭାଇରାଲ, ଥାନାରେ ଅଭିଯୋଗ



ଦୁଇ ନାବାଳକ ସ୍କୁଲ ପଛପାଖରେ ପଡ଼ିଥିବା ଏକ ଅଦରକାରୀ ଖରାପ ଚାର୍ଜିଂ ବ୍ୟାଟେରିକୁ ଖେଳିବା ପାଇଁ ଉଠାଇ ଆଣିଥିଲେ। ତେବେ ସେହି ଗ୍ରାମର ରାମଚନ୍ଦ୍ର ସାହୁ ନାମକ ଜଣେ ବ୍ୟକ୍ତି ତାଙ୍କ ଜଳଖିଆ ଦୋକାନରୁ ଏହି ବ୍ୟାଟେରୀ ଚୋରି ହୋଇଥିବା ଦର୍ଶାଇଥିଲେ। ପରିବାର ଲୋକଙ୍କୁ ଜଣାଇବା ପରିବର୍ତ୍ତେ ସେ ରାସ୍ତା ମଝିରେ ଉଭୟ ନାବାଳକଙ୍କୁ ଅଟକାଇ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ। ଏତିକିରେ ତାଙ୍କ ରାଗ ଶାନ୍ତ ହୋଇ ନ ଥିଲା। ସେ ପିଲା ଦ୍ୱୟଙ୍କୁ ଚାପୁଡ଼ା ପରେ ଚାପୁଡ଼ା ମାରିବା ସହ ତଣ୍ଟିଆ ଦେଇ ନିର୍ଘାତ ମାଡ଼ ମାରିଥିଲେ। ଘଟଣା ସମ୍ପର୍କରେ ପିଲାମାନେ ଘରେ ଜଣାଇବା ପରେ ପରିବାର ଲୋକେ ଏ ନେଇ ଉଦଳା ଥାନାର ଦ୍ୱାରସ୍ଥ ହୋଇ ଏତଲା ଦେଇଛନ୍ତି। ଅନ୍ୟପକ୍ଷରେ ଏହି ସମ୍ପର୍କରେ ଅଭିଯୁକ୍ତ ରାମଚନ୍ଦ୍ର ସାହୁଙ୍କ ସହ ଯୋଗାଯୋଗ କରି ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲେ ହେଁ ସେ ଗଣମାଧ୍ୟମ ସାମ୍ନାକୁ ଆସି ନ ଥିଲେ। ପୁଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି।

# 'ଓଡ଼ିଶା ଟ୍ରାଭେଲ ବଜାର'ର ସପ୍ତମ ସଂସ୍କରଣ ଉଦ୍‌ଘାଟିତ

ଭୁବନେଶ୍ୱର,୩।୧୦(ସମିସ): ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱସ୍ତରରେ ଏକ ନୂତନ ପରିଚୟ ପ୍ରଦାନ କରିବା ଏବଂ ବ୍ୟାପକ ପୁଞ୍ଜିନିବେଶକୁ ଆକୃଷ୍ଟ କରିବାର ଲକ୍ଷ୍ୟ ନେଇ ଶନିବାର 'ଓଡିଶା



- ନୂତନ 'ଓଡ଼ିଶା ଟୁରିଜିମ୍ ପୋର୍ଟାଲ୍' ଏବଂ 'ଇନଭେଷ୍ଟମେଣ୍ଟ ଇନ୍‌ସେଣ୍ଟିଭ୍ ୱେବ୍ ଆପ୍ଲିକେଶନ୍'ର ଶୁଭାରମ୍ଭ
- ଓଡିଶାକୁ ପର୍ଯ୍ୟଟକଙ୍କ ସ୍ୱର୍ଗ ଭାବେ ଗଢିତୋଳିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଟ୍ରାଭେଲ ବଜାର'ର ସପ୍ତମ ସଂସ୍କରଣ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପର୍ଯ୍ୟଟନ ମହାକୁମ୍ଭକୁ ଉଦଘାଟନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡିଶାକୁ ପର୍ଯ୍ୟଟକଙ୍କ ପାଇଁ ଏକ ଆଦର୍ଶ ଓ ସ୍ୱର୍ଗ ଭାବେ ଗଢିତୋଳିବାକୁ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି। ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରର ଦ୍ରୁତ ବିକାଶ ପାଇଁ ସରକାର 'ଅତ୍ୟାଧୁନିକ ନୀତି ଅନୁଯାୟୀ ଷ୍ଟାର୍ ହୋଟେଲଗୁଡ଼ିକ ପାଇଁ କୋଠରୀ ସଂଖ୍ୟା ସର୍ବନିମ୍ନ ୫୦ରୁ ହ୍ରାସ କରାଯାଇ ୧୦ କରାଯାଇଥିବାବେଳେ ପୁଞ୍ଜି ସବ୍‌ସିଡି ସୀମାକୁ ୨୦ କୋଟିରୁ ବୃଦ୍ଧି କରାଯାଇ ସର୍ବାଧିକ ୧୨୦ କୋଟି ଟଙ୍କା ପର୍ଯ୍ୟନ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟର ୨୯ଟି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ 'ଟୁରିଷ୍ଟ ପୋଲିସ' ବ୍ୟବସ୍ଥା ଆରମ୍ଭ କରାଯାଉଥିବାବେଳେ ସମୁଦ୍ରକୂଳ ଓ ଜଳକ୍ରୀଡ଼ା ସ୍ଥଳୀଗୁଡ଼ିକରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ 'ଓସ୍ୱାଲି' ମାଧ୍ୟମରେ ଏକ ହଜାର ପ୍ରଶିକ୍ଷିତ ଜୀବନରକ୍ଷକ ବା ଲାଇଫ୍ ଗାର୍ଡ ନିଯୁକ୍ତ କରାଯିବ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ କ୍ୟାପ୍‌ଟେନ୍ ତଥା କିମ୍ବଦନ୍ତୀ ଖେଳାଳି କପିଲ ଦେବ ମଧ୍ୟ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ, ପୋର୍ଟାଲ ଏବଂ ଏକ ସ୍ୱତନ୍ତ୍ର କଫି ଟେବୁଲ୍ ବୁକ୍ 'ପିଠା, ମିଠା ପଣା'କୁ ଲୋକାର୍ପିତ କରିଛନ୍ତି। ଏହାସହ ରାଜ୍ୟ ପର୍ଯ୍ୟଟନର ପ୍ରଚାର ପ୍ରସାର ପାଇଁ ନୂତନ 'ଓଡିଶା ଟୁରିଜିମ୍ ପୋର୍ଟାଲ୍' ଏବଂ ନିବେଶକଙ୍କ ସୁବିଧା ପାଇଁ 'ଓଡିଶା ଟୁରିଜିମ୍ ଇନ୍‌ଭେଷ୍ଟମେଣ୍ଟ ଇନ୍‌ସେଣ୍ଟିଭ୍ ମ୍ୟାନେଜମେଣ୍ଟ ସିଷ୍ଟମ'ର ୱେବ୍ ଆପ୍ଲିକେଶନ୍ ମଧ୍ୟ ଶୁଭାରମ୍ଭ ହୋଇଛି।

# ନଭେମ୍ବର ସୁଦ୍ଧା ପୂରଣ ହେବ ୧୪୩୫ ଅଧ୍ୟାପକ ପଦ

ଭୁବନେଶ୍ୱର,୩।୧୦(ସମିସ): ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଖାଲି ଥିବା ଶିକ୍ଷକ ପଦ ଆସନ୍ତା ନଭେମ୍ବର ଶେଷ ସୁଦ୍ଧା ପୂରଣ ହେବ। ୧୪୩୫ ଆସିଷ୍ଟାଣ୍ଟ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଓ ପ୍ରଫେସର ପଦରେ ନିଯୁକ୍ତି ଦିଆଯିବ। ଅଧ୍ୟାପକ ନିଯୁକ୍ତି ସମ୍ପର୍କରେ ଆଜି ଲୋକ ଭବନରେ ହୋଇଥିବା ବୈଠକରେ ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଏନେଇ ସମସ୍ତ କୁଳପତିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ରାଜ୍ୟପାଳ ଆହୁରି କହିଛନ୍ତି ଯେ ବିଶ୍ୱବିଦ୍ୟାଳୟରେ ଖାଲି ଥିବା ଶିକ୍ଷକ ପଦ ପୂରଣ କରିବା ଏକ ପ୍ରମୁଖ ଆହ୍ୱାନ। ଶିକ୍ଷକ ନିଯୁକ୍ତିରେ ମେଧାକୁ ପ୍ରାଥମିକତା ଦିଆଯିବା ଉଚିତ। ଗୁଣବତ୍ତା ଓ ମେଧା ସହ କୌଣସି ପ୍ରକାର ସାଲିସ୍ କରାଯାଇପାରିବ ନାହିଁ। ସର୍ବୋତ୍ତମ ଯୋଗ୍ୟତାସମ୍ପନ୍ନ ପ୍ରାର୍ଥୀଙ୍କୁ ଅଧ୍ୟାପକ ଭାବେ ନିଯୁକ୍ତି ଦିଆଯିବ। ଆବେଦନ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ସଂକ୍ଷିପ୍ତ ତାଲିକାଭୁକ୍ତ ଓ ଯାଞ୍ଚ କରିବା ପରିବର୍ତ୍ତେ ସମସ୍ତ ଯୋଗ୍ୟ ଆବେଦନକାରୀଙ୍କୁ ସାକ୍ଷାତକାର ପାଇଁ ଡାକିବାକୁ ପରାମର୍ଶ ଦେଇଛନ୍ତି। ଫଳରେ କୌଣସି ଯୋଗ୍ୟ ପ୍ରାର୍ଥୀ ନିଜକୁ ବାଦ ଦିଆଯାଇଥିବା ଅନୁଭବ କରିବେ ନାହିଁ। ସେହିପରି ବିଶ୍ୱବିଦ୍ୟାଳୟ ପରିସରରେ ସୌର ଶକ୍ତିର ବ୍ୟବହାର ବୃଦ୍ଧି କରିବା ଏବଂ ନିଜସ୍ୱ ପଦକ୍ଷେପରେ କିମ୍ବା ରିନ୍ୟୁଏବଲ୍ ଏନର୍ଜି ସର୍ଭିସ୍ କମ୍ପାନୀ ମଡେଲ୍ ଅଧୀନରେ ସୌର ଶକ୍ତି

## ସମସ୍ତ କୁଳପତିଙ୍କୁ ରାଜ୍ୟପାଳଙ୍କ ନିର୍ଦ୍ଦେଶ

ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ରହି ସ୍ୱଚ୍ଛତାର ସହ ନିଯୁକ୍ତି ପ୍ରକ୍ରିୟା ସାରିବାକୁ ପ୍ରାଥମିକତା ଦେଇଥିଲେ। ବିଭାଗୀୟ ସଚିବଙ୍କ ସମେତ ବିଶ୍ୱବିଦ୍ୟାଳୟର କୁଳସଚିବ ଓ ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ।

## ୪.୧୦.୨୦୨୬: ୩୨ତମ ପୁଣ୍ୟତିଥି ଉପଲକ୍ଷେ

# ପ୍ରଣମ୍ୟ ଧନେଶ୍ୱର ରଥ

ଦୁନିଆରେ କିଛି ବ୍ୟକ୍ତି ନିଜ ସ୍ୱପ୍ନକୁ ସାକାର କରିବା ପାଇଁ ବ୍ୟସ୍ତ ଥିଲାବେଳେ, କିଛି ବ୍ୟକ୍ତି ନିଜ ସ୍ୱାର୍ଥକୁ ପଛରେ ପକାଇ ସମାଜକୁ ଗଢି ତୋଳିବାରେ ସମର୍ପିତ ହୁଅନ୍ତି। ସ୍ୱର୍ଗତ ଧନେଶ୍ୱର ରଥ ଥିଲେ ଏହିଭଳି ଜଣେ ସଫଳ ମଣିଷ। ୧୯୧୬ ମସିହା କଟକ ଜିଲ୍ଲା ଟାଙ୍ଗୀ (କଏରାପାରୀ) ଗ୍ରାମରେ ବହୁକୁଟୁମ୍ବୀ ପରିବାରରେ ସେ ଜନ୍ମ ହୋଇଥିଲେ ମଧ୍ୟ ନିଜର ବାଲ୍ୟ ଶିକ୍ଷା ପାଇଁ ମାମୁ ଘର ମଉଦା ଗ୍ରାମରେ ରହି ପ୍ରାରମ୍ଭିକ ଶିକ୍ଷା ସମାପ୍ତ କରିଥିଲେ। ସେତେବେଳେ ମାଧ୍ୟମିକ ଶିକ୍ଷା ପାଇଁ ଟାଙ୍ଗୀ ଅଞ୍ଚଳରେ କୌଣସି ସ୍କୁଲ ନଥିଲା। ଆର୍ଥିକ ଅନଟନକୁ ପଛରେ ପକାଇ କଟକର ମିଶନ ସ୍କୁଲରେ ମାଧ୍ୟମିକ ଶିକ୍ଷା ଗ୍ରହଣ କରି ୧୯୩୬ ମସିହାରେ ପାଟନା ୟୁନିଭରସିଟିରୁ ଶିକ୍ଷାର ସଫଳ ପ୍ରମାଣପତ୍ର ହାସଲ କରିଥିଲେ। ପରବର୍ତ୍ତୀ ସମୟରେ ଜଣେ ଟାଇପିଷ୍ଟ ଭାବେ ସରକାରୀ ସ୍ତରରେ ରେଭିନ୍ୟୁ ବୋର୍ଡରେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ। ଚାକିରି ଜୀବନରେ ନିଜର ସଫଳ କର୍ମ କୁଶଳତାରେ ଉଚ୍ଚପଦସ୍ଥ ଅଧିକାରୀମାନଙ୍କର ସେ ଆସ୍ଥାଭାଜନ ହୋଇପାରିଥିଲେ। କଡେଇ ଗ୍ରାମର ସ୍ୱର୍ଗତ କଣ୍ଡୁରୀ ଦାଶଙ୍କର ଏକମାତ୍ର କନ୍ୟା ଇଚ୍ଛାବତୀ ଦେବୀଙ୍କୁ ବିବାହ କରି ତାଙ୍କର ସାଂସାରିକ ଜୀବନ ଆରମ୍ଭ ହୋଇଥିଲା। ଚାକିରି ସହ ଚାଷକୁ ମଧ୍ୟ ସେ ନିଜର ବେଉସା ଭାବେ ଗ୍ରହଣ କରିଥିଲେ। ନିଜ ପରିବାରକୁ ଗଢିବା ସହ ନିଜ ଅଞ୍ଚଳର ଉନ୍ନତି ପାଇଁ ସେ କାର୍ପଣ୍ୟତା ପ୍ରକାଶ କରି ନଥିଲେ। ଆଜନ୍ମରୁ କର୍ମ ହିଁ ଥିଲା ତାଙ୍କର ଗୁରୁ। ଭଲ କାମର ଫଳ ସେହି ଜୀବନରେ ନ ମିଳିଲେ ମଧ୍ୟ ତାହା ପର ଜନ୍ମରେ ପ୍ରତିଫଳିତ ହୋଇଥାଏ; ଯାହା ଆଜି ପ୍ରମାଣିତ ହୋଇଛି ସ୍ୱର୍ଗୀୟ ପୂଜ୍ୟ ଧନେଶ୍ୱର ରଥଙ୍କର ଜୀବନରେ। ୧୯୯୪ ଆଜିର ଦିନରେ ସେହି ପୁଣ୍ୟାତ୍ମାଙ୍କ ଦେହାବସାନ ହେଲା। ତାଙ୍କ ଅଧୁରା ସ୍ୱପ୍ନର କୋଣାର୍କ ଆଜି ଉଭା ହୋଇଛି ଡ୍ରିମସ୍



ବିଶ୍ୱବିଦ୍ୟାଳୟ ରୂପରେ। ତାଙ୍କର ପଞ୍ଚମ ସନ୍ତାନ ପ୍ରମୋଦ ବାବୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିକ୍ଷା କୋଣାର୍କ ଆଜି ରାଜ୍ୟ ତଥା ବାହାର ଛାତ୍ରଛାତ୍ରୀଙ୍କ କ୍ୟାରିୟର ଗଢିବାର କେନ୍ଦ୍ର ହୋଇପାରିଛି। ଏହା କେବଳ ସମ୍ଭବ ହୋଇପାରିଛି ପୂଜ୍ୟ ଧନେଶ୍ୱର ରଥଙ୍କର ସୁକର୍ମ ଓ ତାଙ୍କର ପରିବାର ସଦସ୍ୟମାନଙ୍କର ପିତୃପୁରୁଷ ତଥା ଈଶ୍ୱରଙ୍କ ପ୍ରତି ଅତୁଟ ଭକ୍ତି ପାଇଁ। ଆଜି ତାଙ୍କର ବତିଶତମ ପୁଣ୍ୟତିଥି। ସେହି ପରିପ୍ରେକ୍ଷୀରେ ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ 'ପୂଜ୍ୟପୂଜା ସମାରୋହ'ରେ ଜଗଦ୍‌ଗୁରୁ ପ୍ରସିଦ୍ଧ କାଶୀ ପୀଠର ଶଙ୍କରାଚାର୍ଯ୍ୟ ଶ୍ରୀ ନରେନ୍ଦ୍ରାନନ୍ଦ ସରସ୍ୱତୀ ମହାଭାଗଙ୍କ 'ଡ୍ରିମସ୍' ମାଟିରେ ପଦାର୍ପଣ ଆମ ସମସ୍ତଙ୍କୁ ଧନ୍ୟ କରିଛି। ତତ୍‌ସହିତ ପୂଜ୍ୟ ଧନେଶ୍ୱର ରଥଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ ଜଣେ ବିଶ୍ୱବନ୍ଦ୍ୟ ମହାତ୍ମାଙ୍କ କରକମଳରେ ହେଉଥିବାରୁ ଆମେ ସମସ୍ତେ ଭକ୍ତିପୂତ ପ୍ରଣାମ ଜଣାଇବା ସହିତ ନିଜକୁ ଗର୍ବିତ ମନେ କରୁଛୁ। ପୂଜ୍ୟପୂଜାର ଜୟ ହେଉ.... ■

ବଳରାମ କର
ପ୍ରଶାସନିକ ନିର୍ଦ୍ଦେଶକ,
ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ

## ‘ଶ୍ରୀଅଙ୍ଗ ଖଣ୍ଡୁଆ’ରେ ନୂଆ ସଂଗୀତକାର ଯୋଡ଼ି





‘ଶ୍ରୀଅଙ୍ଗ ଖଣ୍ଡୁଆ’ରେ ସଂଗୀତକାର ଭାବେ ଆସୁଛନ୍ତି ପୁରୀର ଦୁଇ ନୁଆ ମୁହଁ କଣ୍ଠଶିଳ୍ପୀ ଶିବପ୍ରସାଦ ରଥ ଓ ତବଲା ବାଦକ ପ୍ରୀତମ୍ କୁମାର ମିଶ୍ର। ପୂର୍ବରୁ ଓଡ଼ିଆ କଥାଚିତ୍ର ‘ଭାଇଭାଇ’ରେ ସଂଗୀତକାର ଯୋଡ଼ି ଭୁବନେଶ୍ୱର ମିଶ୍ର ଓ ବାଳକୃଷ୍ଣ ଦାସ (ଭୁବନ- କିଶନ), ‘ଗପ ହେଲେ ବି ସତ’ରେ ଭୁବନେଶ୍ୱର ମିଶ୍ର ଓ ହରିପ୍ରସାଦ ଚୌରାଶିଆ (ଭୁବନ- ହରି) ଓ ‘ଅଭିମାନ’ରେ ରାଧାକୃଷ୍ଣ ଭଞ୍ଜ ଓ ସରୋଜ ପଟ୍ଟନାୟକ (ସରୋଜ-ରାଧା) ବେଶ୍ ସଫଳତା ପାଇଥିଲେ। ‘ଶ୍ରୀଅଙ୍ଗ ଖଣ୍ଡୁଆ’ ପରି ଆଧ୍ୟାତ୍ମିକ ଲୋକକଥା ଆଧାରିତ ଓଡ଼ିଆ ଚଳଚ୍ଚିତ୍ର ‘ମୋ ଭାଇ ଜଗନ୍ନାଥ’ରେ ମଧ୍ୟ ପୁରୀର ସଂଗୀତ ନିର୍ଦ୍ଦେଶକ ବିପିନ୍ କୁମାର ଓ ପ୍ରୀତମ୍ କୁମାର ଯୋଡ଼ି ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଜୟଦେବ - ପଦ୍ମାବତୀ, ଗୀତଗୋବିନ୍ଦ ସହ ଖଣ୍ଡୁଆ ବୁଣାକାର ଜୀବନକୁ ନେଇ ନିର୍ମିତ ଚଳଚ୍ଚିତ୍ର ‘ଶ୍ରୀଅଙ୍ଗ ଖଣ୍ଡୁଆ’ର ପ୍ରଯୋଜକ ଭାବରେ ଡକ୍ଟର କେ.ତମନ୍ନା ରହିଥିବା ବେଳେ ଏହାର ଲେଖକ ଓ ନିର୍ଦ୍ଦେଶକ ରହିଛନ୍ତି ପୁରୀ ମାଟିର ପୁଅ ତଥା ପ୍ରାର୍ଥନା ଫେମ୍ ଶ୍ୟାମାପ୍ରସାଦ ମିଶ୍ର। ଏହି ଚଳଚ୍ଚିତ୍ରର ଗୀତ ରେକର୍ଡିଂ ଶେଷ ହୋଇଛି । ଓଡ଼ିଶାର ବରିଷ୍ଠ ଗୀତିକାର ଡକ୍ଟର ବଦ୍ରି ମିଶ୍ରଙ୍କ ରଚନାରେ ପୁରୀର କଣ୍ଠଶିଳ୍ପୀ ରାଜେନ୍ଦ୍ର ମିଶ୍ର, ବିଶିଷ୍ଟ ଗାୟକ ରୂପକ କୁମାର ପରିଡ଼ା ଏବଂ ପଣ୍ଡିତ ଶିବ ରଥଙ୍କ କଣ୍ଠରେ ଶ୍ରୋତାମାନେ ଭିନ୍ନ ସ୍ୱାଦର ଗୀତ ଶୁଣିବାକୁ ପାଇବେ। ସଂଗୀତକାର ଭାବେ ପରିଚୟ ନେଇ ଆସୁଥିବା ଇଂଜିନିୟର ପ୍ରୀତମ୍ ମିଶ୍ର ହେଉଛନ୍ତି ଚଳଚ୍ଚିତ୍ର କାହାଣୀ ଲେଖକ ଡକ୍ଟର ବଦ୍ରି ମିଶ୍ରଙ୍କ ସୁପୁତ୍ର। ■

## ଦଶହରାରେ ‘ଆଗ୍ରେ ୱେଡ୍ସ ମିନଲ୍’

ଏଥର ଦଶହରାରେ ଆସିବ ନୂଆ ଓଡ଼ିଆ ସିନେମା ‘ଆଗ୍ରେ ୱେଡ୍ସ ମିନଲ’। ସିନେମାର ମୁଖ୍ୟ ଚରିତ୍ରରେ ମନୋଜ ମିଶ୍ର ଅଭିନୟ କରିଛନ୍ତି। ତାଙ୍କୁ ଦିବ୍ୟାଙ୍ଗ ଚରିତ୍ରରେ ଦେଖିବାକୁ ମିଳିବ। ମନୋଜ ମିଶ୍ର ଫିଲ୍ମସ୍ ନିବେଦିତ ଏହି ସିନେମାର ନିର୍ଦ୍ଦେଶନା ଋଷଭ ଅଗ୍ରୱାଲ ଦେଇଛନ୍ତି। ପ୍ରଯୋଜନାରେ ମନୋଜ ମିଶ୍ର ଫିଲ୍ମସ୍, ମମତା ନନ୍ଦ, ଜଗନ ମହାନ୍ତ, ଫୋରମ ଋଷଭ ଅଗ୍ରୱାଲ, ପ୍ରଶାନ୍ତ ବେହେରା ଅଛନ୍ତି।

ଏକ ସତ୍ୟ ପ୍ରେମ କାହାଣୀ ଉପରେ ଆଧାରିତ ଏହି ସିନେମାର ପ୍ରଥମ ଲୁକ୍ ସାମ୍ନାକୁ ଆସିଥିବା ବେଳେ ଏହାକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ସିନେମାରେ ଭିନ୍ନକ୍ଷମତା ଓ ଏକ ଭାବପୂର୍ଣ୍ଣ ଯାତ୍ରାକୁ ସୁନ୍ଦର ଭାବେ ଦେଖାଇବାକୁ ଚେଷ୍ଟା କରାଯାଇଛି। ତେବେ ମନୋଜ ମିଶ୍ରଙ୍କ ଅଭିନୟକୁ ଦର୍ଶକେ ଖୁବ୍ ପସନ୍ଦ ଓ ପ୍ରଶଂସା କରିଛନ୍ତି। ସେହିପରି ସିନେମାରେ ଅର୍ଲିନ ଅଙ୍କିତା, ଉଷସୀ ମିଶ୍ର, ଯୋଗେଶ ଜୋଜୋ, ଆକାଶ, ବବିତା ପ୍ରମୁଖ ନଜର ଆସିବେ। ■



## ଏଲିନାଙ୍କ ନୂଆ ଲୁକ୍



ଖୁବ୍‌ଶୀଘ୍ର ନୂଆ ଲୁକ୍‌ରେ ନଜର ଆସିବେ ଓଲିଉଡ୍‌ର ଲୋକପ୍ରିୟ ନାୟିକା ଏଲିନା। ସାଇ ଲୁମ୍ବିନୀ ପ୍ରଡକ୍ସନରେ ନିର୍ମିତ ତଥା ଅଶ୍ୱିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ଅମ୍ଲାନଙ୍କ ସହ ଏଲିନାଙ୍କୁ ମୁଖ୍ୟ ଚରିତ୍ରରେ ଦେଖିବାକୁ ମିଳିବ। ଏଥିରେ ଏଲିନା ‘ଲିଲି’ ଚରିତ୍ରରେ ଅଭିନୟ କରିଛନ୍ତି। ତାଙ୍କର ନୂଆ ଲୁକ୍‌ର ପୋଷ୍ଟର ସାମ୍ନାକୁ ଆସିଛି। ଏଲିନାଙ୍କ ଆଖିରେ ଭୟ, ଚିନ୍ତା ଦେଖିବାକୁ ମିଳିଛି। ତେବେ ସିନେମାର ପ୍ରଯୋଜନାରେ ଶୁଭ୍ର କୁମାର ନଜର ଆସିବେ। ଅମ୍ଲାନ ଓ ଏଲିନାଙ୍କ ବ୍ୟତୀତ ସିନେମାରେ ଜ୍ୟୋତି, ଅନିଶାଙ୍କୁ ବି ଦେଖିବାକୁ ମିଳିବ। ଅନ୍ୟପଟେ ସିନେମାର ପ୍ରଥମ ଝଲକ ବି ସାମ୍ନାକୁ ଆସିଛି। ଯେଉଁଥିରେ ଅମ୍ଲାନଙ୍କୁ ସମ୍ପୂର୍ଣ୍ଣ ଭିନ୍ନ ଏକ ରୂପରେ ଦେଖିବାକୁ ମିଳିଛି। ଏହାକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ■

## ଯଶ୍‌ଙ୍କ ଫ୍ୟାମିଲି ଟାଇମ୍

ସୁପରଷ୍ଟାର୍ ଯଶ୍‌ଙ୍କ ଅଭିନୀତ ‘ଟକ୍ସିକ୍’ ବକ୍ସ ଅଫିସ୍‌ରେ ସେତେଟା ସଫଳତା ସାଉଁଟିପାରି ନାହିଁ। ଫିଲ୍ମରୁ ଯେଭଳି ଆୟ ହେବ ବୋଲି ଆଶା କରାଯାଉଥିଲା, ସେମିତି ହୋଇପାରିଲା ନାହିଁ। ତେବେ ଏବେ ଯଶ୍ ନିଜ କାମରୁ ବ୍ରେକ୍ ନେଇଛନ୍ତି। ଏବେ ସେ ନିଜ ପରିବାର ସହିତ ସମୟ ଅତିବାହିତ କରୁଛନ୍ତି। ତାଙ୍କ ପତ୍ନୀ ରାଧିକା ପଣ୍ଡିତ ଛୁଟିଦିନର କିଛି ଫଟୋ ସେୟାର୍ କରିଛନ୍ତି। ଏହି ଫଟୋରେ ପୂରା ପରିବାର ସମୁଦ୍ରକୂଳରେ ସମୟ ଅତିବାହିତ କରୁଥିବା ଦେଖାଯାଇଛି। ତେବେ ରାଧିକା ଇନଷ୍ଟାଗ୍ରାମ୍‌ରେ ଏହି ଟ୍ରିପ୍‌ର ଫଟୋ ସେୟାର୍ କରିଛନ୍ତି। ସେହିପରି ଗୋଟିଏ ଫଟୋରେ ସେ, ଯଶ୍, ପୁଅ ଝିଅ ସାଇକଲିଂ କରୁଥିବା ଦେଖିବାକୁ ମିଳିଛି। ଅନ୍ୟପଟେ କେଉଁ ସ୍ଥାନରେ ସେ ସମୟ ଅତିବାହିତ କରୁଛନ୍ତି, ରାଧିକା ସେ ସମ୍ପର୍କରେ କିଛି କହି ନାହାନ୍ତି। ଏହାବାଦ୍ ଯଶ୍ ଏବେ ପରିବାର ସହିତ ସମୟ ଅତିବାହିତ କରୁଥିବାରୁ ତାଙ୍କୁ ସର୍ବସାଧାରଣରେ କମ୍ ଦେଖିବାକୁ ମିଳୁଛି। ■



ସାକ୍ଷାତକାର

## ‘ଦର୍ଶକଙ୍କ ଗାଳି ମୋ ପାଇଁ ଆଶୀର୍ବାଦ’

**ଈପ୍‌ସିତା ଦାସ, ଅଭିନେତ୍ରୀ**

ନାୟିକା ହୁଅନ୍ତୁ କି ଖଳନାୟିକା ଉଭୟ ହିଁ କାହାଣୀର ମୁଖ୍ୟ ଚରିତ୍ର। ତେଣୁ ସୁନ୍ଦର ଚେହେରା ଥାଇ ବି ସେ ପାଲଟିଗଲେ ଖଳନାୟିକା। ମଣିଷ ଭିତରର ଖଳ ପ୍ରକୃତିକୁ ପରିପ୍ରକାଶ କରିବାକୁ ସେ ଚମତ୍କାର ଅଭିନୟ କରୁଛନ୍ତି। ଭୁବନେଶ୍ୱର ନିବାସୀ ଈପ୍‌ସିତା ଦାସ ମଡେଲିଂ ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପରେ ଏବେ ଧାରାବାହିକ ଓ ବଡ଼ ପରଦାରେ ଜଲୱା ଦେଖାଉଛନ୍ତି। ସେ ବିଭିନ୍ନ ରିଆଲିଟି ଶୋ’ରେ ଭାଗ ନେଇ ନିଜର ପ୍ରତିଭାକୁ ପ୍ରଦର୍ଶିତ କରିଛନ୍ତି। ‘ମେକାନିକ ଦିଦି’ ତାଙ୍କର ପ୍ରଥମ ଧାରାବାହିକ। ଏକାଧିକ ଧାରାବାହିକରେ ସେ ନେଗେଟିଭ୍ ଚରିତ୍ରରେ ଅଭିନୟ କରିଛନ୍ତି। ଏବେ ‘ସାତ ଭାଇଙ୍କ ମଙ୍ଗଳା’ ୱେବ୍ ସିରିଜ୍‌ରେ ସେ ଅଭିନୟ କରୁଛନ୍ତି। ତେବେ ଲାଇଭ୍ ଷ୍ଟେଜରୁ କ୍ୟାମେରାକୁ ସାମ୍ନା କରି ଈପ୍‌ସିତାଙ୍କ ଅଭିନୟ ଜୀବନ କେମିତି ଆଗକୁ ବଢ଼ୁଛି ସେନେଇ ଜାଣିବା ତାଙ୍କରି ମୁହଁରୁ।



**ମଡେଲିଂରୁ ଅଭିନୟ। ହଠାତ୍ ଏ ନୂଆ ଦିଗକୁ କାହିଁକି ବାଛିଲେ?**

● ମଡେଲିଂ କରୁଥିଲି। ବିଭିନ୍ନ ମଡେଲିଂ ଶୋ’ରେ ଭାଗ ନେଇ ମୁଁ ବିଜେତା ହୋଇଛି। ଅନେକ ରିଆଲିଟି ଶୋ’ରେ ଭାଗ ନେଇଛି। ଏହା ଜରିଆରେ ମୋତେ ମୁଖ୍ୟ ଅଭିନେତ୍ରୀ ଭାବେ କାମ କରିବାକୁ ସୁଯୋଗ ମିଳିଥିଲା। ହେଲେ ପାଠପଢ଼ା ପାଇଁ ଅଭିନୟଠାରୁ ଦୂରେଇ ରହିଥିଲି। ପରେ ‘ମେକାନିକ ଦିଦି’ରେ ପ୍ରଥମ ଥର ପାଇଁ ମୋତେ ଅଭିନୟ କରିବାକୁ ସୁଯୋଗ ମିଳିଥିଲା। ଏଥିରେ ମୁଁ ମୁଖ୍ୟ ଖଳନାୟିକା ‘ରିୟା’ ଚରିତ୍ରରେ ଅଭିନୟ କରିଥିଲି।

**କ୍ୟାରିୟର ଆରମ୍ଭରୁ ନେଗେଟିଭ୍ ଚରିତ୍ର କେମିତି ଏହାକୁ ଗ୍ରହଣ କରିଥିଲେ?**

● ବାସ୍ତବ ଜୀବନରେ ମୁଁ ବହୁତ ଶାନ୍ତ ଆଉ ଚୁପ୍‌ଚାପ୍। ଧୀର ସ୍ୱଭାବ ଯୋଗୁଁ ମୋତେ ନେଗେଟିଭ୍ ଚରିତ୍ରରେ ଅଭିନୟ କରିବାକୁ ଆରମ୍ଭରୁ ଟିକେ କଷ୍ଟ କରିବାକୁ ପଡ଼ିଥିଲା। ହେଲେ ମୋ ଟିମ୍ ବହୁତ ସହଯୋଗ କରିଥିଲେ। ଯାହାଫଳରେ ସମୟକ୍ରମେ ମୁଁ ଭଲ ଅଭିନୟ କରିପାରିଥିଲି।

**ଅଭିନୟ, ମଡେଲିଂକୁ ବାଦ୍ ଦେଲେ କ’ଣ କରିବାକୁ ଭଲ ଲାଗେ?**

● ଗୀତ ଗାଇବାକୁ ଭଲ ଲାଗେ। ମୁଁ ଶାସ୍ତ୍ରୀୟ ସଙ୍ଗୀତରେ ବିଶାରଦ ସାରିଛି।

**କେଉଁ ଚରିତ୍ର ଆପଣଙ୍କୁ ଅଧିକ ଲୋକପ୍ରିୟ କରାଇଛି?**

● ‘ମେକାନିକ ଦିଦି’ ପରେ ପରେ ‘ଶକ୍ତି’, ‘ସୁନାଝିଅ’, ‘ରାଜଯୋଗ’, ‘ଓଢ଼ଣୀ’ ଆଦି ଧାରାବାହିକରେ ମଧ୍ୟ ମୁଁ ମୁଖ୍ୟ ଖଳନାୟିକା ଭୂମିକାରେ ଅଭିନୟ କରିଛି। ଏବେ ‘ସାତ ଭାଇଙ୍କ ମଙ୍ଗଳା’ ୱେବ୍ ସିରିଜ୍‌ରେ ମୁଖ୍ୟ ଖଳନାୟିକା ଚରିତ୍ରରେ କାମ କରୁଛି। ତେବେ ‘ଓଢ଼ଣୀ’ର ମାନସୀ ଚରିତ୍ର ମୋତେ ସ୍ୱତନ୍ତ୍ର ପରିଚୟ ଦେଇଛି।

**ଦର୍ଶକଙ୍କ ଗାଳିକୁ କେମିତି ଗ୍ରହଣ କରନ୍ତି?**

● ମଜାଦାର କଥା ହେଉଛି, ରାସ୍ତାରେ ମୁଁ ଯିବାବେଳେ ଲୋକମାନେ ମୋତେ ଗାଳି ଦିଅନ୍ତି। ପ୍ରଥମେ ପ୍ରଥମେ ସେମାନଙ୍କ ଗାଳିକୁ ମୁଁ ଗ୍ରହଣ କରିପାରୁ ନଥିଲି। ହେଲେ ଏବେ ଭାବୁଛି ଦର୍ଶକଙ୍କ ଗାଳି ହିଁ ମୋ ପାଇଁ ଆଶୀର୍ବାଦ। ସେମାନଙ୍କ ପାଇଁ ହିଁ ଆଗକୁ ବଢ଼ି ପାରିଛି।

**ବଡ଼ ପରଦାରେ ବି ଜଲୱା ଦେଖାଇଛନ୍ତି ଏନେଇ କ’ଣ କହିବେ?**

● ‘ଡିଅର ପୁରୁଷ’ ସିନେମାରେ ମୋତେ ମୁଖ୍ୟ ଖଳନାୟିକା ଭାବେ କାମ କରିବାକୁ ସୁଯୋଗ ମିଳିଥିଲା। ଏହା ସହିତ ଏକ ଟେଲି ଫିଲ୍ମରେ ବି କାମ କରିଛି।

**ଡ୍ରିମ୍ ରୋଲ୍?**

● ଦର୍ଶକଙ୍କ ହୃଦୟରେ ରହିବା ପରି ଚରିତ୍ରରେ ଅଭିନୟ କରିବାକୁ ବହୁତ ଇଚ୍ଛା ଅଛି।

**ଈପ୍‌ସିତାଙ୍କ ସୁନ୍ଦରତାର ରହସ୍ୟ କ’ଣ?**

● ସନ୍ତୁଳିତ ଖାଦ୍ୟ ଖାଏ, ପଖାଳରେ ମୁଁ ସନ୍ତୁଷ୍ଟ। ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ ଖାଏ ନାହିଁ। ଓଜନ ନିୟନ୍ତ୍ରଣ ପାଇଁ ମୁଁ ଏକାଥରେ ନଖାଇ ଦିନରେ ବାରମ୍ବାର ଅଳ୍ପ ଅଳ୍ପ କରି ଖାଇଥାଏ। ପ୍ରତିଦିନ ବ୍ୟାୟାମ କରେ।

**ଅଭିନୟ ପାଇଁ ମଡେଲିଂକୁ ଛାଡ଼ି ଦେବେ କି?**

● ନା, ମଡେଲିଂ ହିଁ ମୋତେ ସ୍ୱତନ୍ତ୍ର ପରିଚୟ ଦେଇଛି। ତେଣୁ ଅଭିନୟ ଓ ମଡେଲିଂ ଉଭୟକୁ ନେଇ ଆଗକୁ ଚାଲିବି।

**ଅନେକ ପ୍ରତିଭାଶାଳୀ ଯୁବକଯୁବତୀ ଅଭିନୟ ଜଗତକୁ ଆସୁଛନ୍ତି, ସେମାନଙ୍କୁ କ’ଣ କହିବେ?**

● କମ୍ ସମୟ ମଧ୍ୟରେ ନିଜକୁ ପ୍ରତିଷ୍ଠିତ କରିବା ଉଦ୍ଦେଶ୍ୟରେ ଏହି ଲାଇନ୍‌କୁ ନ ଆସି ନିଜକୁ ଭଲ ଭାବେ ପ୍ରସ୍ତୁତ କରି ଆସନ୍ତୁ। ଯାହାଫଳରେ ଜଣେ ତା’ର ଲକ୍ଷ୍ୟ ସ୍ଥଳରେ ପହଞ୍ଚିପାରିବ। ■

ପରଦା ପଛର କାହାଣୀ

## ଦେଶୀ ଶବ୍ଦ ପାଇଁ ଗୀତ ପ୍ରତ୍ୟାଖ୍ୟାନ



୧୯୯୩ ମସିହାରେ ମୁକ୍ତିଲାଭ କରିଥିବା ଫିଲ୍ମ ‘ହମ୍ ହେଁ ରାହି ପ୍ୟାର୍ କେ’ର “ଘୁଙ୍ଘଟ କି ଆଡ୍ ସେ...” ଏକ ଏଭରଗ୍ରୀନ୍ ଗୀତ। ଏଥିରେ ବଲିଉଡ୍ ସୁପର୍ ଷ୍ଟାର୍ ଅମିର ଖାନ୍ ଓ ଅଭିନେତ୍ରୀ ଜୁହି ଚାୱଲା ଚମତ୍କାର ନୃତ୍ୟ କରିଥିଲେ। ତେବେ ନିର୍ମାତା ମୁକେଶ ଭଟ୍ଟ ଏହି ଗୀତରେ ବ୍ୟବହୃତ ଅଖାଡୁଆ ଶବ୍ଦ ପାଇଁ ଏହି ଗୀତକୁ ଫିଲ୍ମରେ ନେବା ପାଇଁ ସିଧାସଳଖ ମନା କରି ଦେଇଥିଲେ। ନିକଟରେ ଏକ ସାକ୍ଷାତକାରରେ ସମୀର ଅନ୍‌ଜାନ୍ ଏହି ଗୀତକୁ ପ୍ରତ୍ୟାଖ୍ୟାନ କରିବା ପଛର ଏକ କାହାଣୀ ପ୍ରକାଶ କରିଛନ୍ତି। ସେ କହିଛନ୍ତି, “ମୋର ମନେ ଅଛି ‘ଘୁଙ୍ଘଟ କି ଆଡ୍ ସେ...’ ଗୀତ ପାଖରେ ମୁକେଶ ଅଟକି ରହିଥିଲେ। ଏହି ଗୀତରେ ବ୍ୟବହୃତ ଖାଣ୍ଟି ଦେଶୀ ଶବ୍ଦ ସଂଯୋଜନା ଭଲ ଲାଗୁ ନଥିଲା। ଏଥିପାଇଁ ଗୀତକୁ କାଟିବାକୁ କହିଥିଲେ। ତେଣୁ ମୁଁ ଏହି ଗୀତ ବଦଳରେ ଆଉ ଏକ ଗୀତ ଲେଖିଦେବି ବୋଲି କହିଥିଲି।” ଠିକ୍ ଏହି ସମୟରେ ମହେଶ ଆସି ସେଟ୍‌ରେ ପହଞ୍ଚିଲେ। ମୁଁ ତାଙ୍କୁ କହିଲି, “ଏ ଗୀତ ମୁକେଶଜୀଙ୍କୁ ପସନ୍ଦ ଆସିଲାନି।” ସେ ଏହା ଶୁଣି ପ୍ରଥମେ ଗୀତଟିକୁ ମତେ ଶୁଣାଅ ବୋଲି କହିଥିଲେ। ସେ ଗୀତ ଶୁଣିବା ପରେ ମତେ ଆଲିଙ୍ଗନ କରି ଏହି ଗୀତ ସୁନ୍ଦର ଏବଂ ଚମତ୍କାର ହୋଇଛି ବୋଲି କହିଥିଲେ। ଏଥିରେ ଥିବା ଶବ୍ଦ ମଧ୍ୟ ଖୁବ୍ ଚମତ୍କାର। ଏଥିସହ କହିଥିଲେ ତମେ ଏ ଗୀତ କାହାକୁ ଶୁଣାଉଥିଲ, ତା’ର ତ କାମ କେବଳ ଟଙ୍କା ଆଣିବା, ଫିଲ୍ମ କରିବା। ସେ କେମିତି ଏ ଗୀତର ମୂଲ୍ୟ ବୁଝିପାରିବ। ଏହାପରେ ମହେଶ ଭଟ୍ଟ ଏହି ଗୀତକୁ ଫିଲ୍ମରେ ନେବା ପାଇଁ ରାଜି ହୋଇଥିଲେ। ଏହାପରେ ଜୁହି ଏବଂ ଅମିରଙ୍କ ଏହି ଗୀତ ସୁଟ୍ ହୋଇଥିଲା। ଏବେ ମଧ୍ୟ ଏହି ଗୀତକୁ ଦର୍ଶକେ ବେଶ୍ ପସନ୍ଦ କରୁଛନ୍ତି। ଏହା ୯୦ ଦଶକରେ ସବୁଠୁ ଅଧିକ ଲୋକପ୍ରିୟ ଗୀତ ମଧ୍ୟରୁ ଅନ୍ୟତମ ଥିଲା। ■

**ଆଇଚି-ନାଗୋୟା ଏସିଆନ୍ ଗେମ୍ସ**

# ଭାରତୀୟ କ୍ରିକେଟ ଓ ହକି ଦଳ ସ୍ୱର୍ଣ୍ଣ ବଜାୟ ରଖିଲେ

ଟୋକିଓ,୩।୧୦(ଏଜେନ୍ସି)

ଭାରତୀୟ ପୁରୁଷ କ୍ରିକେଟ ଓ ହକି ଦଳ ଏଠାରେ ଚାଲିଥିବା ଆଇଚି-ନାଗୋୟା ଏସିଆନ ଗେମ୍ସରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଆଜି ଖେଳାଯାଇଥିବା କ୍ରିକେଟ ଫାଇନାଲରେ ଭାରତ ୧୯ ରନ୍‌ରେ ପାକିସ୍ତାନକୁ ଓ ହକି ଫାଇନାଲରେ ଭାରତ ୫-୧ ଗୋଲରେ ମାଲେସିଆକୁ ହରାଇ କ୍ରମାଗତ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ପୂର୍ବରୁ ଉଭୟ ବିଭାଗରେ ମହିଳା ଦଳ ମଧ୍ୟ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଏଠାରେ ସ୍ୱର୍ଣ୍ଣ ପଦକ ଜିତିବା ପରେ ହକିର ଉଭୟ ଦଳ ୨୦୨୮ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସ ଲାଗି ସିଧାସଳଖ ଯୋଗ୍ୟତା ହାସଲ କରିଛନ୍ତି। ଏମାନଙ୍କ ପୂର୍ବରୁ ବ୍ୟକ୍ତିଗତ ବିଭାଗର ମହିଳା ରିକର୍ଭ ଆର୍ଚରୀରେ ୧୭ ବର୍ଷୀୟା କୁମ୍‌କୁମ୍ ଅନିଲ ମୋହୋଦ ଓ ମହିଳା ଗଲଫ୍‌ରେ ପ୍ରଣବୀ ଅର୍ସ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଉଭୟ ବିଭାଗରେ ଏମାନେ ପ୍ରଥମ ସ୍ୱର୍ଣ୍ଣପଦକ ଜିତି ଭାରତ ଲାଗି ଇତିହାସ ସୃଷ୍ଟି କରିଛନ୍ତି। ରେସଲିଂରେ ଭାରତକୁ ମିଶ୍ର ସଫଳତା ମିଳିଛି। ଅଲିମ୍ପିକ୍ସ କାଂସ୍ୟ ପଦକ ବିଜେତା ଅମନ ଶେରାୱତ ସ୍ୱର୍ଣ୍ଣପଦକ ଜିତିଥିଲାବେଳେ ବିଶ୍ୱବିଜେତା ଅନ୍ତିମ ପାଙ୍ଘଲ ରୌପ୍ୟରେ ସନ୍ତୁଷ୍ଟ ହୋଇଛନ୍ତି। ଅନ୍ୟଜଣେ ତାରକା ରେସଲର ଦୀପକ ପୁନିଆ କଷ୍ଟରେ କାଂସ୍ୟ ପଦକ ହାସଲ କରିଛନ୍ତି। ଆସନ୍ତାକାଲି ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ। ଏହାର ପୂର୍ବଦିନ ବା ଆଜି ଭାରତ ୫ଟି ସ୍ୱର୍ଣ୍ଣପଦକ, ଗୋଟିଏ ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ହାସଲ କରିଛି। ଦଳ ମୋଟ ୨୧ ସ୍ୱର୍ଣ୍ଣ, ୨୭ରୌପ୍ୟ ଓ ୩୭ କାଂସ୍ୟସହ ମୋଟ ୮୫ଟି ପଦକ ଜିତି ପଦକ ତାଲିକାର ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଛି।

- ପ୍ରଥମ ସ୍ୱର୍ଣ୍ଣ ସହ ଇତିହାସ ସୃଷ୍ଟି କଲେ କୁମ୍‌କୁମ୍ ଓ ପ୍ରଣବୀ
- ସ୍ୱର୍ଣ୍ଣ ଜିତିଲେ ଅମନ, ଅନ୍ତିମଙ୍କୁ ରୌପ୍ୟ
- ମହିଳାଙ୍କ ପରେ ପୁରୁଷ ହକି ଦଳକୁ ୨୦୨୮ ଅଲିମ୍ପିକ୍ସ ଯୋଗ୍ୟତା



## କ୍ରିକେଟ: ଲଢୁଆ ଖେଳି ସ୍ୱର୍ଣ୍ଣ ଜିତିଲା ଭାରତ

ଏସିଆନ ଗେମ୍ସ ପୁରୁଷ କ୍ରିକେଟ ଫାଇନାଲରେ ଭାରତ ୧୯ ରନ୍‌ରେ ପାକିସ୍ତାନକୁ ପରାସ୍ତ କରି କ୍ରମାଗତ ସ୍ୱର୍ଣ୍ଣପଦକ ହାସଲ କରିଛି। ଏଠାରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୧୧ ରନ୍ କରିଥିଲା। ଦଳ ପକ୍ଷରୁ ବିସ୍ଫୋରକ ଓପନର ଅଭିଷେକ ଶର୍ମା ୨୮ ବଲ୍‌ରେ ୩ଚୌକା ଓ ୭ଛକା ସହ ୬୧, ତିଳକ ବର୍ମା ଓ ଶିବମ ଦୁବେଙ୍କ ଯୋଡି ୩୦ ବଲ୍‌ରେ ୬୨ ରନ୍ କରିଥିଲେ। ତିଳକ ୨୨ବଲ୍‌ରୁ ଅପରାଜିତ ୫୧ ଓ ଶିବମ ୧୫ବଲ୍‌ରୁ ୨୭ ରନ୍ କରିବା ଫଳରେ ଦଳ ଏକ ବିଶାଳ ସ୍କୋର କରିଥିଲା। ଜବାବରେ ପାକିସ୍ତାନ ୩୯ ରନ୍‌ରେ ୩ୱିକେଟ ହରାଇଥିଲେ ମଧ୍ୟ ସାଏମ ଆୟୁବ ଓ ହାସନ ନୱାଜଙ୍କ ପାର୍ଟନରସିପ୍ ପାକିସ୍ତାନକୁ ବିଜୟ ଆଶା ଦେଇଥିଲା। ଭାରତର ସମସ୍ତ ବୋଲରଙ୍କୁ ନିର୍ମମ ପ୍ରହାର କରିଥିବା ନୱାଜ ୫୧ ବଲ୍ ଖେଳି ୫ ଚୌକା ଓ ୭ ଛକା ସହ ୯୬ ରନ୍ କରି ଶେଷ ବଲ୍‌ରେ ଆଉଟ ହୋଇଥିଲେ। ପୂର୍ବରୁ ନୱାଜ୍‌ଙ୍କ ସହ ୪ର୍ଥ ୱିକେଟରେ ଦମ୍‌ଦାର ବ୍ୟାଟିଂ କରି ୪୮ ବଲ୍‌ରୁ ୮୭ ରନ କରି ପାକିସ୍ତାନ ପଟକୁ ମ୍ୟାଚ୍ ନେଇଯାଇଥିଲେ। ଏହି ସମୟରେ ବୋଲିଂ କରିବାକୁ ଆସି ଶିବମ ଦୁବେ ପ୍ରଥମ ବଲରେ ଆୟୁବ (୨୨ବଲ୍‌ରେ ୨୯ରନ୍) ଆଉଟ ହେବା ପରେ ନୱାଜଙ୍କୁ ଭଲ ସମର୍ଥନ ମିଳି ନ ଥିଲା। ଦଳ ୬ ୱିକେଟରେ ୧୯୨ ରନ୍ କରି ପରାଜିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟ ଲାଗି ଏକ ଟାଣୁଆ ଦଳ ପଠାଇଥିବା ଭାରତ ପକ୍ଷରୁ ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର ଓ ଶିବମ ଦୁବେ ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ପୂର୍ବରୁ ଖେଳାଯାଇଥିବା ମ୍ୟାଚ୍‌ରେ ବାଂଲାଦେଶକୁ ହରାଇ ଶ୍ରୀଲଙ୍କା କାଂସ୍ୟ ପଦକ ବିଜୟୀ ହୋଇଥିଲା।

## ଭାରତର ପୁରୁଷ ହକି ଦଳକୁ ପଞ୍ଚମ ସ୍ୱର୍ଣ୍ଣ ପଦକ



ଏସିଆନ ଗେମ୍ସ ପୁରୁଷ ହକିରେ ପାକିସ୍ତାନ ଓ ଦକ୍ଷିଣ କୋରିଆକୁ ହରାଇଥିବା ମାଲେସିଆ ଫାଇନାଲ ଏହି ସଫଳତା ଦୋହରାଇ ପାରି ନ ଥିଲା। ଆଜି ଖେଳାଯାଇଥିବା ଫାଇନାଲରେ ଭାରତ ୫-୧ ଗୋଲରେ ମାଲେସିଆ ଚ୍ୟାଲେଞ୍ଜକୁ ଉଡାଇଦେବା ସହ ସ୍ୱର୍ଣ୍ଣପଦକ ବଜାୟ ରଖିଥିଲା। ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ହେବା ଫଳରେ ଭାରତୀୟ ଦଳ ୨୦୨୮ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସରେ ଭାଗ ନେବାକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି। ପ୍ରଥମାର୍ଦ୍ଧରେ ୨-୧ ଗୋଲରେ ଆଗୁଆ ଥିବା ଭାରତ ପକ୍ଷରୁ ଅଧିନାୟକ ହରମନପ୍ରୀତ ସିଂହ ପେନାଲ୍ଟି କର୍ଣ୍ଣରୁ ୨ଟି, ଯୁଗରାଜ ସିଂହ, ହାର୍ଦ୍ଦିକ ସିଂହ ଓ ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଅଭିଷେକ, ସୁଖଜିତଙ୍କ ସହ ଶିଳାନନ୍ଦ ଫରୱାର୍ଡରେ ଆଜି ବେଶ ପ୍ରଭାବଶାଳୀ ଖେଳିଥିଲେ।

### ପ୍ରତ୍ୟେକ ଖେଳାଳିଙ୍କୁ ୧୧, ସପୋର୍ଟ ଷ୍ଟାଫ୍‌ଙ୍କୁ ୫.୫ ଲକ୍ଷ

ସ୍ୱର୍ଣ୍ଣ ବିଜୟୀ ମହିଳା ହକି ଦଳ ପରି ଭାରତର ପୁରୁଷ ଦଳକୁ ମଧ୍ୟ ହକି ଇଣ୍ଡିଆ ପକ୍ଷରୁ ପୁରସ୍କାର ଦେବାକୁ ଘୋଷଣା କରାଯାଇଛି। ସ୍ୱର୍ଣ୍ଣବିଜୟୀ ପ୍ରତ୍ୟେକ ଖେଳାଳିଙ୍କୁ ୧୧ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ୫.୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ହକି ଇଣ୍ଡିଆ ପକ୍ଷରୁ ଘୋଷଣା କରାଯାଇଛି। ହକି ବିଜେତା ଭାରତୀୟ ଦଳକୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ଦଳର ସ୍ୱର୍ଣ୍ଣ ବିଜୟ ଅନ୍ୟ ଖେଳାଳିଙ୍କୁ ପ୍ରେରଣା ଯୋଗାଇବ ବୋଲି ସେ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି।

## ତୀରନ୍ଦାଜିରେ କୁମ୍‌କୁମ୍ ଓ ଗଲ୍ଫରେ ପ୍ରଣବୀ ଜିତିଲେ ପ୍ରଥମ ସ୍ୱର୍ଣ୍ଣ



ଚଳିତ ଏସିଆନ ଗେମ୍ସରେ ମହିଳା ଶକ୍ତି ବେଶ ପ୍ରଭାବ ପକାଇଛନ୍ତି। ଆଜି ଖେଳାଯାଇଥିବା ମହିଳା ବିଭାଗର ଇଣ୍ଡିଭିଜୁଆଲ ରିକର୍ଭ ଆର୍ଚରୀରେ ୧୭ ବର୍ଷୀୟା କୁମ୍‌କୁମ୍ ମୋହୋଦ ଓ ମହିଳା ଗଲ୍‌ଫରେ ପ୍ରଣବୀ ଅର୍ସ ପ୍ରଥମ ଭାରତୀୟ ଭାବେ ସ୍ୱର୍ଣ୍ଣପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ଆର୍ଚରୀରେ କୁମ୍‌କୁମ୍ ଲସଏଞ୍ଜେଲ୍ସ ଅଲିମ୍ପିକ୍ସରେ ଭାଗନେବାକୁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି। ଆଜି ଖେଳାଯାଇଥିବା ଫାଇନାଲରେ ସେ ଓ ତାଙ୍କ ଦକ୍ଷିଣ କୋରିଆ ପ୍ରତିଦ୍ୱନ୍ଦ୍ୱୀ ୟେଜିନ ଓ' ସମାନ ପଏଣ୍ଟ ସ୍କୋର କରିଥିଲେ। ପରେ ସୁଟଆଉଟରେ କୁମ୍‌କୁମ୍ ବିଜୟୀ ହେବା ସହ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ପୂର୍ବରୁ ସେ ମଧ୍ୟ ବିଶ୍ୱଚାମ୍ପିଅନ ଚୀନ୍‌ର ଜିଙ୍ଗୟି ଝୁଁଙ୍କୁ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିବା ସହ ଫାଇନାଲରେ ପ୍ରବେଶ କରିଥିଲେ। ସେ ମଧ୍ୟ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସରେ ଭାଗ ନେବାକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ଗତକାଲି କୁମ୍‌କୁମ୍ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ପୁରୁଷ ବିଭାଗରେ କାଂସ୍ୟ ପଦକ ମୁକାବିଲା ଦୁଇ ଭାରତୀୟଙ୍କ ମଧ୍ୟରେ ହୋଇଥିଲା। ଏଥିରେ ଧୀରଜଙ୍କୁ ହରାଇ ନୀରଜ ଚୋହାନ କାଂସ୍ୟ ପଦକ ହାସଲ କରିଥିଲେ।

### ପ୍ରଣବୀଙ୍କୁ ଡବଲ ମେଡାଲ



ମହିଳା ବିଭାଗ ଗଲ୍ଫରେ ଭାରତୀୟଙ୍କୁ ଡବଲ ସଫଳତା ମିଳିଛି। ପ୍ରଣବୀ ଅର୍ସଙ୍କ ନେତୃତ୍ୱରେ ଭାରତ ଡବଲ ମେଡାଲ ଜିତିଛି। ସିଙ୍ଗଲ୍ସରେ ସିଙ୍ଗାପୁରର ଶାନନ ଜୁଆନ ୟିନ୍ ତାନ୍ ଓ ଚୀନର ରୁୟୋନିଙ୍ଗ ୟିନ୍‌ଙ୍କୁ ପଛରେ ପକାଇ ପ୍ରଣବୀ ପ୍ରଥମସ୍ଥାନରେ ରହିବା ସହ ସ୍ୱର୍ଣ୍ଣପଦକ ଜିତିନେଇଥିଲେ। ଉଭୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଗୋଟିଏ ହୋଲ ପଛରେ ପକାଇ ପ୍ରଣବୀ ଏହି ମୁକାବିଲାକୁ ଜିତିନେଇଥିଲେ। ଏହା ପରେ ଅଦିତି ଅଶୋକ, ଦୀକ୍ଷା ଡାଗରଙ୍କୁ ସାଥିକରି ପ୍ରଣବୀ ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଏହା ଫଳରେ ପ୍ରଣବୀଙ୍କୁ ଏହି ଟୁର୍ଣ୍ଣାମେଣ୍ଟରେ ଡବଲ ପଦକ ମିଳିଛି। କିନ୍ତୁ ସ୍ୱର୍ଣ୍ଣ ଆଶାୟୀ ଅଦିତି ଫେଲ୍ ମାରିଛନ୍ତି।

## ରେସଲର ଅମନଙ୍କୁ ସ୍ୱର୍ଣ୍ଣପଦକ



ପ୍ୟାରିସ୍ ଅଲିମ୍ପିକ୍ସରେ କାଂସ୍ୟ ପଦକ ବିଜେତା ଅମନ ଶେରାୱତ ରେସଲିଂରେ ଭାରତ ଲାଗି ଦ୍ୱିତୀୟ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଗତକାଲି ସୁଜିତ କାଲକଲ ପ୍ରଥମ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଆଜି ଖେଳାଯାଇଥିବା ୫୭ କେଜି ଫାଇନାଲରେ ଅମନ ୧୧-୭ ପଏଣ୍ଟରେ ଉତ୍ତର କୋରିଆର ହାନ ଚୋଙ୍ଗ ସଙ୍ଗ୍‌ଙ୍କୁ ପରାସ୍ତ କରିଥିଲେ। ଜୋରଦାର ଲଢ଼େଇ ହୋଇଥିବା ଏହି ମ୍ୟାଚ୍‌ରେ ଅମନ ଶେଷର ୪ ପଏଣ୍ଟ ହାସଲ କରି ମ୍ୟାଚ୍‌କୁ କବ୍‌ଜା କରିନେଇଥିଲେ। ପୁରୁଷ ୯୭ କେଜିରେ ଦୀପକ ପୁନିଆ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲାବେଳେ ସାଗର ପରାଜିତ ହୋଇଥିଲେ।

### ଅନ୍ତିମ ପାଙ୍ଘଲଙ୍କୁ ରୌପ୍ୟ ପଦକ

ମହିଳା ୫୩ କେଜି ବର୍ଗ ଫାଇନାଲରେ ଜାପାନର ମୋଏ କିୟୋକାଙ୍କଠାରୁ ପରାଜିତ ହୋଇ ଭାରତର ଅନ୍ତିମ ପାଙ୍ଘଲ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଏହି ମୁକାବିଲାରେ କିୟୋକାଙ୍କ ବିପକ୍ଷରେ ପାଙ୍ଘଲ ଆଗୁଆ ଥିଲେ ମଧ୍ୟ ଶେଷ ମୂହୂର୍ତ୍ତରେ ପରାଜିତ ହୋଇଛନ୍ତି। ଜାପାନକୁ ସ୍ୱର୍ଣ୍ଣ ଓ ଭାରତକୁ ରୌପ୍ୟ ପଦକ ମିଳିଛି।

## ଅପରାହ୍ଣ ୨ଟା ୩୦ରେ ଉଦ୍‌ଯାପନ ଉତ୍ସବ

ଦୀର୍ଘ ୧୬ ଦିନ ଧରି ଜାପାନର ଆଇଚି-ନାଗୋୟାଠାରେ ଚାଲିଥିବା ଏସିଆନ ଗେମ୍ସର ୨୦ତମ ସଂସ୍କରଣ ଆସନ୍ତାକାଲି ବା ରବିବାର ଉଦ୍‌ଯାପିତ ହେବ। ନାଗୋୟାର ପାଲୋମା ମିଜୁହୋ ଷ୍ଟାଡିୟମ୍‌ରେ ଉଦ୍‌ଯାପନୀ ଉତ୍ସବ ଅପରାହ୍ଣ ୨ଟା ୩୦ ମିନିଟ୍‌ରୁ ଅନୁଷ୍ଠିତ ହେବ। ଏହି ଷ୍ଟାଡିୟମ୍‌ରେ ମଧ୍ୟ ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହୋଇଥିଲା। ଏହି ଉତ୍ସବରେ ଆଥଲେଟମାନେ ଏକତ୍ର ହୋଇ ଆସିବେ। ଏଥିଲାଗି କୌଣସି ନୀତିନିୟମ ବା ପରେଡରେ ଦେଶ ପରେ ଦେଶ ଆସିବାର ନିୟମ ନାହିଁ। କିନ୍ତୁ ଜଣେ ଶ୍ରେଷ୍ଠ ଆଥଲେଟ ନିଜ ଦେଶର ଜାତୀୟ ପତାକା ଧରି ଷ୍ଟାଡିୟମ୍ ଭିତରକୁ ଆସିବେ। ଭାରତ ପକ୍ଷରୁ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତିଥିବା ସୁଟର ନୀରୁ ଧାଣ୍ଡା ଉଦ୍‌ଯାପନୀ ଉତ୍ସବରେ ଜାତୀୟ ପତାକା ଧରିବେ।

ଖେଳାଳିମାନେ ଷ୍ଟାଡିୟମ୍‌ରେ ପ୍ରବେଶ କରିବା ପରେ ଏସିଆନ ଗେମ୍ସ ଆୟୋଜକ କମିଟି ଓ ଅଲିମ୍ପିକ୍ କାଉନ୍ସିଲ ଅଫ୍ ଏସିଆର କର୍ମକର୍ତ୍ତାମାନେ ଆନୁଷ୍ଠାନିକ ଭାବେ କ୍ରୀଡ଼ାବିତ୍‌ଙ୍କୁ ସମ୍ବୋଧିତ କରିବେ ଓ ସମସ୍ତଙ୍କୁ ଧନ୍ୟବାଦ ଦେବେ। ଏହା ପରେ ଆନୁଷ୍ଠାନିକ ଭାବେ ଏହି କ୍ରୀଡ଼ା କୁମ୍ଭକୁ ବନ୍ଦ କରାଯିବ ବୋଲି ଘୋଷଣା କରାଯିବ। କ୍ରୀଡ଼ା ମଶାଲକୁ ଲିଭାଇ ଦିଆଯିବ। ଏହା ପୂର୍ବରୁ ଏସିଆନ ଗେମ୍ସ ପତାକା ପରବର୍ତ୍ତୀ ଆୟୋଜକ ଦେଶ କତାରକୁ ହସ୍ତାନ୍ତର କରାଯିବ। ୨୦୩୦ରେ ୨୧ତମ ଏସିଆନ ଗେମ୍ସ ଦୋହାରେ ଆୟୋଜନ କରାଯିବାକୁ ସ୍ଥିର ହୋଇଛି।

# ତୃତୀୟ ଦିନିକିଆରେ ଭାରତ ପରାସ୍ତ

**ହୋପ୍ ହରାଇଦେଲେ; ଇଣ୍ଡିଜର ସାନ୍ତ୍ୱନାମୂଳକ ବିଜୟ**

ନ୍ୟୁ ଚଣ୍ଡିଗଡ଼, ୩।୧୦ (ଏଜେନ୍ସି): କ୍ରମାଗତ ଦୁଇଟି ମ୍ୟାଚ୍ ହାରିବା ପରେ ଶେଷରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ଦଳ ବିଜୟ ସ୍ୱାଦ ଚାଖିଛି। ଶନିବାର ନ୍ୟୁ ଚଣ୍ଡିଗଡ଼ ଷ୍ଟାଡିୟମରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ଦିନିକିଆ ମ୍ୟାଚରେ ୱେଷ୍ଟଇଣ୍ଡିଜ ୫ ୱିକେଟରେ ଭାରତକୁ ପରାସ୍ତ କରିଛି। ୩୫୨ ରନର ଲକ୍ଷ୍ୟକୁ ପିଛା କରିଥିବା ୱେଷ୍ଟଇଣ୍ଡିଜ ଅଧିନାୟକ ସାଇ ହୋପ୍‌ଙ୍କ ମ୍ୟାଚ୍ ବିଜୟୀ ଦର୍ଶନୀୟ ଶତକୀୟ ପାଳି ବଳରେ ୧୦ଟି ବଲ୍ ବାକିଥାଇ ବିଜୟୀ ହୋଇଥିଲା। ଓପନିଂରୁ ଆସି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିବା ହୋପ୍ ୧୭ଟି ଚୌକା ଓ ୩ଟି ଛକା ବଳରେ ୧୪୩ ବଲରୁ ୧୬୨ ରନ କରିଥିଲେ। ହୋପ୍‌ଙ୍କ ଏହା କ୍ରମାଗତ ଦ୍ୱିତୀୟ ଶତକ। ଦ୍ୱିତୀୟ ମ୍ୟାଚରେ ମଧ୍ୟ ୧୦୪ ରନର ଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆମିର ଜାଙ୍ଗୋ (୬୭), କେମୋ ପଲ୍ (୪୪ ରନ) ଅଧିନାୟକ ହୋପଙ୍କୁ ଉପଯୁକ୍ତ ସାଥ୍ ଦେଇଥିଲେ। ଭାରତ ପକ୍ଷରୁ ମହମ୍ମଦ ସିରାଜ, ଗୁରନୁର ବ୍ରାର, କୁଲଦୀପ୍ ଯାଦବ ଓ ନମନ ଧୀରଙ୍କୁ ଗୋଟିଏ ଲେଖାଏ ୱିକେଟ୍ ମିଳିଥିଲା।

ପୂର୍ବରୁ ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଭାରତ ଲୋକେଶ ରାହୁଲଙ୍କ ଦ୍ରୁତ ଅପରାଜିତ ଶତକୀୟ ପାଳି ବଳରେ ୭ ୱିକେଟରେ ୩୫୧ ରନର ବିଶାଳ ସ୍କୋର କରିଛି। ନିଜର ଏହି ୮ମ ଦିନିକିଆ ଶତକୀୟ ପାଳିରେ ରାହୁଲ ୮୭ ବଲରୁ ୧୨୯ (୬ ଛକା ଓ ୧୦ ଚୌକା ) ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଓପନର୍ ରୋହିତ୍ ଶର୍ମା ୮୫ ବଲରୁ ୯୨ ରନ ଓ ଋତୁରାଜ ଗାଏକ୍‌ୱାଡ ୬୯ ବଲରେ ୫୭ ରନ କରିଥିଲେ। ତେବେ ଗତ ମ୍ୟାଚର ଦ୍ୱିଶତକ ହାସଲକାରୀ ଶୁବମନ ଗିଲ୍ ୧ ଓ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି 'ଗୋଲ୍ଡେନ ଡକ୍'ର ସମ୍ମୁଖୀନ ହୋଇଥିଲେ। ପରାଜୟ ସତ୍ତ୍ୱେ ପ୍ରଥମ ଦୁଇଟି ମ୍ୟାଚ୍ ଜିତିଥିବା ଭାରତ ୨-୧ରେ ସିରିଜ ବିଜୟୀ ହୋଇଛି। ଦୁଇ ଦଳ ମଧ୍ୟରେ ପାଞ୍ଚ ମ୍ୟାଚବିଶିଷ୍ଟ ଟି-୨୦ ସିରିଜ ଅକ୍ଟୋବର ୬ ତାରିଖରୁ ଆରମ୍ଭ ହେବ।



**ପୁରୀ କୋଷ୍ଟାଲ ମାରାଥନର ପଦକ ଓ ଜର୍ସି ଉନ୍ମୋଚିତ**

# ଗତ ୨୦ ବର୍ଷରେ ଓଡ଼ିଶାର ବିକାଶକୁ କପିଳଙ୍କ ପ୍ରଶଂସା



ଭୁବନେଶ୍ୱର, ୩।୧୦ (ସମିସ)

ପୁରୀ କୋଷ୍ଟାଲ ମାରାଥନ ଡିସେମ୍ବର ୧୩ରେ ଅନୁଷ୍ଠିତ ହେବ। ଏହି ଅବସରରେ ମାରାଥନର ପଦକ ଓ ଜର୍ସି ଉନ୍ମୋଚିତ ହୋଇଯାଇଛି। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଶନିବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ୧୯୮୩ ବିଶ୍ୱକପ୍ ବିଜେତା ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ କପିଳ ଦେବ, ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ଦିଲିପ ତିର୍କୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରମୁଖ ଅତିଥିଭାବରେ ଯୋଗ ଦେଇଥିଲେ। ମାରାଥନରେ ଏଥର ୪ଟି ବର୍ଗରେ (୪୨ କିମି, ୨୧ କିମି, ୧୦କିମି ଓ ୫ କିମି) ମୋଟ୍ ୧ କୋଟି ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ସ୍ୱତନ୍ତ୍ର ଅତିଥିଭାବରେ ଯୋଗ ଦେଇଥିବା କପିଳ ଦେବ ଏହି ଅବସରରେ ପରୋକ୍ଷରେ ଗତ ନବୀନ ସରକାରଙ୍କ ଭିତ୍ତିଭୂମି ବିକାଶକୁ ଭୂୟସୀ ପ୍ରଶଂସା କରିଛନ୍ତି। କପିଳ କହିଥିଲେ ଯେ ବିମାନବନ୍ଦରରୁ ଆରମ୍ଭ କରି ଷ୍ଟାଡିୟମ ପର୍ଯ୍ୟନ୍ତ; ଗତ ୨୦ ବର୍ଷ ମଧ୍ୟରେ ଓଡ଼ିଶାର ଭିତ୍ତିଭୂମିରେ ଅବିଶ୍ୱସନୀୟ ଉନ୍ନତି ଘଟିଛି। ସେହିଭଳି ଜାତୀୟ ହକି ଦଳର ପ୍ରାୟୋଜକ ଭାବରେ ଓଡ଼ିଶା ସରକାର ଏକ ପ୍ରଶଂସନୀୟ ପଦକ୍ଷେପ ଆରମ୍ଭ କରିଥିଲେ। ଯାହାର ଫଳସ୍ୱରୂପ ଆଜି ଏସିଆନ ଗେମ୍ସ ହକିରେ ଆମେ ସ୍ୱର୍ଣ୍ଣିମ ସଫଳତା ପାଇଛୁ। ଆହୁରି ଅଧିକରୁ ଅଧିକ ଷ୍ଟାଡିୟମ ନିର୍ମାଣ ହେବା ସହ ଓଡ଼ିଶା ଦିନେ ଦେଶର ସ୍ପୋର୍ଟ ସିଟିର ଆଖ୍ୟା ଅର୍ଜନ କରୁ ବୋଲି ଏହି କିମ୍ବଦନ୍ତୀ ଅଲରାଉଣ୍ଡର କହିଛନ୍ତି।

# ବ୍ରାଜିଲ ବିପକ୍ଷ ଐତିହାସିକ ମ୍ୟାଚରେ ଭାରତ ନିରାଶ



କୋଲକାତା, ୩।୧୦ (ଏଜେନ୍ସି): ପାଞ୍ଚଥରର ଫିଫା ବିଶ୍ୱକପ୍ ଚାମ୍ପିଅନ ବ୍ରାଜିଲ ବିପକ୍ଷରେ ଶନିବାର ସ୍ଥାନୀୟ ବିବେକାନନ୍ଦ ଯୁବା ଭାରତୀ କ୍ରୀଡ଼ାଙ୍ଗନରେ ଖେଳାଯାଇଥିବା ଐତିହାସିକ ଫୁଟବଲ୍ ମ୍ୟାଚ୍‌ରେ ଭାରତକୁ ପରାଜୟର ସାମ୍ନା କରିବାକୁ ପଡ଼ିଛି। ଫିଫା ମାନ୍ୟତାର ୬ଷ୍ଠ ସ୍ଥାନରେ ଥିବା ଶକ୍ତିଶାଳୀ ବ୍ରାଜିଲ ଏହି ମ୍ୟାଚକୁ ୪-୦ ଗୋଲରେ ଏକପାଖିଆ ଭାବରେ ଜିତିନେଇଛି। ବିଜୟୀ ବ୍ରାଜିଲ ପକ୍ଷରୁ ସାମୁଏଲ୍ ଲିନୋ ଡବଲ୍ ଗୋଲ୍ ଦେଇଥିଲେ। ସେ ମ୍ୟାଚର ୫୮ତମ ଓ ଇଞ୍ଜୁରୀ ଟାଇମ୍ (୯୦+୫)ରେ ଅନ୍ୟ ଗୋଲସ୍କୋର କରିଥିଲେ। ଏହାପୂର୍ବରୁ ପ୍ରଥମାର୍ଦ୍ଧର ୨୮ତମ ମିନିଟରେ ଯୁବ ୱିଙ୍ଗର ଏଷ୍ଟିଭାଓ ୱିଲିଆନ ଦଳ ପାଇଁ ପ୍ରଥମ ଗୋଲ୍ ଦେଇ ଖାତା ଖୋଲିଥିଲେ। ଏହାର ୧୪ ମିନିଟ୍ ପରେ ତାରକା ଷ୍ଟ୍ରାଇକର ପେଡ୍ରୋ ବ୍ରାଜିଲ ପାଇଁ ଦ୍ୱିତୀୟ ଗୋଲ୍ ଦେଇଥିଲେ। ବିଶ୍ୱର ୧୩୮ତମ ମାନ୍ୟତାପ୍ରାପ୍ତ ଘରୋଇ ଭାରତୀୟ ଦଳ ଲଢୁଆ ପ୍ରଦର୍ଶନ କରିଥିଲେ ମଧ୍ୟ ପୋଜେସନ, ସଟ୍ ଅନ୍ ଟାର୍ଗେଟ ଓ ସଟ୍ ସମସ୍ତ କ୍ଷେତ୍ରରେ ପଛୁଆ ରହିଥିଲା। ଉଲ୍ଲେଖଯୋଗ୍ୟ ଫୁଟବଲ ଇତିହାସରେ ଭାରତ ପ୍ରଥମଥର ଲାଗି ବ୍ରାଜିଲ ସହ ମ୍ୟାଚ୍ ଖେଳିଥିଲା। ଅବସର ନେଇସାରିଥିବାରୁ ବ୍ରାଜିଲ ତାରକା ନେମାରଙ୍କୁ ଏହି ମ୍ୟାଚରେ ପ୍ରଶଂସକ ଦେଖିବାକୁ ପାଇ ନ ଥିଲେ। ଭାରତୀୟ ଫୁଟବଲ ଦଳ ଏବେ ସମାନ ଭେନ୍ୟୁରେ ଅକ୍ଟୋବର ୬ ତାରିଖରେ ଦୁଇଥରର ବିଶ୍ୱବିଜେତା ଉରୁଗୁଏ ସହ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି।

# ଇରାନୀ କପ୍‌ରେ ରବିଚନ୍ଦ୍ରନ୍‌ଙ୍କ ଶତକ

ଶ୍ରୀନଗର, ୩।୧୦ (ଏଜେନ୍ସି): ରଣଜୀ ଟ୍ରଫି ଚାମ୍ପିଅନ ଜମ୍ମୁ-କାଶ୍ମୀର ବିପକ୍ଷରେ ଏଠାରେ ଚାଲିଥିବା ଇରାନୀ କପ୍‌ରେ ଅବଶିଷ୍ଟ ଭାରତ ଦୃଢ଼ ବ୍ୟାଟିଂ କରିଛି। ୪୧ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଅବଶିଷ୍ଟ ଭାରତ ଶନିବାର ତୃତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୯୪ ଓଭରରେ ୮ ୱିକେଟ ହରାଇ ୩୦୬ ରନ ସଂଗ୍ରହ କରିଛି। ମଧ୍ୟକ୍ରମ ବ୍ୟାଟର୍ ସ୍ମରଣ ରବିଚନ୍ଦ୍ରନ ୧୨୬ ରନର ଶତକୀୟ ପାଳି ଖେଳି କ୍ରିଜରେ ଅପରାଜିତ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଋଷଭ ପନ୍ତ ୮, ମାନବ ସୁତାର ୧୬, ସାରାଂଶ ଜୈନ ୨୫, ସୁଦୀପ ଘରାମୀ ୩୩, ଓପନର୍ ସନତ ସାଙ୍ଗୱନ ୫୫ ରନର ପାଳି ଖେଳିଥିଲେ। ଘରୋଇ ଜମ୍ମୁ-କାଶ୍ମୀର ପକ୍ଷରୁ ଉମର ନାସିର ମିର ଓ ସାହିଲ ଲୋତ୍ରା ୩ଟି ଲେଖାଏ ୱିକେଟ ନେଇଛନ୍ତି। ଦ୍ୱିତୀୟ ପାଳିରେ ୨ଟି ୱିକେଟ ବଳକା ଥାଇ ଅବଶିଷ୍ଟ ଭାରତ ମୋଟ୍ ଉପରେ ୨୬୫ ରନରେ ଅଗ୍ରଣୀ ହାସଲ କରିଛି। ମ୍ୟାଚ୍ ଆହୁରି ଦୁଇଦିନ ବାକିଥିବାରୁ ଫଳାଫଳ ବାହାରିବା ନିଶ୍ଚିତ ହୋଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY